ବର୍ଷ-୨୪, ସଂଖ୍ୟା-୨୬୬
ଭୁବନେଶ୍ୱର
୨୯ ଅକ୍ଟୋବର, ୨୦୨୪ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 266
Bhubaneswar
29 October, 2024 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ସୋସିଆଲ୍ ମିଡିଆରେ ଘୁରି ବୁଲୁଛି ସାଇ ପଲ୍ଲବୀଙ୍କ ବିବାଦୀୟ ବୟାନର ଭିଡ଼ିଓ

# ଦୁର୍ନୀତିଗ୍ରସ୍ତଙ୍କୁ ଛଡ଼ାଯିବନି



- ଏବେ ଟ୍ରେଲର ଚାଲିଛି, ଆଗକୁ ଫିଲ୍ମ ବାକି ଅଛି
- ବିଜେପି ସରକାରରେ ସଶକ୍ତ ହୋଇଛି ଭିଜିଲାନ୍ସ ବିଭାଗ
- ପ୍ରତିଷ୍ଠା ହେବ ଫରେନସିକ ବିଜ୍ଞାନ ପରୀକ୍ଷାଗାର
- ଦୁର୍ନୀତିଖୋରଙ୍କ ପାଇଁ ଦୁଇଟି ସ୍ଥାନ ଜେଲ୍ ଅଥବା ବିଦେଶ
- ୫-ଟି କୁ କଟାକ୍ଷ : ପୂର୍ବରୁ ତଦନ୍ତକାରୀଙ୍କ ହାତ ବନ୍ଧା ଥିଲା
- ୧୪୦ ଦିନରେ ୬ ମୁଖ୍ୟମନ୍ତ୍ରୀ ଗିରଫ

**ଭୁବନେଶ୍ୱର,୨୮।୧୦(ମହାଭାରତ):** ଆଜି ଭୁବନେଶ୍ୱର ଲୋକସେବା ଭବନ କନ୍‌ଭେନ୍‌ସନ ହଲ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ୨୦୨୪ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବ ସରକାରଙ୍କୁ ଟାର୍ଗେଟ କରିବା ସହ ଦୁର୍ନୀତିଖୋର ଅଧିକାରୀଙ୍କୁ ବି ଚେତାଇ ଦେଇଛନ୍ତି। ଏଥିସହ ଦୁର୍ନୀତିକୁ ଦୃଢ ଭାବେ ବିରୋଧ କରିବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦୁର୍ନୀତି ହେଉଛି ଭୟଙ୍କର ମଧୁମେହ ରୋଗ ସଦୃଶ୍ୟ। ଦୁର୍ନୀତିର କୁପ୍ରଭାବ ପ୍ରଥମେ ଜଣା ପଡିବ ନାହିଁ, ଧିରେ ଧିରେ ଏହା ବ୍ୟକ୍ତିଗତ ସ୍ତରରେ ଓ ସମାଜ ସ୍ତରରେ ଭୟଙ୍କର କୁପ୍ରଭାବ ପକାଇଥାଏ। ଭାରତୀୟ ସମାଜରେ ଦୁର୍ନୀତିର କୁପ୍ରଭାବ ଯେ କେତେ ଥିଲା, ଏହା ଜାଣିବାକୁ ରକେଟ ବିଜ୍ଞାନର ଜ୍ଞାନ ଆବଶ୍ୟକତା ନାହିଁ। ଏ ଦେଶର ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ନିଜେ ଗୋଟିଏ ସାଧାରଣ ସଭାରେ କହିଥିଲେ ଯେ ମୁଁ ଦିଲ୍ଲୀରୁ ଗୋଟିଏ ଟଙ୍କା ପଠାଇଲେ ହିତାଧିକାରୀ ମାତ୍ର ୧୫ ପଇସା ପାଉଛି। ଏଠାରେ ପ୍ରଶ୍ନ ହୁଏ, ଯେ ବାକି ୮୫ ପଇସା କାହା ପକେଟକୁ ଯାଉଥିଲା।ଏହାର ଉତ୍ତର ଆପଣମାନେ ସମସ୍ତେ ଜାଣିଛନ୍ତି ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଦୁର୍ନୀତି ନିବାରଣ ବିଭାଗର ଆଜି ଦୋଷୀ ସାବ୍ୟସ୍ତ ହାର ୫୦ ପ୍ରତିଶତରୁ ଅଧିକ ଏବଂ ଆୟବର୍ହିଭୁତ ଦୋଷୀ ସାବ୍ୟସ୍ତ ହାର ୮୦ ପ୍ରତିଶତରୁ ଅଧିକ। ଆମ ସରକାର ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି ଓ ମାନବ ସମ୍ବଳ ବୃଦ୍ଧି କରି ଓଡିଶା ଭିଜିଲାନ୍ସକୁ ସୁଦୃଢ କରିବା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ଭିଜିଲାନ୍ସ ବିଭାଗ ପାଇଁ ୮ଟି ନୂତନ ଅତିରିକ୍ତ ଏସ୍‌ପି ପଦବୀ ଓ ୨୪ ଟି ନୂତନ ଡିଏସ୍‌ପି ପଦବୀ ବୃଦ୍ଧି କରାଯିବ। ଏସବୁ ପଦବୀ ଗୁଡିକ ଭିଜିଲାନସ ବିଭାଗର ତଦନ୍ତ ଅନୁସନ୍ଧାନ, ତଦାରଖ ଓ ଦୁର୍ନୀତି ମାମଲାର ବିଚାର ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବ ତଦନ୍ତ ଏବଂ ଅନୁସନ୍ଧାନରେ ସହାୟତା କରିବା ପାଇଁ ୧୬ ଜଣ ସବ୍‌ଇନସିପେକ୍ଟରଙ୍କୁ ମଧ୍ୟ ନିୟୋଜିତ କରାଯିବ। ଏହା ସହିତ ଆଗାମୀ ଦିନରେ ୨୪ ଜଣ ଚାର୍ଟାର୍ଡ ଆକାଉଣ୍ଟାଟ ଓ ବ୍ୟାଙ୍କିଙ୍ଗ ଓ ସାଇବର ବିଶେଷଜ୍ଞ ମଧ୍ୟ ବିଭାଗରେ ଅନ୍ତର୍ଭୁକ୍ତ ହେବା ପାଇଁ ଅନୁମୋଦନ ହୋଇଛ। ଭିଜିଲାନ୍ସ ଟିମର ଗତିଶୀଳତା ବୃଦ୍ଧି କରିବା ପାଇଁ ୧୩୫ଟି ନୂତନ ମୋଟରସାଇକେଲ, ୧୫୦ଟି ନୂତନ ଡେସ୍କଟପ/ଲାପଟପ ଯୋଗାଇ ଦିଆଯିବ। ଏଥି ସହିତ ରାଜ୍ୟ ଫରେନସିକ ବିଜ୍ଞାନ ପରୀକ୍ଷାଗାର ନିର୍ଦ୍ଦେଶାଳୟ ମଧ୍ୟରେ ପ୍ରତିଷ୍ଠା କରାଯିବ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ୨୦୧୪ରେ ଯେତେବେଳେ ପ୍ରଥମଥର ପାଇଁ ପାଇଁ ପ୍ରାର୍ଥୀ କରିଥିଲେ ସେ ସମୟରେ ଚାଲିଥିବା ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ବିଭିନ୍ନ ଦୁର୍ନୀତି ଓ ସ୍କାମ୍‌ରେ ଗୋଡରୁ ମୁଣ୍ଡ ପର୍ଯ୍ୟନ୍ତ ଦେଶ ବୁଡି ରହିଥିଲା। ସାଧାରଣ ଜନତା ଏହି ଦୁର୍ନୀତିର ଭାରରେ ଅଣନିଶ୍ୱାସୀ ହୋଇଯାଇଥିଲେ।

୨୦୧୪ରେ ଶାସନ ଡୋରୀ ହାତକୁ ନେବା ପରେ ପ୍ରଧାନମନ୍ତ୍ରୀ ପ୍ରଥମ ଦିନରୁ ହିଁ ଆରମ୍ଭ କରିଦେଇଥିଲେ ଦୁର୍ନୀତି ବିରୋଧରେ ମହାସଂଗ୍ରାମ ଯାହା ଆଜିବି ଚାଲୁ ରହିଅଛି। ପ୍ରଧାନମନ୍ତ୍ରୀଙ୍କ ଦୁର୍ନୀତି ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ବଳରେ ଆଜି ଦିଲ୍ଲୀରୁ ଯେଉଁ ସହାୟତା ରାଶି ହିତାଧିକାରୀଙ୍କ ପାଖକୁ ଆସୁଛି ଏହା ସମ୍ପୂର୍ଣ୍ଣ ରୂପେ ହିତାଧିକାରୀଙ୍କ ଖାତାରେ ପହଞ୍ଚୁଛି। ପ୍ରଧାନମନ୍ତ୍ରୀଙ୍କ ଡିବିଟି ମାଧ୍ୟମ ହେଉଛି ଦୁର୍ନୀତିକୁ ରୋକିବା ପାଇଁ ପ୍ରମୁଖ ଅସ୍ତ୍ର। ଆଜି ଦୁର୍ନୀତିଖୋର ଯେତେ ବଡ ହୋଇଥାଉ ନା କାହିଁକି ତା ପାଇଁ ଦୁଇଟି ସ୍ଥାନ ରହିଛି ଜେଲ୍ ଅଥବା ବିଦେଶ। ବିଦେଶରେ ବି ସେମାନେ ସୁରକ୍ଷିତ ନୁହନ୍ତି। ■ପୃଷ୍ଠା-୬

# ଗୁଜରାଟରେ ଟାଟା ଏୟାରକ୍ରାଫ୍ଟ କମ୍ପ୍ଲେକ୍ସ ଉଦ୍‌ଘାଟିତ



**ଅହମ୍ମଦାବାଦ,୨୮।୧୦(ମହାଭାରତ):** ଗୁଜରାଟର ଭଦୋଦରାରେ ଯୁଦ୍ଧ ବିମାନ ଉତ୍ପାଦନ ପ୍ଲାଣ୍ଟଉଦଘାଟିତ ହୋଇଛ। ସ୍ପେନ୍ ଏୟାରବେସର ସହଯୋଗରେ ଟାଟା ଏୟାରକ୍ରାଫ୍ଟ କମ୍ପ୍ଲେକ୍ସରେ ଏହି ପ୍ଲାଣ୍ଟ ଉଦଘାଟିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ ଆଜି ଏହି ଏୟାରକ୍ରାଫ୍ଟ ପ୍ଲାଣ୍ଟର ଉଦଘାଟନ କରିଛନ୍ତି। ଭଦୋଦରାରେ ଥିବା ଟାଟା ଏୟାରକ୍ରାଫ୍ଟ କମ୍ପ୍ଲେକ୍ସରେ ସ୍ପେନର ଏୟାରବସ୍ ସହଯୋଗରେ ସି-୨୯୫ ଯୁଦ୍ଧ ବିମାନ ନିର୍ମାଣ କରାଯିବ। ୨୦୩୧ ସୁଦ୍ଧା ଏଠାରେ ୪୦ଟି ସି-୨୯୫ ବିମାନ ଉତ୍ପାଦନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଭାରତର ପ୍ରତିରକ୍ଷା କ୍ଷମତାକୁ ଦୃଢ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି।

ଆଜି ଭଦୋଦରାରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି ସମ୍ବୋଧିତ କରି କହିଛନ୍ତି, ବିମାନ ଉତ୍ପାଦନ କ୍ଷମତା ଭାରତ-ସ୍ପେନ ସମ୍ପର୍କକୁ ମଜବୁତ କରିବ। ଆଜିଠାରୁ ଆମେ ଭାରତ ଏବଂ ସ୍ପେନର ସହଭାଗିତାକୁ ଏକ ନୂତନ ଦିଗ ଦେଉଛୁ। ସି-୨୯୫ ବିମାନର ଉତ୍ପାଦନ କାରଖାନା ଉଦଘାଟନ ହୋଇଛି। ଏହି କାରଖାନା ଭାରତ-ସ୍ପେନ୍ ସମ୍ପର୍କକୁ ମଜବୁତ କରିବା ସହ 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦି ୱାର୍ଲ୍ଡ' ମିଶନକୁ ସହଯୋଗ କରିବ।

ସେହିପରି ସଞ୍ଚେଜ କହିଛନ୍ତି, ଏହି ବିମାନ ସ୍ପେନ ଏବଂ ୟୁରୋପୀୟ ଏରୋନେଟିକାଲ ଇଣ୍ଡଷ୍ଟିର ପ୍ରତୀକୟ ଏହା ଭାରତର ପ୍ରତିରକ୍ଷା କ୍ଷମତାକୁ ଆଧୁନିକୀକରଣ କରିବାରେ ସହଯୋଗ କରିବା ସହିତ ବୈଷୟିକ କ୍ଷେତ୍ରର ବିକାଶ ମଧ୍ୟ କରିବ। ବିଶେଷ କରି ଗୁଜରାଟ ବାସିନ୍ଦାଙ୍କ ପାଇଁ ଏହା ଲାଭବାନ ହେବ।

ଏୟାରବସ୍ ସି-୨୯୫ ହେଉଛି ଏକ ମଧ୍ୟମ ଟେକ୍ନିକାଲ୍ ପରିବହନ ବିମାନ। କାର୍ଗୋଠାରୁ ସୈନିକ ପର୍ଯ୍ୟନ୍ତ ସବୁ ପରିବହନ ପାଇଁ ଏହାକୁ ବ୍ୟବହାର କରାଯାଇପାରିବ। ପରିବହନ, ପାରାଚ୍ୟୁଟ୍ ଡ୍ରପିଂ, ଇଲେକ୍ଟ୍ରୋନିକ୍ ସିଗ୍ନାଲ୍ ଇଣ୍ଟେଲିଜେନ୍ସ ■ପୃଷ୍ଠା-୬

# ଆଜିଠୁ ଆୟୁଷ୍ମାନ ଭାରତ ପାର୍ଟ-୨

**ଭୁବନେଶ୍ୱର,୨୮।୧୦(ମହାଭାରତ):** ଧନ୍ୱନ୍ତରୀ ଜୟନ୍ତୀ ଓ ନବମ ଆୟୁର୍ବେଦ ଦିବସ ଅବସରରେ ଆସନ୍ତାକାଲି ମଧ୍ୟାହ୍ନ ୧୨ଟା ୩୦ରେ ନୂଆଦିଲ୍ଲୀର ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ ଆୟୁର୍ବେଦ (ଏଆଇଆଇଏ)ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାସ୍ଥ୍ୟ କ୍ଷେତ୍ରରେ ୧୨,୮୫୦ କୋଟି ଟଙ୍କାର ବହୁମୁଖୀ ପ୍ରକଳ୍ପର ଶୁଭାରମ୍ଭ, ଉଦଘାଟନ ଏବଂ ଶିଳାନ୍ୟାସ କରିବେ। ଏଥିରେ ଓଡ଼ିଶା ମଧ୍ୟ ଉପକୃତ ହେବ। ଏହି କାର୍ଯ୍ୟକ୍ରମରେ ଭିସି ଜରିଆରେ ଉପସ୍ଥିତ ରହିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ।

ଆସନ୍ତାକାଲି ସାରା ଦେଶରେ ଆରମ୍ଭ ହେବ ଆୟୁଷ୍ମାନ ଭାରତ ପାର୍ଟ-୨। ୭୦ ବର୍ଷରୁ ଅଧିକ ସମସ୍ତ ବରିଷ୍ଠ ନାଗରିକଙ୍କୁ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ମିଳିବ ସ୍ୱାସ୍ଥ୍ୟ ବୀମା। କିନ୍ତୁ ଓଡ଼ିଶାରେ ଏହି ଯୋଜନା କାର୍ଯ୍ୟକାରୀରେ ହେବାରେ ସାମାନ୍ୟ ବିଳମ୍ବ ହେବ। କାରଣ ଏଯାଏ ରାଜ୍ୟରେ ଆୟୁଷ୍ମାନ ଭାରତ ପାଇଁ ମୋଡାଲିଟି ସ୍ଥିର ହୋଇନାହିଁ। ସେହିପରି ରାଜ୍ୟରେ ଆଉ ୩ ପ୍ରକଳ୍ପର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

ଏ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଆସନ୍ତାକାଲି ଆୟୁଷ୍ମାନ ଭାରତ ପାର୍ଟ-୨ ଲଞ୍ଚ ହେବା ପରେ ଓଡ଼ିଶା ଏହାକୁ କେବଳ ନୀତିଗତ ଭାବେ ଗ୍ରହଣ କରିବ। କିନ୍ତୁ ଚଳିତ ଆର୍ଥିକ ବର୍ଷ ଶେଷ ଆଡକୁ ଯୋଜନା ଲାଗୁ ହୋଇପାରେ। ଏଥିପାଇଁ ସରକାର ପ୍ରସ୍ତୁତି ଚଳାଇଛନ୍ତି। ଖୁବଶୀଘ୍ର ମୋଡାଲିଟି ପ୍ରସ୍ତୁତ ହେବ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ ସରିଛି। କେନ୍ଦ୍ର ସରକାରଙ୍କ ସହ ମଧ୍ୟ ଆଲୋଚନା କରାଯାଇଛି। ଉଭୟ ଆୟୁଷ୍ମାନ ଭାରତ ଓ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଆରୋଗ୍ୟ ଯୋଜନା ପାଇଁ ଗୋଟିଏ କାର୍ଡ ରହିବ। ପ୍ରାୟ ୧ କୋଟି ପରିବାର ଏହି ନୂଆ କାର୍ଡ ପାଇବେ। ■ପୃଷ୍ଠା-୬

# ସେନାର ଅପରେସନ୍ କିଲ୍

## ଏନକାଉଣ୍ଟରରେ ୩ ଆତଙ୍କୀ ମୃତ



**ଜାମ୍ମୁ,୨୮।୧୦(ମହାଭାରତ):** ନିକଟରେ ଯବାନଙ୍କ ଗାଡି ଉପରେ ଆତଙ୍କବାଦୀଙ୍କ ଅତର୍କିତ ଆକ୍ରମଣର ବଦଲା ନେଇଛି ଭାରତୀୟ ସେନା। ଆଜି ଆତଙ୍କବାଦୀମାନେ ଏକ ସେନା ଆମ୍ବୁଲାନ୍ସକୁ ଟାର୍ଗେଟ କରି ଜିଲ୍ଲାର ଅଖନୁର ଉପଜିଲ୍ଲା ବାଟାଲରେ ଗୁଳି ଚଳାଇଥିଲେ। ପରେ ସର୍ଚ୍ଚ ଅପରେସନ ସମୟରେ ଏନକାଉଣ୍ଟର ହୋଇଥିଲା ଯେଉଁଥିରେ ସୁରକ୍ଷା ବାହିନୀ ୩ ଜଣ ଆତଙ୍କବାଦୀଙ୍କୁ ହତ୍ୟା କରିଥିଲେ। ସୁରକ୍ଷା ବାହିନୀ ବର୍ତମାନ ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି।

ସୂଚନାନୁସାରେ, ଆଜି ସକାଳ ପ୍ରାୟ ୭ ଟାରେ ତିନିଜଣ ଆତଙ୍କବାଦୀ ଏକ ସେନା ଆମ୍ବୁଲାନ୍ସ ଉପରେ ଆକ୍ରମଣ କରିଥିଲେ। ଅଖନୋରର ବଟ୍ଟାଲ ଗାଁର ଶିବ ମନ୍ଦିର ନିକଟରେ ଲୁଚି ବସିଥିବା ତିନିଜଣ ଆତଙ୍କବାଦୀ ସେନା ଗାଡିରେ ଗୁଳି ଚଳାଇଥିଲେ। ଏହା ପରେ ଏହି ଅଂଚଳରେ ଏକ ବଡ଼ ଧରଣର ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଥିଲା । ସର୍ଚ୍ଚ ଅପରେସନ୍ ସମୟରେ ଆତଙ୍କବାଦୀ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ଏକ ଏନକାଉଂଟର ହୋଇଥିଲା ଯେଉଁଥିରେ ତିନି ଜଣ ଆତଙ୍କବାଦୀ ■ପୃଷ୍ଠା-୬

# ଦୀପାବଳି ପାଳନ ନେଇ ଦ୍ୱନ୍ଦ୍ୱରେ ଜନସାଧାରଣ

**ଭୁବନେଶ୍ୱର,୨୮।୧୦(ମହାଭାରତ):** ରାଜ୍ୟରେ ପ୍ରଚଳିତ ଭିନ୍ନ ଭିନ୍ନ ପଞ୍ଜିକା ଓ କ୍ୟାଲେଣ୍ଡରରେ କାଳୀପୂଜା, ଦୀପାବଳି ଓ ପୟାଶ୍ରାଦ୍ଧପର୍ବ ପାଳନର ଦିନ ଅଲଗା ଅଲଗା ଥିବାରୁ ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟ ଦେଖାଦେଇଛି ଦ୍ୱନ୍ଦ୍ୱ। ରାଜ୍ୟର କିଛି ଭାଗରେ ଲୋକେ ଅକ୍ଟୋବର ୩୧ ଗୁରୁବାର ହିଁ କାଳୀପୂଜା ସାଙ୍ଗକୁ ଦୀପାବଳି ଓ ପୟାଶ୍ରାଦ୍ଧ ପାଳନ କରିବାକୁ ଯାଉଛନ୍ତି। ଦୀପାବଳି ଓ ପୟାଶ୍ରାଦ୍ଧର ଭିନ୍ନ ତିଥିକୁ ନେଇ ସ୍ପଷ୍ଟ ମତ ରଖିଛନ୍ତି ବରିଷ୍ଠ ଜ୍ୟୋର୍ତିବିଦ୍, ପଣ୍ଡିତ ତଥା ପଞ୍ଜିକା ଗଣନାକାରୀ ପୁରୀର ପଣ୍ଡିତ ହରିଶଙ୍କର ମିଶ୍ର। ମିଶ୍ରଙ୍କ ମତ, ଯେଉଁଦିନ ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତକୁ ଅମାବାସ୍ୟା ତିଥି ଥାଏ, ସେହିଦିନ ପାଳନ ହୁଏ ଦୀପାବଳି। ଏ ବର୍ଷ ଅକ୍ଟୋବର ୩୧ ତାରିଖ ଗୁରୁବାର ଦିନ ୩ଟା ୪୫ରେ ଅମାବାସ୍ୟା ତିଥି ପ୍ରବେଶ କରୁଛି। ଗୁରୁବାର ରାତିରେ ଅମାବାସ୍ୟା ତିଥି ରହୁଥିବାରୁ ସେହିଦିନ କାଳୀପୂଜା ପାଳନ କରାଯିବା ବିଧେୟ। ଏହାର ପରଦିନ ଅର୍ଥାତ ନଭେମ୍ବର ୧ରେ ଅମାବାସ୍ୟା ତିଥି ଉଭୟ ସକାଳ ଓ ସଂଧ୍ୟାରେ ଥିବାରୁ ସେଦିନ ପାଳନ ହେବ। ପୟାଶ୍ରାଦ୍ଧ ଓ ଦୀପାବଳି ଉତ୍ସବ। ପୁରୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଜ୍ୟୋତିଷ ବିଷାରଦଗଣ ସମାନ ମତ ପୋଷଣ କରିଥିଲେ ବି ପୟାଶ୍ରାଦ୍ଧ ଉତ୍ସବକୁ ଉଭୟ ଅକ୍ଟୋବର ୩୧ ଏବଂ ନଭେମ୍ବର ୧ରେ ପାଳନ କରାଯାଇପାରିବ ବୋଲି ମତ ରଖିଛନ୍ତି। କିନ୍ତୁ ୧ ତାରିଖରେ ପୟାଶ୍ରାଦ୍ଧ ପାଳନ ଓ ପିତୃପୁରୁଷଙ୍କୁ ଦୀପଦାନ ଅଧିକ ଫଳପ୍ରଦ ବୋଲି ମତ ପ୍ରକାଶ ପାଇଛି।ଶ୍ରୀମନ୍ଦିରରେ ୧ ତାରିଖ ଶୁକ୍ରବାର ଦିନ ପାଳନ ହେବ ଦୀପାବଳି ଅମାବାସ୍ୟା।

# ଖୁବ ଶୀଘ୍ର ମିଳିବ 'ସୁଭଦ୍ରା' ତୃତୀୟ କିସ୍ତି

**ଭୁବନେଶ୍ୱର, ୨୮।୧୦(ମହାଭାରତ) :** ଖୁବ ଶୀଘ୍ର ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏ ନେଇ ଖୁବ ଶୀଘ୍ର ତାରିଖ ମଧ୍ୟ ଘୋଷଣା କରାଯିବ। ସେ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ରାଜ୍ୟର ୧ କୋଟି ୬୦ ହଜାର ମହିଳା ସୁଭଦ୍ରା ଯୋଜନା ପାଇଁ ଆବେଦନ କରିସାରିଛନ୍ତି। ଶେଷ ହିତାଧିକାରୀ 'ସୁଭଦ୍ରା 'ଟଙ୍କା ପାଇବା ଯାଏ ଏହି ପ୍ରକ୍ରିୟା ଜାରି ରହିବ।



ଏବେ ବି ଯାଞ୍ଚ ପ୍ରକ୍ରିୟା ଚାଲିଛି। ବର୍ତ୍ତମାନ ସୁଦ୍ଧା ୬୦ ଲକ୍ଷ ମହିଳାଙ୍କୁ 'ସୁଭଦ୍ରା' ଟଙ୍କା ମିଳିସାରିଲାଣି। ସରକାରଙ୍କ ପାଖରେ ଟଙ୍କାର ଅଭାବ ନାହିଁ। ସବୁ ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଯୋଜନା ପାଇବେ। ଆବେଦନରେ କିଛି ତ୍ରୁଟି ଥିଲେ ହିତାଧିକାରୀଙ୍କ ପାଖକୁ ଫୋନ୍ ଯିବ। ଯୋଗ୍ୟ ହିତାଧିକାରୀ ଥିବେ କିନ୍ତୁ ଟଙ୍କା ପାଇନଥିବେ ତାଙ୍କୁ କଲ୍ କରାଯାଉଛି। ବ୍ଲକସ୍ତରରେ ଯାଞ୍ଚ ହେଉଛି, ଅଙ୍ଗନବାଡ଼ି କର୍ମୀ ଘରକୁ ଘର ଯାଇ ବ୍ୟବସ୍ଥା କରୁଛନ୍ତି। ହିତାଧିକାରୀ ମହିଳାମାନେ ଆଦୌ ବ୍ୟସ୍ତ ନ ହେବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରମତୀ ପରିଡ଼ା ପରାମର୍ଶ ଦେଇଛନ୍ତି।

ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱରର ଜନତା ମଇଦାନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ 'ସୁଭଦ୍ରା' ଯୋଜନା'ର ଶୁଭାରମ୍ଭ କରିଥିଲେ। ସେହି ଦିନ ଓଡ଼ିଶାର ୨୫ ଲକ୍ଷ ମହିଳାଙ୍କୁ ମିଳିଥିଲା ପ୍ରଥମ କିସ୍ତି ଟଙ୍କା ।

# ଓଏଏସ ସ୍ତରରେ ଅଦଳ ବଦଳ

**ଭୁବନେଶ୍ୱର, ୨୮।୧୦(ମହାଭାରତ) :** ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ) ସ୍ତରରେ ଛୋଟ ଧରଣର ଅଦଳବଦଳ କରାଯାଇଛି। ଶୈଳେନ୍ଦ୍ର କୁମାର ଜେନା ମିଶନ ଶକ୍ତି ଯୁଗ୍ମ ସଚିବ ହୋଇଥିବାବେଳେ ମମତା ବାରିକଙ୍କୁ ଓଡ଼ିଶା ଜୀବିକା ମିଶନ ଯୁଗ୍ମ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ବିନୋଦ କୁମାର ଜେନା ପର୍ଯ୍ୟଟନ ବିଭାଗ ଯୁଗ୍ମ ସଚିବ ଏବଂ ଗୋପୀନାଥ କୁଅଁରଙ୍କୁ ମହିଳା ଓ ଶିଶୁ ବିକାଶ ଯୁଗ୍ମ ସଚିବ ଦାୟିତ୍ୱ ଦିଆଯାଇଛି।ଅପରପକ୍ଷରେ ମନୋରଞ୍ଜନ ସାହୁଙ୍କୁ ଭୁବନେଶ୍ୱର ଉପଜିଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ସୂରଜ କୁମାର ପଟ୍ଟନାୟକଙ୍କୁ ବରଗଡ଼ ଜିଲା ପରିଷଦର ଅତିରିକ୍ତ ଇଓ, ରାଜ କିଶୋର ଜେନାଙ୍କୁ ପୁରୀ ସବ୍-କଲେକ୍ଟର, ହେମସାଗର ଭୋଇଙ୍କୁ କୁଚିଣ୍ଡା ଆଇଟିଡିଏ ପିଏ, ସୋହେଲା ବିଡିଓ ସୁରେନ୍ଦ୍ର ମେହେରଙ୍କୁ ସୁବର୍ଣ୍ଣପୁରର ଅତିରିକ୍ତ ସବ୍-କଲେକ୍ଟର, ମନୋରମା ଜାଲିଙ୍କୁ ଭୁବନେଶ୍ୱରସ୍ଥିତ ଏସ୍ଆଇଆରଡିର ଡେପୁଟି ଡାଇରେକ୍ଟର, ସୁନୀଲ କୁମାର ମେହେରଙ୍କୁ ପାଟଣାଗଡ଼ ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି।

# ଆଜି ଧନତେରସ୍

**ଭୁବନେଶ୍ୱର,୨୮।୧୦:** ରାତି ପାହିଲେ ସୁଖ ଓ ସମୃଦ୍ଧିର ପର୍ବ ଧନ ତ୍ରୟୋଦଶୀ ବା ଧନତେରସ୍। ବିଶ୍ୱାସ ଅଛି, ଏହିଦିନ ସୁନା ଗହଣା କିଣିଲେ ଘରକୁ ଲକ୍ଷ୍ମୀ ଆସନ୍ତି। ହେଲେ ଏବର୍ଷ ସୁନା ଦର ଗତବର୍ଷ ତୁଳନାରେ ପାଖାପାଖି ୧୭ ହଜାର ଟଙ୍କା ଉଚ୍ଚା ଥିବାରୁ ଗ୍ରାହକ ଖୁସି ନାହାନ୍ତି। ତଥାପି ଦୋକାନରେ ଲାଗିଛି ପ୍ରବଳ ଭିଡ଼। ସେପଟେ ଆଗକୁ ବିବାହ ଋତୁ ଥିବାରୁ ଭଲ ବେପାର ହେବ ବୋଲି ଆଶା ରଖିଛନ୍ତି ଗହଣା ବ୍ୟବସାୟୀ। ଗତବର୍ଷ ଧନତେରସ ବେଳେ ରାଜଧାନୀ ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ଦାମ ୧୦ ଗ୍ରାମ ପିଛା ୫୬ ହଜାର ଟଙ୍କା ଥିଲା। ହେଲେ ଆଜି ତାହା ୭୩ ହଜାର ୧୫୦ ଟଙ୍କାରେ ବିକ୍ରି ହେଉଛି। ୨୪ କ୍ୟାରେଟ୍ ବା ଖାଣ୍ଟି ସୁନା ଦାମ ୮୦ ହଜାର ମୁହାଁଇଲାଣି। ଦର ପହଞ୍ଚିଛି ୭୯ ହଜାର ୮୦୦ ଟଙ୍କାରେ। ଗ୍ରାହକଙ୍କ କହିବା କଥା, ସୁନା ଗହଣା କିଣିବାକୁ ଯେତେ ଅପେକ୍ଷା କରୁଛୁ, ଦର ସେତେ ବଢ଼ି ବଢ଼ି ଯାଉଛି ଏବେ ଅଫର ଚାଲିଛି, ତେଣୁ ଅଳ୍ପ ହେଉ ପଛେ କିଣି ନେଉଛୁ। ଗତବର୍ଷ ଧନତେରସ ସମୟରେ ବା ପରେ ବିବାହ ତିଥିନଥିଲା ହେଲେ ଏବର୍ଷ ଧନତେରସ୍ ସରୁ ସରୁ ଆରମ୍ଭ ହେବ ବିବାହ ଋତୁ ତେଣୁ ପୂର୍ବ ବର୍ଷ ତୁଳନାରେ ଭଲ ବେପାର ହେବ ବୋଲି ଆଶା ରଖିଛନ୍ତି ଗହଣା ବ୍ୟବସାୟୀ ଫ

# ବାଲେଶ୍ୱରରେ ବାତ୍ୟା ଓ ବନ୍ୟା କ୍ଷୟକ୍ଷତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

**ବାଲେଶ୍ୱର,୨୮।୧୦(ମହାଭାରତ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାତ୍ୟା ପ୍ରଭାବରେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ସଦର, ସିମୁଳିଆ, ସୋର, ଖଇରା ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳର ଅନୁଧ୍ୟାନ କରିଥିଲେ। ପରେ ଡିଆରଡିଓ ସମ୍ମିଳନୀ କକ୍ଷଠାରେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହିତ ବାତ୍ୟା ଦାନା ଏବଂ ତତଜନିତ ବନ୍ୟା କ୍ଷୟକ୍ଷତିର ଆକଳନ ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ, ବାଲେଶ୍ୱର ସାଂସଦଙ୍କ ସହ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହିଥିଲେ। ତେବେ ଖରାପ ଯୋଗୁଁ ମୁଖ୍ୟମନ୍ତ୍ରୀ କାର୍ ଯୋଗେ ବାଲେଶ୍ୱରରୁ ଭୁବନେଶ୍ୱର ଫେରିଥିଲେ।

ବୈଠକ ପ୍ରାରମ୍ଭରେ ଉପସ୍ଥିତ ଥିବା ସମସ୍ତ ବିଧାୟକ ବୃନ୍ଦ ନିଜ ନିଜ ନିର୍ବାଚନୀ ମଣ୍ଡଳୀରେ ବାତ୍ୟା ଓ ବନ୍ୟା ସମ୍ବନ୍ଧୀୟ ପୁନରୁଦ୍ଧାର ଓ ଜାରି ରହିଥିବା କାର୍ଯ୍ୟକଳାପ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବାତ୍ୟାର ସଫଳ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ଏବଂ ରାଜନୈତିକ ନେତୃତ୍ୱର ପ୍ରୟାସକୁ ପ୍ରଶଂସା କରିଥିଲେ। ଏଥି ସହିତ ପ୍ରଶାସନ ଏବଂ ରାଜନୈତିକ ନେତୃତ୍ୱର ମିଳିତ ଆଭିମୁଖ୍ୟ ସହିତ ବାରମ୍ବାର ଘଟୁଥିବା ପ୍ରାକୃତିକ ବିପର୍ଯ୍ୟୟର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ




ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଉପକୂଳବର୍ତ୍ତୀ ଅଞ୍ଚଳରେ ବାତ୍ୟା କ୍ଷୟକ୍ଷତିକୁ ରୋକିବା ପାଇଁ ବ୍ୟାପକ ହେନ୍ତାଳ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ମାଝୀ କହିଥିଲେ। ପ୍ରାକୃତିକ ଏବଂ ମାନବୀୟ ବିପର୍ଯ୍ୟୟର ମୁକାବିଲା ପାଇଁ ଉପସ୍ଥିତ ସମସ୍ତଙ୍କୁ ସର୍ବଦା ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ। ଘର ଭଙ୍ଗା କ୍ଷୟକ୍ଷତି ରିପୋର୍ଟ ଯଥାଶୀଘ୍ର ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ଯେଉଁ ଅଞ୍ଚଳରେ ବିଜୁଳି ସଂଯୋଗ ହୋଇପାରୁନାହିଁ, ସେଠାରେ ଦ୍ରୁତ ଗତିରେ ବିଜୁଳି ସଂଯୋଗ ସୁନିଶ୍ଚିତ କରିବା ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ପ୍ରତ୍ୟେକ ଜୀବନ ମୂଲ୍ୟବାନ ହୋଇଥିବାରୁ ପ୍ରଭାବିତ ଲୋକଙ୍କ ଆବଶ୍ୟକତାକୁ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ପଦକ୍ଷେପ ଅତ୍ୟନ୍ତ ସତର୍କତାର ସହ ନିଆଯିବା ଆବଶ୍ୟକ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ। ମନୁଷ୍ୟକୃତ ବିପର୍ଯ୍ୟୟର ମୁକାବିଲା ପାଇଁ ସହଯୋଗ ମୂଳକ ପଦକ୍ଷେପ ନେବା ଲାଗି ପ୍ରତିବଦ୍ଧତା ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ବିପଦ ସମୟରେ ମହିଳାଙ୍କ ବିରୋଧରେ କୌଣସି ପ୍ରକାର ହିଂସା ପାଇଁ ଜିରୋ ଟଲେରାନ୍ସ ନୀତିକୁ ଆପଣେଇବା ପାଇଁ ଶ୍ରୀ ପୂଜାରୀ ଉପସ୍ଥିତ ପ୍ରଶାସନିକ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସରକାର ବହୁପାକ୍ଷିକ ସାମୁଦାୟିକ ରିଲିଫ୍ କେନ୍ଦ୍ର ପ୍ରତିଷ୍ଠା କରିବା ଦିଗରେ କାର୍ଯ୍ୟ କରୁଛନ୍ତି ବୋଲି ମାନ୍ୟବର ମନ୍ତ୍ରୀ ସୂଚନା ଦେଇଥିଲେ।

ବାତ୍ୟା ସମୟରେ ଜିଲ୍ଲା ପ୍ରଶାସନ ଓ ରାଜନୈତିକ ନେତା, ପିଆରଆଇ ସଦସ୍ୟଙ୍କ ମିଳିତ ଉଦ୍ୟମକୁ ମାନ୍ୟବର ସାଂସଦ ପ୍ରଶଂସା କରିଥିଲେ। ସମସ୍ତ ବନ୍ୟା ପ୍ରଭାବିତଙ୍କୁ ଯଥାଶୀଘ୍ର ପଲିଥିନ ଯୋଗାଇ ଦେବା ପାଇଁ ସାଂସଦ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ■ପୃଷ୍ଠା-୬

## କେଉଁ ଜିନିଷ ଦାନ କରିବା ଉଚିତ ନୁହେଁ

ଶାସ୍ତ୍ର ଅନୁସାରେ ଦାନ କରିବା ସବୁଠାରୁ ମହତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ । କୁହାଯାଏ ଯେ,ଦାନ କରିବା ଦ୍ୱାରା ବ୍ୟକ୍ତିର କେତେକ ସମସ୍ୟା ଦୂର ହୋଇଥାଏ ଓ ଭଗବାନଙ୍କ ଆଶୀର୍ବାଦ ମଧ୍ୟ ପ୍ରାପ୍ତ ହୋଇଥାଏ । କିନ୍ତୁ କେବେ କେବେ ବ୍ୟକ୍ତି ଭୁଲରେ ଏଭଳି କିଛି ଦାନ କରିଥାନ୍ତି ଯାହା ଦ୍ୱାରା କ୍ଷତି ପହଂଚିଥାଏ । ଆମ ଶାସ୍ତ୍ରରେ ଏଭଳି କିଛି ଜିନିଷ ରହିଛି ଯାହାକୁ ଦାନ କରିବା ଅନଚିତ। ଆସନ୍ତୁ ସେ ସବୁ ବିଷୟରେ ଧ୍ୟାନ ଦେବା ।



◆ ଝାଡୁକୁ ମା ଲକ୍ଷ୍ମୀଙ୍କର ପ୍ରତୀକ ଭାବେ ଗ୍ରହଣ କରାଯାଏ । ଏହାକୁ ଦାନ କରିବା ଅନୁଚିତ । ଏଭଳି କରିବା ଦ୍ୱାରା ମା ରାାଗି ଯାଆନ୍ତି ଏବଂ ଗୃହରେ ଧନର ଅଭାବ ଦେଖାଯାଏ ।

◆ ବାସୀ ଖାଦ୍ୟ କାହାକୁ ମଧ୍ୟ ଦାନ କରିବା ଅନୁଚିତ । କାହାକୁ ବାସୀ ଖାଦ୍ୟ ଦାନ କରିବା ଦ୍ୱାରା ଘରର ଲୋକମାନେ ରୋଗାଗସ୍ତ ହୋଇଥାନ୍ତି ।

◆ ଶାସ୍ତ୍ର ଅନୁସାରେ ପ୍ଲାଷ୍ଟିକ କିମ୍ବା ଷ୍ଟିଲ ବାସନ କାହାକୁ ଦାନ କରିବା ଅନୁଚିତ । ଷ୍ଟିଲ ଦେବା ଦ୍ୱାରା ସୁଖ ଶାନ୍ତି ଦୂର ହୋଇଯାଏ ଏବଂ ପ୍ଲାଷ୍ଟିକ ଦେବା ଦ୍ୱାରା ବାଣିଜ୍ୟରେ କ୍ଷତି ପହଞ୍ଚିଥାଏ ।

◆ ଶନି ଦଶ ଥିବା ବ୍ୟକ୍ତିଙ୍କୁ ପାଇଁ ତୈଳ ଖରାପ ନହୋଇ ଭଲ ହୋଇଥିବା ଆବଶ୍ୟକ ।

◆ ଏହା ବ୍ୟତୀତ କାହାକୁ ଧାରୁଆ ଜିନିଷ ଦାନ କରିବା ଅନଚିତ । ଏହା ଦ୍ୱାରା ସୁଖ ଓ ଶାନ୍ତି ଦୂର ହୋଇଥାଏ ।

## ଚୁଟି ଝଡିବା ବନ୍ଦ ପାଇଁ...

ସବୁଠାରୁ ବଡ଼ ସମସ୍ୟା ହେଉଛି କେଶ ଝଡ଼ିବା । ଯାହା ପ୍ରାୟ ସମସ୍ତଙ୍କର ଚିନ୍ତା । ତେଣୁ କେଶର ଯତ୍ନ ନେବା ନିହାତି ଜରୁରୀ । କାରଣ କେଶର ସଠିକ ଯତ୍ନ ନେଉଛନ୍ତି ତେବେ କେଶ ଭଲ ଭାବରେ ବଢିଥାଏ । ତେବେ ଆଜି ଆପଣଙ୍କୁ ୪ଟି ପ୍ରାକୃତିକ ଉପାୟ ବିଷୟରେ କହିବୁ । ଯାହାକୁ ଆପଣ କେଶରେ ଲଗାଇପାରିବେ ।



ନିମ୍ବ: କେଶର ସବୁଠାରୁ ବଡ଼ ସମସ୍ୟା ହେଉଛି ରୂପି ଏବଂ ମୁଣ୍ଡ କୁଣ୍ଡାଇହେବା । ଯଦି ଆପଣଙ୍କ ସହ ମଧ୍ୟ ଏପରି ହେଉଛି ତେବେ ନିମ୍ବ ପତ୍ର ବ୍ୟବହାର କରିପାରିବେ । ନିମ୍ବରେ ଆନାଲଜେସିକ ଏବଂ ଆଣ୍ଟିଇନଫ୍ଲାମେଟ୍ରି ଗୁଣ ଥାଏ । ଯାହା କେଶର ସମସ୍ତ ସମସ୍ୟା ଦୂର କରିଥାଏ । ତେଣୁ ନିମ୍ବ ପତ୍ରକୁ ବାଟି କେଶରେ ମାସ୍କ ପରି ଲଗାନ୍ତୁ ।

ଅଁଳା: ଅଁଳାରେ ଭିଟାମିନ ସି ଏବଂ ଆଣ୍ଟିଅକ୍ସିଡ଼େଣ୍ଟ ଥାଏ । ଯାହା କୋଲୋଜନ ପ୍ରଡ଼କ୍ସନ କରିବାରେ ସାହାର୍ଯ୍ୟ କରିଥାଏ । କୋଲୋଜନ କେଶ ବର୍ଦ୍ଧାରେ ସାହାର୍ଯ୍ୟ କରିଥାଏ । ଅଁଳା ପାଉଡ଼ରକୁ ପାଣିରେ ମିଶାଇ କେଶର ମୂଳରେ ଲଗାଇ ଅଧ ଘଣ୍ଟା ପର୍ଯ୍ୟନ୍ତ ଲଗାଇ ଅଧ ଘଣ୍ଟା ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ । ଏହା ପରେ ଥଣ୍ଡା ପାଣିରେ ଭଲ ଭାବରେ ଧୋଇଦିଅନ୍ତୁ ।

ମେଥି: ମେଥି ଏକ ପ୍ରାକୃତିକ କର୍ଣ୍ଡିସନର । ଏଥିରେ ଆଣ୍ଟିଫଙ୍ଗଲ ଏବଂ ଆଣ୍ଟିଅକ୍ସିଡ଼େଣ୍ଟ ଯାହା କେଶକୁ ବଢିବାରେ ସାହାର୍ଯ୍ୟ କରିଥାଏ । ମେଥି,ଅଁଳା,ଶିକାକାଇ ଏବଂ ମେହେନ୍ଦି ପେଷ୍ଟ ତିଆରି କରି କେଶ ମୂଳରେ ଭଲ ଭାବରେ ଲଗାନ୍ତୁ । ଅଧଘଣ୍ଟା ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ ।

ମେହେନ୍ଦି: ମେହେନ୍ଦିରେ ଆଣ୍ଟିବାକ୍ଟେରିୟଲ ଏବଂ ଆର୍ଣ୍ଟିମାଇକ୍ରୋବିୟଲ ଗୁଣ ଥାଏ । ଯାହା କେଶକୁ ଲମ୍ବା କରିବାରେ ସାହାର୍ଯ୍ୟ କରିଥାଏ। ମେହେନ୍ଦିକୁ ପାଣିରେ ଗୋଳାଇ ରାତି ସାରା ରଖନ୍ତୁ । ପରଦିନ ସକାଳେ ଏହାକୁ ମୁଣ୍ଡରେ ଲଗାଇ୧/୨ ଘଣ୍ଟା ପରେ ଧୋଇ ଦିଅନ୍ତୁ ।

## ମହିଳାମାନଙ୍କ ଶୃଙ୍ଗାର ମଧ୍ୟରୁ ଚୁଡ଼ିର ମହତ୍ୱ





ମହିଳାମାନଙ୍କ ଶୃଙ୍ଗାର ମଧ୍ୟରୁ ଚୁଡ଼ି ଏକ ମୁଖ୍ୟ ଶୃଙ୍ଗାର ଦ୍ରବ୍ୟ ଅଟେ। ମାତ୍ର ଏହା କେବଳ ସୌନ୍ଦର୍ଯ୍ୟ ଓ ଶୃଙ୍ଗାର ପାଇଁ ନୁହେଁ ବରଂ ଉତମ ସ୍ୱାସ୍ଥ୍ୟ ପାଇଁ ଏହା ଖୁବ ଲାଭଦାୟକୟ।

ମାନସିକ ସନ୍ତୁଳନ:
ଚୁଡ଼ି ପିନ୍ଧିବା ଦ୍ୱାରା ମହିଳାଙ୍କର ମାନସିକ ସନ୍ତୁଳନ ସଠିକ ରହିଥାଏ। ବୈଜ୍ଞାନିକଙ୍କ ମତାନୁଯାୟୀ କାଚ ଚୁଡ଼ି ମଧ୍ୟରୁ ହେଉଥିବା ଶବ୍ଦ ବାତାବରଣରେ ଥିବା ନକରାତ୍ମକ ଶକ୍ତିକୁ ନଷ୍ଟ କରିଥାଏ। ଏହାସହ ଚୁଡ଼ି ବାତାବରଣରେ ସକରାତ୍ମକ ଶକ୍ତି ସଂଚାର କରିଥାଆନ୍ତି।

ଥକ୍କାପଣ ଦୂର କରିଥାଏ :
ଚୁଡ଼ି ଯୋଗୁଁ ସୃଷ୍ଟି ହେଉଥିବା ଘର୍ଷଣ ଦ୍ୱାରା ଶରୀରରେ ଶକ୍ତି ସୃଷ୍ଟି ହୋଇଥାଏ। ଯାଦ୍ୱାରା ମହିଳାମାନେ ଶୀଘ୍ର ଥକ୍କାପଣ ଅନୁଭବ କରନ୍ତି ନାହିଁ।

ଶ୍ୱାସ ରୋଗ:
ସୁନା ଓ ରୂପା ଚୁଡ଼ି ପିନ୍ଧିବା ଦ୍ୱାରା ମଧ ଏଥିରେ ଥିବା ଧାତୁ ଶରୀର ପାଇଁ ଖୁବ ଉପକାରୀ ହୋଇଥାଏ। ହସ୍ତରେ ସୁନା, ରୂପା , କାଚ ଆଦି ଚୁଡ଼ି ଧାରଣ କରିବା ଦ୍ୱାରା ମହିଳାମାନଙ୍କର ଶ୍ୱାସ, ହୃଦ ରୋଗ ହେବାର ସମ୍ଭାବନା ଖୁବ କମ ଥାଏ।

ହରମୋନ ସନ୍ତୁଳନ କରିଥାଏ :
ଚୁଡ଼ି ପିନ୍ଧିବା ଦ୍ୱାରା ମହିଳାଙ୍କ ଶରୀରରେ ହରମୋନ ସଠିକ ସ୍ତରରେ କ୍ଷରଣ ହୋଇଥାଏ।

ରକ୍ତ ପ୍ରବାହ :
ଚୁଡ଼ି ପିନ୍ଧିବା ଦ୍ୱାରା ଏହା ହସ୍ତରେ ଘର୍ଷଣ ହୋଇ ହାତରେ ରକ୍ତ ସଂଚାଳନ ସୂଚାରୁ ରୂପେ କରିଥାଏ।



## ଶୀତରେ ଲଗାନ୍ତୁ ଫୁଲର ଫେସପ୍ୟାକ୍

ଅନ୍ୟ ଋତୁ ତୁଳନାରେ ଶୀତଦିନେ ତ୍ୱଚା ଓ କେଶର ଯତ୍ନ ଅଧିକ ନେବା ଜରୁରୀ ହୋଇଥାଏ। ଥଣ୍ଡା ପରିବେଶ କାରଣରୁ ଆମ ତ୍ୱଚାରେ ଭାଙ୍ଗ ପଡ଼ିବା, ରୁକ୍ଷ ଲାଗିବା ଇତ୍ୟାଦି



ସମସ୍ୟା ଉପୁଜେ। ପାର୍ଲରେ ଯାଇ ଫେସିଆଲ୍ କିମ୍ବା କୌଣସି ପ୍ୟାକ୍ ଲଗାଇବା ପରିବର୍ତ୍ତେ ଘରେ ହିଁ ତିଆରି କରନ୍ତୁ ଫୁଲର ଫେସପ୍ୟାକ୍। ସପ୍ତାହରେ ୩-୪ଥର ଏସବୁ ପ୍ୟାକ୍ ତ୍ୱଚାରେ ଲଗାଇପାରିବେ।

ମନ୍ଦାର ଫୁଲକୁ ଶୁଖାଇ ଗୁଣ୍ଡ କରି ଏୟାର-ଟାଇଟ୍ ଡିବାରେ ଭର୍ତ୍ତି କରନ୍ତୁ। ଫ୍ରିଜରେ ରଖି ୧ ମାସ ପର୍ଯ୍ୟନ୍ତ ଏହାକୁ ବ୍ୟବହାର କରିପାରିବେ।

ଏକ ଛୋଟ ପାତ୍ରରେ ୧ଚାମଚ ମନ୍ଦାର ଫୁଲ ଗୁଣ୍ଡ, ଅଧ ଚାମଚ ଘି-କୁଆଁରୀ ରସ, ଅଳ୍ପ ଦହି, ଅଧ ଚାମଚ ଚାଉଳ ଗୁଣ୍ଡ ମିଶାଇ ତ୍ୱଚାରେ ପ୍ୟାକ୍ ଭଳି ଲଗାନ୍ତୁ। ୨୦ ମିନିଟ୍ ପରେ ତ୍ୱଚାକୁ ଉଷୁମ ପାଣିରେ ଧୋଇନେବେ। ଏହା ତ୍ୱଚା ପାଇଁ ଟାଇଟେନିଂ ମାସ୍କ ଭଳି କାମ କରେ।

୧୦-୧୫ଟି ଗୋଲାପ ପାଖୁଡ଼ାରେ ଅଳ୍ପ ପାଣି ମିଶାଇ ଗ୍ରାଇଣ୍ଡିଂ କରିନେବେ। ଏହି ପ୍ୟାକରେ ଶୁଦ୍ଧ ମହୁ, କଞ୍ଚା ଖିର ଓ ଚିମୁଟାଏ ହଳଦୀ ମିଶାଇ ମୁହଁ, ବେକ, ହାତ ଓ ପାଦରେ ଲଗାଇ ଶୁଖିବା ପରେ ସ୍ନାନ କରନ୍ତୁ। ଶୀତରେ ଏହି ପ୍ୟାକ୍ ତ୍ୱଚାକୁ ମଏଶ୍ଚରାଇଜ୍ କରୁଥିବାର ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତ।

ଗେଣ୍ଡୁ ଫୁଲକୁ ଭଲରେ ଧୋଇ ଏଥିରେ ଅଳ୍ପ କଞ୍ଚା ଖିର ମିଶାଇ ଭଲରେ ବାଟିନେବେ। ସେଥିରେ ଦହି, ଚନ୍ଦନଗୁଣ୍ଡ ୧ ଚାମଚ ମିଶାଇ ପ୍ୟାକ୍ କରି ତ୍ୱଚାରେ ଲଗାନ୍ତୁ। ସନ୍-ଟ୍ୟାନ୍ ଦୂର କରିବା ସହ ଶୀତରେ ତ୍ୱଚା ରୁକ୍ଷ ହେବାରୁ ଏଇ ପ୍ୟାକ୍ ରକ୍ଷା କରିଥାଏ।

## ଚେହେରାର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ଆପଣାନ୍ତୁ ଏହି ଆୟୁର୍ବେଦିକ ଟିପ୍ସ

ଚେହେରାରେ ଚମକ ଆଣିବା ପାଇଁ ଆପଣ ଅନେକ କିଛି କରିବା ସହିତ ବେଳେବେଳେ ମହଙ୍ଗା ପ୍ରଡକ୍ଟସ ବ୍ୟବହାର କରିଥାନ୍ତି , ଯାହାକି ଚେହେରାକୁ ଖରାପ କରିବା ସହିତ ଆପଣଙ୍କ ପକେଟ୍ ଉପରେ ମଧ ଭାରି ପଡିଥାଏ । ଏଥିପାଇଁ ଚେହେରାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଆଣିବା ପାଇଁ ଆୟୁର୍ବେଦିକ ଉପଚାର ସବୁଠାରୁ ବେଷ୍ଟ ଅପ୍ସନ୍ ହୋଇଥାଏ । ଆସନ୍ତୁ ଜାଣିବା କିଛି ଆୟୁର୍ବେଦିକ ଟିପ୍ସ ..



କଞ୍ଚା କ୍ଷୀର: କଞ୍ଚା ଖିରରେ ଥିବା ଫ୍ୟାଟ୍ ଏବଂ ଲାକ୍ଟିକ୍ ଏସିଡ୍ ଆପଣଙ୍କ ଚେହେରାରୁ ମଇଳା ହଟାଇବାରେ ସାହାଯ୍ୟ କରିଥାଏ , ଯାହା ଦ୍ୱାରା ଚର୍ମର ପୋର୍ସ ଖୋଲିଥାଏ । ସେଥିଲାଗି ଯଦି ଆପଣଙ୍କର ଚେହେରାକୁ ନେଇ କୌଣସି ସମସ୍ୟା ଥାଏ , ତେବେ ଆପଣ କଞ୍ଚା କ୍ଷୀର ବ୍ୟବହାର କରନ୍ତୁ ।

ନିମ: ନିମରେ ଆଣ୍ଟି-ଇନ୍ଫ୍ଲାମେଣ୍ଟାରୀ, ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଭାଇରଲ ଏବଂ ଆଣ୍ଟି ଆକ୍ସିଡେଣ୍ଟ ପ୍ରପର୍ଟି ମିଳିଥାଏ । ସେଥିଲାଗି ଆପଣଙ୍କୁ ନିମର ବ୍ୟବହାର କରିବା ଉଚିତ । ଆପଣ ନିମର ଫେସପ୍ୟାକ୍ କରି ମଧ ବ୍ୟବହାର କରିପାରିବେ। ଏଥିସହିତ ଆପଣଙ୍କୁ ଚେହେରାରେ ନିମର ପ୍ୟାକ ଲଗାଇବାରେ ଯଦି କୌଣସି ସମସ୍ୟା ଥାଏ , ତେବେ ଆପଣ ଉଷୁମ ପାଣିରେ ୫-୧୦ ମିନିଟ୍ ନିମର ପତ୍ର ପକାଇ ସେଥିରେ ମୁଁହକୁ ଧୋଇପାରିବେ ।

ହଳଦୀ: ଏଥିରେ ଆଣ୍ଟି ସେପ୍ଟିକ୍-, ଆଣ୍ଟି ଇନ୍ଫ୍ଲାମେଣ୍ଟାରୀ ପ୍ରପର୍ଟି ରହିଥାଏ । ହଳଦୀ ସହିତ କ୍ଷୀର ମିଶାଇ ଏହାକୁ ଫେସପ୍ୟାକ୍ସ ଭାବରେ ଲଗାଇବା ଦ୍ୱାରା ଆପଣଙ୍କ ସ୍କିନରେ ଚମକ ଆଣିବା ସହିତ ଦାଗ ଦୂର କରିଥାଏ।

ନଡ଼ିଆ ତେଲ : ନଡ଼ିଆ ତେଲ କେବଳ କେଶ ପାଇଁ ନୁହେଁ ବରଂ ଆପଣଙ୍କ ସ୍କିନ୍ ପାଇଁ ମଧ ଥଣ୍ଡା ଦିନରେ ବରଦାନ ହୋଇଥାଏ । ଆଣ୍ଟି ସେକ ଗୁଣରେ ଭରପୁର ନଡ଼ିଆ ତେଲ ଡ୍ରାଏ ସ୍କିନ୍ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ । ଥଣ୍ଡାରୁ ଫାଟୁଥିବା ସ୍କିନ୍ଁ କୁ ମଧ ଏହା ଠିକ୍ଏ କରିଥାଏ ।

ଚନ୍ଦନ : ଚନ୍ଦନକୁ ଚେହେରା ର ପ୍ରତ୍ୟେକ ଆଲର୍ଜି ପାଇଁ ରାମବାଣ କୁହାଯାଇଥାଏ । ଚନ୍ଦନ ବ୍ୟବହାର କରିବା ଦ୍ୱାରା ଆପଣଙ୍କ ଚେହେରା ଦାଗହୀନ ହୋଇଥାଏ । ଗରମରେ ଚନ୍ଦନର ବ୍ୟବହାର କରିବା ଲାଭଦାୟକ ହୋଇଥାଏ ।

## ବାସ୍ତୁ ଦୋଷର କାରଣ ବାଲକୋନୀ ନୁହେଁ ତ ?

ଗୃହର ସବୁ ବିଭାଗ ସହିତ ବାଲକୋନୀର ମଧ ବିଶେଷ ମହତ୍ୱ ରହିଥାଏ । ବିଶେଷକରି ଗୃହରେ ରହୁଥିବା ସଦସ୍ୟ ମାନଙ୍କ ପାଇଁ ବାଲକୋନୀ ଏକ ଏମିତି ଜାଗା ଯେଉଁଠାରେ ସେମାନେ ଶୁଦ୍ଧ ଏବଂ ସତେଜ ପବନର ଆନନ୍ଦ ନେଇଥାନ୍ତି । ଏମିତିରେ ଅନେକ ଲୋକ ବାଲକୋନୀରେ ଚା କିମ୍ବା କଫି ପିଇ ନିଜ ଦିନର ଆରମ୍ଭ କରିଥାନ୍ତି । ସେଥିଲାଗି ଘରର ସବୁ କୋଣ ସହିତ ବାଲକୋନୀର ବାସ୍ତୁ ମଧ ଠିକ ହେବା ଅତ୍ୟନ୍ତ ଜରୁରୀ । ନଚେତ ଏହାର ଖରାପ ପ୍ରଭାବ ଆପଣଙ୍କ ଜୀବନ ଉପରେ ପକାଇପାରେ । ଯଦି ଆପଣ ନୂଆ ଘର କିମ୍ବା ଫ୍ଲାଟ୍ ନେବାକୁ ଭାବୁଛନ୍ତି, ତେବେ ଜାଣନ୍ତୁ ବାଲକୋନୀ ସହିତ ଜଡିତ କିଛି ବାସ୍ତୁ ଟିପ୍ସ ।



ଘରର କୋଠରୀ ଭଳି ବାଲକୋନୀ ମଧ ଉଚିତ୍ ଦିଗ କିମ୍ବା ସ୍ଥାନରେ ରହିବା ଜରୁରୀ । ବାସ୍ତୁ ଅନୁସାରେ, ଘରର ଉତ୍ତର କିମ୍ବା ଉତ୍ତର-ପୂର୍ବ ଦିଗରେ ବାଲକୋନୀ ରହିବା ଶୁଭ ହୋଇଥାଏ । ଏହି ସ୍ଥାନରେ ସୂର୍ଯ୍ୟଙ୍କ କିରଣ ସବୁଠାରୁ ଅଧିକ ପଡୁଥିବାରୁ ଏହି ସ୍ଥାନରେ ବାଲକୋନୀ ରହିବା ଭଲ ଏବଂ ଶୁଭ ବୋଲି ଜଣାଯାଏ । ଏହାର ବିପରୀତ ଦକ୍ଷିଣ ଏବଂ ପଶ୍ଚିମ ଦିଗରେ ବାଲକୋନୀ ରହିବା ଅଶୁଭ ମନେ କରାଯାଏ ।

ବାଲକୋନୀ ଛାତର ଝୁଲା ଉତ୍ତର କିମ୍ବା ପୂର୍ବ ଦିଗକୁ ରହିବା ଶୁଭ ହୋଇଥାଏ । ଏଥି ସହିତ ଛାତର ଉଚ୍ଚତା ଘର ତୁଳନାରେ ତଳକୁ ହେବା ଉଚିତ । ବାଲକୋନୀରେ ଛାତ ତିଆରିରେ ଟିଣ କିମ୍ବା ଲୁହା ର ବ୍ୟବହାର କରିବା ଅନୁଚିତ ।

ବାସ୍ତବରେ ବାଲକୋନୀରେ ବସି ପ୍ରତ୍ୟେକ ବ୍ୟକ୍ତି ଆରାମ ଅନୁଭବ କରିଥାନ୍ତି । ସେଥିଲାଗି ଏଠାରେ ଫର୍ନିଚର ମଧ ରଖିଥାନ୍ତି । କିନ୍ତୁ ବାସ୍ତୁ ଅନୁସାରେ, ବାଲକୋନୀରେ ଅଧିକ ଓଜନ ବିଶିଷ୍ଟ ଫର୍ନିଚର ରଖିବା ଅନୁଚିତ । ଅନେକ ଲୋକ ଏଠାରେ ଝୁଲା ରଖିବାକୁ ପସନ୍ଦ କରିଥାନ୍ତି । ଯଦି ଆପଣ ରଖିବାକୁ ଚାହୁଁଛନ୍ତି ତେବେ ତାହାକୁ ଉତ୍ତର କିମ୍ବା ଦକ୍ଷିଣ ଦିଗରେ ରଖନ୍ତୁ ।

ଅନେକ ସମୟରେ ଲୋକମାନେ ବାଲକୋନୀକୁ ଗଛ-ବୃଛ ଦ୍ୱାରା ସଜାଇଥାନ୍ତି । ଏହାଦ୍ୱାରା ଗୃହ ମଧ୍ୟକୁ ସକାରାତ୍ମକ ଶକ୍ତିର ସଞ୍ଚାର ହେବା ସହିତ ସମସ୍ତଙ୍କ ମନ ଖୁସି ରହିଥାଏ । କିନ୍ତୁ ବାଲକୋନୀରେ ବଡ ଗଛ ପରିବର୍ତ୍ତେ ଛୋଟ ଛୋଟ ଏବଂ ରଙ୍ଗ ବେରଙ୍ଗର ଗଛ ଲଗାଇବା ଉଚିତ । ଏଥିସହିତ ଏଠାରେ ଲଟା ଜାତୀୟ ଗଛ ଲଗାଇବା ଅନୁଚିତ କାରଣ ଏହା ଦ୍ୱାରା ନକାରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ । ବାଲକୋନୀରେ ଲୋକମାନେ ଯୋଗ କିମ୍ବା ବ୍ୟାୟାମ କରିବାକୁ ପସନ୍ଦ କରିଥାନ୍ତି । ସେଥିଲାଗି ବାଲକୋନୀରେ ରଙ୍ଗ ସବୁବେଳେ ସମ୍ପୂର୍ଣ୍ଣ ହାଲୁକା କରନ୍ତୁ ।

# ଦାଦନ ସମସ୍ୟାର ନିରାକରଣ ନେଇ ଟାସ୍କଫୋର୍ସ ବୈଠକ

**ଭୁବନେଶ୍ୱର,୨୮।୧୦ (ମହାଭାରତ):** ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଦାଦନ ଜନିତ ବିସ୍ଥାପନ ସମସ୍ୟାର ନିରାକରଣ ନିମନ୍ତେ ଗଠନ ହୋଇଥିବା ଟାସ୍କଫୋର୍ସର ପ୍ରଥମ ବୈଠକ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ବିଭାଗର ମନ୍ତ୍ରୀଗଣ, ଅତିରିକ୍ତ ପ୍ରମୁଖ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।



ରାଜ୍ୟରେ ଦାଦନ ଜନିତ ବିସ୍ଥାପନ ସମସ୍ୟାର ନିରାକରଣ ନିମନ୍ତେ ଗଠିତ ଏହି ଉଚ୍ଚସ୍ତରୀୟ ଟାସ୍କଫୋର୍ସର୍ ପ୍ରଥମ ବୈଠକରେ ଦାଦନ ଯିବା କାରଣ ଓ ଏହାର ସମାଧାନ ଉପରେ ସମସ୍ତେ ନିଜ ନିଜର ମତବ୍ୟକ୍ତ କରିଥିଲେ ।

ବୈଠକରେ ଶ୍ରୀ ସିଂହଦେଓ ଅଧ୍ୟକ୍ଷତା କରି କହିଥିଲେ ଯେ, ଲୋକଙ୍କୁ ସ୍ଥାୟୀ ଜୀବିକା କିମ୍ବା ରୋଜଗାରର ପନ୍ଥା ଯୋଗାଇ ଦେବା ସହ ଦଲାଲ (ଲେବର୍ ସର୍ଦ୍ଦାର)କୁ ହଟାଇ ପାରିଲେ ଦାଦନ ବିସ୍ଥାପନ ସମସ୍ୟା କିଛି ମାତ୍ରାରେ କମିଯିବ । ଅଧିକ ରୋଜଗାରର ଆଶା ଦେଖାଇ ସେମାନେ ଦିନମଜୁରିଆଙ୍କୁ ପ୍ରଲୋଭିତ କରନ୍ତି । କିନ୍ତୁ ପରେ ସେମାନଙ୍କୁ ଠିକ ଭାବରେ ପାରିଶ୍ରମିକ ନ ଦେଇ ଦିନରାତି ଖଟାନ୍ତି । ସେଥିପାଇଁ ସରକାରଙ୍କ ତରଫରୁ ଏହି ଟାସ୍କଫୋର୍ସ ଗଠନ କରାଯାଇ ରଣନୀତି ପ୍ରସ୍ତୁତ କରାଯାଉଛି । ଦାଦନ ଭାବେ ବାହାର ରାଜ୍ୟକୁ କିମ୍ବା ଦେଶକୁ ଯାଉଥିବା ବ୍ୟକ୍ତି ପ୍ରଥମେ ନିଜକୁ ପଞ୍ଜିକରଣ କରାନ୍ତୁ । ଯାହାଫଳରେ ଭବିଷ୍ୟତରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସରକାର ଆବଶ୍ୟକ ମୁତାବକ ସାହାଯ୍ୟ ଯୋଗାଇ ଦେଇପାରିବେ ।

ଲେବର୍ କଣ୍ଟ୍ରାକ୍ଟରମାନେ ମଧ୍ୟ ଲାଇସେନ୍ସ ପ୍ରାପ୍ତ ହୋଇଥିବା ଆବଶ୍ୟକୟ ସମୟ ସମୟରେ ସେମାନଙ୍କର ଯାଞ୍ଚ କରାଯାଉ । ଅବୈଧ କଣ୍ଟ୍ରାକ୍ଟର ପକ୍ଷେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସରକାର ଦାଦନ ବିସ୍ଥାପିତଙ୍କ ତଥ୍ୟ ରଖିବା ପାଇଁ ଏକ ମୋବାଇଲ ଆପ ବିକାଶ ଏବଂ ଦାଦନ ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ କାର୍ଡ଼ କରାଯିବାର ଯୋଜନା କରିଛନ୍ତି ।

କୋଭିଡ ୧୯ ପରବର୍ତ୍ତୀ ସମୟରେ ପ୍ରାୟ ୮.୩୮ଲକ୍ଷ ଦାଦନ ଓଡ଼ିଶା ଫେରିଥିଲେ । ୨୦୨୪ ବର୍ଷରେ ପ୍ରାୟ ୧୦୩୬ ଜଣକୁ ଲେବର୍ ଲାଇସେନ୍ସ ପ୍ରଦାନ କରାଯାଇଛି ଏବଂ ୯୬ ଥର ଯାଞ୍ଚ ପ୍ରକ୍ରିୟା ଅନୁଷ୍ଠିତ ହୋଇଛି । ବଲାଙ୍ଗିର, ବରଗଡ଼, କଳାହାଣ୍ଡି ଓ ନୂଆପଡ଼ା ଭଳି ୪ଟି ଜିଲ୍ଲାର ୨୦ ଟି ବ୍ଲକର ୨୯ଟି ଗ୍ରାମ ପଂଚାୟତରେ ସର୍ଭେ କରାଯାଇଛି ।

ଏହି ସମସ୍ୟାର ନିରାକରଣ ପାଇଁ ଶ୍ରମିକ ମାନଙ୍କ ପାରିଶ୍ରମିକ ବୃଦ୍ଧି କରିବା ସହ ସଠିକ ସମୟରେ ଏହି ପାରିଶ୍ରମିକ ସେମାନଙ୍କୁ ଯୋଗାଇବା ଆବଶ୍ୟକ । ଆଇଏସ୍ଏମ୍ଡବ୍ଲ୍ୟୁ ଆକ୍ଟ, ୧୯୭୯ ଅନ୍ତର୍ଗତ ଅବାଧ ଚଲାଣ କୁ ରୋକିବା ପାଇଁ ଟ୍ରାକିଂ ଓ ଆବଶ୍ୟକସ୍ଥଳେ ରେଡ୍ ପୁଲିସ ତଥା ପ୍ରଶାସନର ମିଳିତ ଉଦ୍ୟମରେ ହେବା ଦରକାର । ଓଡ଼ିଶା ସରକାରଙ୍କ ପକ୍ଷରୁ ୧୮୦୦୩୪୫୬୭୦୩ ନାମକ ଏକ ଟୋଲ ଫ୍ରି ନମ୍ବର ଯୋଗାଇ ଦିଆଯାଇଛି ଏହାର ସହାୟତା ନେଇପାରିବେ । ଗ୍ରାମ ତଥା ପଂଚାୟତସ୍ତରରେ ସଚେତନତା ତଥା ସ୍ଥାୟୀ ରୋଜଗାର ସୃଷ୍ଟି ଏବଂ ସରକାରଙ୍କ ପ୍ରଣୀତ ସେବା ଯଥା ବ୍ୟାଙ୍କ, ୟୁପିଆଇ ଭଳି ସେବାର ବ୍ୟବହାର କରିବା ଦ୍ୱାରା ଏହାର ସମାଧାନ ହୋଇପାରିବ ।

# କପ୍ତିପଦା ଉପଖଣ୍ଡ ସ୍ତରୀୟ ବ୍ରାହ୍ମଣ ମହାସଭାର ବୈଠକ

**ଉଦଳା,୨୮।୧୦ (ମହାଭାରତ):** ରବିବାର ପୂର୍ବାହ୍ନ ୧୦.୩୦ ମିନିଟରେ ସଂଘର ସଭାପତି ସ୍ୱୟବ୍ରତ ମିଶ୍ରଙ୍କର ସଭାପତିତ୍ୱରେ ଉଦଳା ମହାବିଦ୍ୟାଳୟ ନିକଟସ୍ଥ ମାଉସୀମା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଅଛି । ସଂଘର ଆଜୀବନ ସଭ୍ୟ ଜୟନ୍ତ କୁମାର ପଣ୍ଡାଙ୍କ ବେଦ ପାଠ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସାଙ୍ଗଠନିକ ଆଲୋଚନା ହୋଇଛି । ସଂଘର ଆଜୀବନ ସଭ୍ୟ ଭାବେ ସରୋଜ କୁମାର ଦ୍ୱିବେଦୀ, ମନ୍ମୟ କୁମାର ପ୍ରହରାଜ, ମନୋରଂଜନ ପାଠୀ, ରାକେଶ କୁମାର ପଣ୍ଡା, ରମାନାଥ ପାଣିଗ୍ରାହୀ ଓ କାମିନୀକାନ୍ତ ପାଣିଗ୍ରାହୀଙ୍କୁ ସଂଘ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ସଂଘର ଆଜୀବନ ସଭ୍ୟ ପ୍ରମୋଦ କୁମାର ପଣ୍ଡା, ରତ୍ନାକର ଦାଶଙ୍କ ବିୟୋଗରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଆଗାମୀ ବୈଠକରେ ଉଦଳାର ମାନ୍ୟବର ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇଙ୍କୁ ଦାବି ପତ୍ର ପ୍ରସ୍ତୁତ କରାଯାଇ ପ୍ରଦାନ କରାଯିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା । ସଭାରେ ରଞ୍ଜନ କୁମାର ପ୍ରହରାଜ ସଂପାଦକ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରୋଜ କୁମାର ପଣ୍ଡା, ତରୁଣ କୁମାର ଦ୍ୱିବେଦୀ, ତ୍ରିଲୋଚନ ରଥ, ହରିଶ ଚନ୍ଦ୍ର ଦାଶ, କିଶୋର ଚନ୍ଦ୍ର ମହାପାତ୍ର, ପ୍ରଦୋଶ ଚର୍କବର୍ତ୍ତୀ, ପ୍ରଫୁଲ୍ଲ କୁମାର ମହାପାତ୍ର, ରମାନାଥ ପାଣିଗ୍ରାହୀ, ବନମାଳୀ ପଣ୍ଡା, ଡ଼. ଶ୍ୟାମସୁନ୍ଦର ପଣ୍ଡା, ପ୍ରମିଳା ପଣ୍ଡା, ଜୟନ୍ତ କୁମାର ପଣ୍ଡା, ହେମନ୍ତ କୁମାର ପାଣିଗ୍ରାହୀ, ଶିରିଶ ଚନ୍ଦ୍ର ମହାପାତ୍ର, ଶ୍ରୀକାନ୍ତ ଆରୁଖ, କ୍ଷିତିଶ ଚନ୍ଦ୍ର ମିଶ୍ର, ଆଶୁତୋଷ ଦାଶ, ହରିହର ତ୍ରିପାଠୀ, ଦିଲ୍ଲୀପ କୁମାର ଦାଶ, ମନୋରଞ୍ଜନ ପାଠୀ, ପ୍ରଭାତ କୁମାର ଆଚାର୍ଯ୍ୟ, ସନ୍ତୋଷ କୁମାର ମିଶ୍ର, ବଂଶୀଧର ପତ୍ରି, ସର୍ବେଶ୍ୱର ମହାପାତ୍ର, ଶ୍ରୀପଦ ପଙ୍କଜ ଶତପଥି, ବ୍ରହ୍ମଚାରୀ ଛତିଶ, ରଜତ କୁମାର ପଣ୍ଡା, ମଧୁସୂଦନ କର, ପ୍ରଭାକର ପଣ୍ଡା, ନିରଞ୍ଜନ ମହାପାତ୍ର, ପ୍ରସନ୍ନ କୁମାର ମହାପାତ୍ର, କାମିନିକାନ୍ତ ପାଣିଗ୍ରାହୀ, ଶାନ୍ତନୁ କୁମାର ପଣ୍ଡା, ବିଜୟ କୁମାର ପଣ୍ଡା, ଶଶିକାନ୍ତ ମିଶ୍ର ଓ ରାକେଶ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ହରିହର ତ୍ରିପାଠୀ ବେଦପାଠ କରି ବୈଠକକୁ ସମାପ୍ତ କଲେ ।

# ସିମ୍ଫୋନି ପକ୍ଷରୁ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ

**କେନ୍ଦ୍ରାପଡା,୨୮।୧୦ (ମହାଭାରତ):** ପୁନର୍ବାସ ପରିସରରେ ବିବିଧ କଳାର ସମ୍ମିଳିତ ମଞ୍ଚ 'ସିମ୍ଫୋନି' ପକ୍ଷରୁ ଆସନ୍ତା ଡିସେମ୍ବର ମାସରେ ଜିଲ୍ଲାରେ ପ୍ରଥମଥର ହେବାକୁ ଯାଉଥିବା ତ୍ରିଦିବସୀୟ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି ବୈଠକରେ ଅଭିଜ୍ଞ ବିଶାରଦ ଭାବେ ଓଡିଶା ନାଟ୍ୟସଂଘର ସମ୍ପାଦକ ଶୁଭକାନ୍ତ ପାଢ଼ୀ, ଆକାଶବାଣୀର ବେତାର ନାଟ୍ୟ ଶିଳ୍ପୀ ସମୀର ମିଶ୍ର, ବରିଷ୍ଠ ନାଟ୍ୟ ସଙ୍ଗଠକ ଓ ଉପଦେଷ୍ଟା କୈଳାସ ମହାନ୍ତି, ନିର୍ଦ୍ଦେଶକ ସଞ୍ଜୟ ମଲ୍ଲିକ, ବିଶିଷ୍ଟ ନୃତ୍ୟାଙ୍ଗନା ଜୟଶ୍ରୀ ଦାସ, ନାଟ୍ୟ ଅଭିନେତା ତଥା ଚିତ୍ର ଶିଳ୍ପୀ ଅଜୟ ପଣ୍ଡା ପ୍ରମୁଖ ଏହାର ବାସ୍ତବାୟନ ନିମନ୍ତେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଶ୍ରୀ ପାଢ଼ୀ ସିମ୍ଫୋନିର ଏହି ଅନନ୍ୟ ପ୍ରୟାସ ସଙ୍କଟଗ୍ରସ୍ତ ଓଡ଼ିଆ ନାଟକର ପ୍ରସାର ବୃଦ୍ଧିରେ ସହାୟକ ହେବ ବୋଲି କହିଥିଲେ । ଏହି ବ୍ୟାପକ ସୃଜନାତ୍ମକ ଅଭିନବ ପ୍ରୟାସ କେନ୍ଦ୍ରାପଡ଼ା ଜିଲ୍ଲାର ସାଂସ୍କୃତିକ ଶ୍ରୀ ବୃଦ୍ଧି କରିବା ସହିତ ଏହା ଦ୍ୱାରା ରାଜ୍ୟର ପ୍ରସିଦ୍ଧ ସୌଖିନ ନାଟ୍ୟସଂସ୍ଥାର ଅଭିନୟ ପ୍ରଦର୍ଶନର ସୁଯୋଗ ଜିଲ୍ଲାବାସୀ ପାଇ ପାରିବେ ବୋଲି ମୁଖ୍ୟ ଉପଦେଷ୍ଟା ଶ୍ରୀ ରାଉତରାୟ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ସଂଯୋଜକ ସ୍ୱପ୍ନାଂଶୁ କୁମାର ଦାସ ସ୍ୱାଗତ୍ ଭାଷଣ ପ୍ରଦାନ କରିଥିଲେ । ସମ୍ପାଦକ ଡ. ବିନାୟକ ପ୍ରସାଦ ପ୍ରଧାନ ଅନୁଷ୍ଠାନର ଆଭିମୁଖ୍ୟ ଓ ଆଜି ଯାଏ ହୋଇଥିବା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସହ ସଂଯୋଜକ ଡ. ଗିରିଜା କାନ୍ତ ଦାସ,ଦିବ୍ୟ ରଞ୍ଜନ ବେହେରା ଡ. ଆଶୁତୋଷ ରାଉତ, ଗୋଲାପ ରାଉତ ନିଜର ମତ ରଖିଥିଲେ । ଅନୁଷ୍ଠାନର ବରିଷ୍ଠ ସଭ୍ୟ କଳାକାର ପଣ୍ଡା,ଶୁଭାଂଶୁ କୁମାର ଦାସ, ଅବନ୍ତୀ ବେହେରା, ରଣଧୀର ଜେନା, ନୃସିଂହ ଚରଣ ତ୍ରିପାଠୀ, ପ୍ରେମାନନ୍ଦ ଖଣ୍ଡୁଆଳ, ଇଶ୍ୱର ଚନ୍ଦ୍ର ପୃଷ୍ଟି, କ୍ଷୀରେଦ କର,ଶାନ୍ତନୁ ମଲ୍ଲିକ, ରଶ୍ମି ରଞ୍ଜନ ବାରିକ୍ ପ୍ରମୁଖ ସ୍ୱମତ ଉପସ୍ଥାପିତ କରିଥିଲେ । ବରିଷ୍ଠ କବି ଓ ଉପଦେଷ୍ଟା ନିରାକାର ଦାସ, ଶିକ୍ଷାବିତ୍ ଶୁଭଙ୍କର ନାୟକ, ଚିତ୍ର ଶିଳ୍ପୀ ସିନୁ ଦାସ ପ୍ରମୁଖ ଆଭାସୀ ମାଧ୍ୟମରେ ଯୋଗ ଦେଇ ଥିଲେ । ସର୍ବସମ୍ମତି କ୍ରମେ ସିମ୍ଫୋନିର ସଭାପତି ଭାବେ ବିଶିଷ୍ଟ କବି ଓ ଅନୁବାଦିକା ନବଜ୍ୟୋତି ରାୟଙ୍କୁ ମନୋନୀତି କରାଯାଇ ଥିଲା । ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ସେ ନିଜ ଦାୟିତ୍ୱ ସୂଚାରୁ ରୂପେ ସମ୍ପନ୍ନ କରିବେ ବୋଲି ପ୍ରତିଶୃତି ପ୍ରଦାନ କରିଥିଲେ । ସର୍ବଶେଷରେ କଳାକାର ଦିବ୍ୟ ରଞ୍ଜନ ବେହେରା ଓ ଅନିତା ବେହେରା, ଗାଳ୍ପିକ ବିରଜା ରାଉତରାୟଙ୍କ ଆବୃତ୍ତିରେ 'ଝରକା ସେପଟେ ସେହି ସୁନ୍ଦରୀ ଝିଅଟି' କୁ ଗଳ୍ପାଭିନୟ କରିଥିଲେ ।

# ବିଶ୍ୱ କଲ୍ୟାଣର ନେତୃତ୍ୱ ନେବ ଭାରତ

**ଭୁବନେଶ୍ୱର,୨୮।୧୦ (ମହାଭାରତ):** ଏକବିଂଶ ଶତାବ୍ଦୀ ଭାରତର ଶତାବ୍ଦୀ । ଚତୁର୍ଥ ଶିଳ୍ପ ବିପ୍ଲବ ସମୟରେ ଭାରତ ପାଖରେ ଦୁନିଆର ଲୋକକଲ୍ୟାଣର ନେତୃତ୍ୱ ନେବା ପାଇଁ ଏକ ଅଭୁତପୂର୍ବ ସୁଯୋଗ ରହିଛି । ଏ ଦିଗରେ ଆଇଆଇଟି, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିଜର ବଡ଼ ଦାୟିତ୍ୱ ନିର୍ବାହ କରିବେ ବୋଲି ଏହି ଶିକ୍ଷାନୁଷ୍ଠାନର ୧୩ତମ ସମାବର୍ତ୍ତନ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ସମାବର୍ତ୍ତନ ସମାରୋହ ଜୀବନର ଏକ ଅନନ୍ୟ ମୁହୂର୍ତ୍ତ । ବାରଣାସୀ ସ୍ଥିତ ଆଇଆଇଟି, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହରେ ସାମିଲ ହେବା ସୌଭାଗ୍ୟର ବିଷୟ । ସମ୍ମାନ, ଡିଗ୍ରୀ ଏବଂ ପଦକଧାରୀ ବିଦ୍ୟାର୍ଥୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ସେ କହିଛନ୍ତି ଆଇଆଇଟି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ ବହୁତ ଭାଗ୍ୟବାନ । ପଣ୍ଡିତ ମଦନ ମୋହନ ମାଳବ୍ୟଙ୍କ ଦ୍ୱାରା ଏହି ପବିତ୍ର ସ୍ଥାନରୁ ଆରମ୍ଭ ହୋଇଥିବା ଶିକ୍ଷା ଯଜ୍ଞରୁ ଉତ୍ପନ୍ନ ହୋଇଥିବା ଛାତ୍ରଛାତ୍ରୀମାନେ



ଜଣେ ଜଣେ ଅମୃତ ସଦୃଶ । କାଶୀ ଦୁନିଆର ସ୍ୱଳ୍ପ କିଛି ଜୀବନ୍ତ ସହର ମଧ୍ୟରୁ ଅନ୍ୟତମ । କାଶୀ ହେଉଛି ଭାରତର ଦର୍ଶନଶାସ୍ତ୍ର ତଥା ପାଲି, ପ୍ରାକୃତ, ସଂସ୍କୃତ ଏବଂ ତାମିଲ ଭଳି ପୁରାତନ ଭାଷାର ସଂଗମ ଅଟେ । କାଶୀ ଭଳି ଏକ ଜୀବନ୍ତ ସଭ୍ୟତା ସହ ଯୋଡ଼ି ହେବା ଏକ ବଡ଼ ସୌଭାଗ୍ୟର ବିଷୟ ।

ଅନେକ ମହାପୁରୁଷମାନେ କାଶୀକୁ ଆସିଛନ୍ତି । ଆଜି ମାନ୍ୟତା ହାସଲ କରିଥିବା ଆଇଆଇଟି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସେହି ମହାପୁରୁଷଙ୍କ ଠାରୁ କୌଣସି ଗୁଣରେ କମ ନୁହଁନ୍ତି । ଏହି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ପ୍ରତିଭା ସମ୍ପନ୍ନ ଛାତ୍ରଛାତ୍ରୀମାନେ ଚାକିରି କରିବା ଅପେକ୍ଷା ଅନେକଙ୍କୁ ଚାକିରି ଦେବା ଦିଗରେ କାର୍ଯ୍ୟ କରିବେ ବୋଲି ବିଶ୍ୱାସ ରହିଛି । ଆଗାମୀ ୨୫ ବର୍ଷ ଭାରତର ପ୍ରଗତିର ସୁବର୍ଣ୍ଣ ସମୟ ହେବ । ବିଶ୍ୱର ଏକ ନମ୍ବର ଅର୍ଥନୀତିରେ ପରିଣତ ହେବା ଆମ ଦେଶର ଭାଗ୍ୟରେ ଲେଖାଯାଇଛି । ସମଗ୍ର ବିଶ୍ୱ ଆଜି ଭାରତକୁ ବହୁତ ଆଶାର ସହ ଦେଖୁଛି । ସାରା ଦୁନିଆର ସମସ୍ୟାର ସମାଧାନର ସୂତ୍ର କାଶୀ ଓ ଆଇଆଇଟି ବିଏଚୟୁ ଭଳି ଅନୁଷ୍ଠାନ ପାଖରେ ରହିଛି । ନିଜର ବୌଦ୍ଧିକ ଦକ୍ଷତା ବଳରେ ଆମର ଛାତ୍ରଛାତ୍ରୀମାନେ ଭାରତ ଏବଂ ସମଗ୍ର ବିଶ୍ୱର ଆବଶ୍ୟକତା ପୂରଣ କରିବେ ବୋଲି ଶିକ୍ଷା ମନ୍ତ୍ରୀ କହିଛନ୍ତି । ବାରଣାସୀ ଗସ୍ତ କାଳରେ ଶ୍ରୀ ପ୍ରଧାନ ବାବା ବିଶ୍ୱନାଥ ମନ୍ଦିର ଓ ବାବା କାଳ ଭୈରବ ମନ୍ଦିରରେ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ ।

# ଗଣେଶ୍ୱରଙ୍କ ମନ୍ତବ୍ୟକୁ ଖଣ୍ଡନ କଲେ ଗୀତା

**କେନ୍ଦ୍ରାପଡ଼ା,୨୮।୧୦ (ମହାଭାରତ):** କେନ୍ଦ୍ରାପଡା ଜିଲ୍ଲା ଭାରତୀୟ ଜନତା ପାର୍ଟି ବିଧାନସଭା କ୍ଷେତ୍ରରେ ବିଧାୟିକା ପ୍ରାର୍ଥିନୀ ଗୀତାଞ୍ଜଳୀ ସେଠୀ ଆଜି ପ୍ରେସ୍ ରିଲିଜ ମାଧ୍ୟମରେ ଜନସାଧାରଣଙ୍କୁ ଜଣାଇଛନ୍ତି କି ଗତକାଲି କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହାକୁ ଆମେ ଖଣ୍ଡନ କରିବା ସହ ଆମ୍ଭେ ତାଙ୍କର ଅବଗତି ନିମନ୍ତେ ଜଣାଇଦେବାକୁ ଚାହୁଁଅଛୁ କି ଭାରତୀୟ ଜନତା ପାର୍ଟି ପୃଥିବୀର ସର୍ବବୃହତ୍ତମ ଦଳ ଥିବା ସହ ଏଭଳି ମନ୍ତବ୍ୟ ଦେବା ବିଧାୟକଙ୍କ ହୀନ ମାନସିକତା ପରି ପ୍ରକାଶ ପାଉଛି । ବାତ୍ୟା ଏକ ଦୁର୍ବିପାକ ଅଟେ । ଏହି ସମୟରେ ଲୋକଙ୍କ ପାଖରେ ପହଞ୍ଚିଥିବା ସହ ଲୋକଙ୍କର ଥଇଥାନ କରିବା ବଦଳରେ ରାଜନୈତିକ ରୁଟି ସେକିବାରେ ଏହା ପ୍ରକୃଷ୍ଟ ସମୟ ଭାବି ଏଭଳି ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ବିଗତ ଦିନରେ ଜିଲ୍ଲାରେ "ଦିସା" ଭଳି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁପସ୍ଥିତ ରହିବା ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କ କେନ୍ଦ୍ରାପଡା କଲେଜରେ ଅନୁଷ୍ଠିତ ହୋଇଥିବା ସରକାରୀ କାର୍ଯ୍ୟକ୍ରମରେ ଯୋଗ ନଦେବା ଏହା ଜନସାଧାରଣ ସଠିକ ଭାବରେ ବୁଝିପାରିଥିଲେ । ଏହା ସର୍ବସାଧାରଣରେ ଆଲୋଚନାର ବିଷୟ ହୋଇଥିଲା । ଗଣେଶ୍ୱର ବାବୁଙ୍କ ଏପରି ମନ୍ତବ୍ୟ ଦେବା ବଦଳରେ ଲୋକଙ୍କ ସେବା ନକରି ନିଜେ ନିଜକୁ ଲାଚାର ପରିଲିଖିତ କରୁଛନ୍ତି । "ଦାନା" ବାତ୍ୟାରେ ସରକାର ଲୋକମାନଙ୍କ ପାଇଁ ଯୋଗାଇ ଥିବା ସରକାରୀ ସହାୟତାକୁ ଗଣେଶ ବାବୁଙ୍କ ଇଙ୍ଗିତରେ ଥିବା ଲୋକ ପ୍ରତିନିଧିମାନେ ନିର୍ଦ୍ଦିଷ୍ଟ ଭାବରେ ବାଛି ବାଛି ତାଙ୍କ ସମର୍ଥକମାନଙ୍କୁ ରିଲିଫ୍ ସହାୟତା ଦେବା ନିମନ୍ତେ ନିର୍ଦ୍ଦେଷ ଦେଇଥିବା ସର୍ବସାଧାରଣ ଚର୍ଚ୍ଚା ହେଉଛି । ଏହା ମଧ୍ୟ ତାଙ୍କ ହୀନ ରାଜନୀତିର ପରିଚୟ ।

# ୨୫ ସ୍ଥାନରେ ଅସ୍ଥାୟୀ ବାଣ ଦୋକାନ

**ଭୁବନେଶ୍ୱର,୨୮।୧୦ (ମହାଭାରତ):** ରାଜଧାନୀ ଭୁବନେଶ୍ୱରରେ ୨୫ଟି ସ୍ଥାନରେ ଅସ୍ଥାୟୀ ବାଣ ଦୋକାନ ଖୋଲିବାକୁ ପୋଲିସ ଅନୁମତି ଦେଇଛି । କୌଣସି ଦୋକାନରେ ୩୦୦ କେଜିରୁ ଅଧିକ ବାଣ ରଖାଯାଇ ପାରିବ



ନାହିଁ ବୋଲି ଏହି ଅନୁମତି ପତ୍ରରେ କୁହାଯାଇଛି ବୋଲି ଭୁବନେଶ୍ୱର ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି ।

ସେ କହିଛନ୍ତି ଯେ, ବାଣ ଦୋକାନ ପାଇଁ ୪୬୫ରୁ ଅଧିକ ଆବେଦନ ଆସିଥିଲା । ସେଥି ମଧ୍ୟରୁ ୨୦୦ରୁ ଅଧିକ ଦୋକାନୀଙ୍କୁ ଅନୁମତି ଦିଆଯାଇଛି । କୌଣସି ଦୋକାନରେ ୩୦୦ କେଜିରୁ ଅଧିକ ବାଣ ରଖିପାରିବେ ନାହିଁ । ବାଣ ଦୋକାନ ମଧ୍ୟରେ ଅତି କମରେ ୫ ଫୁଟ୍ ଦୂରତା ରହିବା ଆବଶ୍ୟକ । ବେଆଇନ ଭାବେ ଗଚ୍ଛିତ ବାଣ ଜବତ ପାଇଁ ପୁଲିସ ଚଢ଼ଉ କରୁଛି । ପ୍ରାୟ ୨୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ବାଣ ପୁଲିସ ଜବତ କରିଛି । ବାଲିପାଟଣା ଥାନା ଅଞ୍ଚଳରୁ ୧୫୦ କେଜିରୁ ଅଧିକ ବାଣ ପ୍ରସ୍ତୁତ ସାମଗ୍ରୀ ଜବତ ହୋଇଛି । ବିନା ରସିଦରେ ଜଟଣୀ ବାଣ ଗୋଦାମରେ ରହିଥିବା ଲକ୍ଷାଧିକ ଟଙ୍କାର ବାଣ ମଧ୍ୟ ପୋଲିସ ଜବତ କରିଛି । ଏହା ସହିତ ପ୍ରତି ଦୋକାନ ମଧ୍ୟରେ ତିନି ମିଟର ଦୁରତା ରଖାଯିବ । ଦୋକାନ ସାମ୍ନାରେ ପାଣି ଡ୍ରମ , ଓଦା କମ୍ବଳ , ବାଲିବସ୍ତା , ଓ ଏକ୍ସଟିନଗ୍ୟୁସର ରଖିବା ପାଇଁ ବାଧ୍ୟତା ମୂଳକ କରାଯାଇଛି । ଦୋକାନ ସ୍ଥାନରୁ ଆଗ ପଛ ଦୁଇ କଡରେ ୨ ଶହ ମିଟର ପର୍ଯ୍ୟନ୍ତ କୌଣସି ମନ୍ଦିର , ମସଜିଦ , ଗିର୍ଜା , ସ୍କୁଲ କିମ୍ବା ଜନବସତି ରହିନଥିବ । ଏହାକୁ ଦେଖିବା ପାଇଁ କମିସନରେଟ ପୋଲିସ , ଅଗ୍ନିଶମ ବିଭାଗ ଓ ଅନ୍ୟାନ୍ୟ ବିଭାଗର ଅଫିସରଙ୍କୁ ନେଇ ଏକ ଟିମ ଗଠନ କରାଯାଇଛି । ସେହି ଟିମ ଗାଇଡଲାଇନ ପାଳନ କରୁନଥିବା ଦୋକାନ ବିରୁଦ୍ଧରେ କୌଣସି ମତ ରଖିଲେ ସେହି ଦୋକାନ ଲାଇସେନ୍ସ ବାତିଲ କରାଯିବ ।

# 'ବନ୍ଧ ସୁରକ୍ଷା ଓ ଉନ୍ନତିକରଣ' ନୂଆ ଯୋଜନା

**ଭୁବନେଶ୍ୱର,୨୮।୧୦ (ମହାଭାରତ):** ରାଜ୍ୟର ତଳମୁଣ୍ଡରେ ଅଧିକ ଜଳପ୍ରବାହ ଯୋଗୁ ସୃଷ୍ଟି ହେଉଥିବା ବନ୍ୟା ପରିସ୍ଥିତିକୁ ଏଡ଼ାଇବା ପାଇଁ ରାଜ୍ୟ ସରକାର ଏକ ନୂଆ । ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି । ଏହି ଯୋଜନାରେ ୫ ବର୍ଷରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବର ଲକ୍ଷ୍ୟ ରଖାଯାଇଛି । 'ବନ୍ଧ ସୁରକ୍ଷା ଓ ଉନ୍ନତିକରଣ କାର୍ଯ୍ୟ' ନାଁରେ ଏହି ନୂଆ । ଯୋଜନାରେ ପୁରାତନ ତଥା ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଡ୍ୟାମଗୁଡ଼ିକର ପୁନରୁଦ୍ଧାର ଓ ସୁଦୃଢ଼ୀକରଣ କରାଯିବ । ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଏହି ଖର୍ଚ୍ଚ ବହନ କରିବେ ।

ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଜାରି 'ସଂକଳ୍ପପତ୍ର' ଅନୁସାରେ, ପୁରାତନ ତଥା ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଡ୍ୟାମଗୁଡ଼ିକର ବିଫଳତା ଯୋଗୁ ତଳମୁଣ୍ଡରେ ଅତିରିକ୍ତ ଜଳପ୍ରବାହରୁ ଧନ ଜୀବନହାନି ହେଉଛି । ସେଥିପାଇଁ ପୁରାତନ ବନ୍ଧଗୁଡ଼ିକର ସୁରକ୍ଷା ପାଇଁ ଏହାର ନିରୀକ୍ଷଣ ଓ ରକ୍ଷଣାବେକ୍ଷଣ ସହିତ ଆବଶ୍ୟକତା ଅନୁସାରେ ମରାମତି ଓ ଉନ୍ନତିକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାକୁ ଦୃଷ୍ଟିରେ ରଖି ଡ୍ୟାମର ଅବକ୍ଷୟକୁ ଦୂର କରିବା ନିମନ୍ତେ 'ବନ୍ଧ ସୁରକ୍ଷା ଓ ଉନ୍ନତିକରଣ କାର୍ଯ୍ୟ' ଯୋଜନାକୁ ଆଗାମୀ ୫ବର୍ଷ ପାଇଁ କାର୍ଯ୍ୟକାରୀ କରାଯିବ । ଏହି ଯୋଜନା ପାଇଁ କୌଣସି ଅତିରିକ୍ତ କର୍ମଚାରୀ ନିଯୁକ୍ତିର ଆବଶ୍ୟକତା ନାହିଁ । ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବନ୍ଧର ସୁରକ୍ଷା ଓ ସୁଦୃଢ଼ୀକରଣ, ବନ୍ଧର ସ୍ଥିତାବସ୍ଥାରେ ଉନ୍ନତି, ବନ୍ଧର ସ୍ଥାୟିତ୍ୱ ତଥା ବୟସସୀମା ବୃଦ୍ଧି, ଜଳବ୍ୟବହାର ଦକ୍ଷତା ବୃଦ୍ଧି ଓ ଚାହିଦା ଅନୁଯାୟୀ ଜଳଯୋଗାଣ ଆଦି ବୋଲି ସଂକଳ୍ପପତ୍ରରେ ଉଲ୍ଲେଖ ରହିଛି । ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ରେ ଏହି ଯୋଜନାରେ ୪୧.୭୫କୋଟି, ୨୦୨୫-୨୬ରେ ୪୭.୧୫କୋଟି, ୨୦୨୬-୨୭ରେ ୪୩.୭୫କୋଟି, ୨୦୨୭-୨୮ରେ ୩୬.୫୦କୋଟି ଓ ୨୦୨୮-୨୯ରେ ୩୦.୮୫କୋଟି ଟଙ୍କା ଟଙ୍କା ଖର୍ଚ୍ଚ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି ।

# ଦୁର୍ନୀତି ନିବାରଣ ସଚେତନତା

**କେନ୍ଦ୍ରାପଡା,୨୮।୧୦ (ମହାଭାରତ):** ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ଅକ୍ଟୋବର ୨୮ତାରିଖ ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଅଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଓ କର୍ମଚାରୀଙ୍କୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଲୋକସେବା ଭବନର କନଭେନସନ ସଭାଗୃହରୁ ଦୁର୍ନୀତି ନିବାରଣ ଶପଥ ପାଠ କରାଇଥିଲେ । ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ ଆୟୋଜିତ ଶପଥ ପାଠ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେଯେ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଗଠନ ଉପରେ ରାଜ୍ୟ ସରକାର ପ୍ରତିଶୃତିବଦ୍ଧ ଓ ଦୁର୍ନୀତି ବିରୁଦ୍ଧରେ ରାଜ୍ୟ ସରକାର ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି । ରାଜ୍ୟ ସରକାର ଦୁର୍ନୀତି ମୂଳୋତ୍ପାଟନ ପାଇଁ ତୃଣମୂଳସ୍ତରରୁ ପ୍ରୟସ ଜାରି ରଖିଛନ୍ତି । କ୍ୟାନସର ବା ମଧୁମେୟ ରୋଗ ଯେପରି ଶରୀରକୁ ଦୁର୍ବଳ କରିବା ସହ ମୃତ୍ୟୁ ମୁଖକୁ ଟାଣି ନିଏ ସେହିପରି ଦୁର୍ନୀତି ସମାଜକୁ ଦୁର୍ବଳ ଓ ଧ୍ୱଂସ କରିଦିଏ । କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଯୋଜନାର ଅର୍ଥରାଶି ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ଟ୍ରାନ୍ସଫର ହେଉଥିବାରୁ ଗୋଟିଏ ଟଙ୍କା ହେଲେବି ବାଟମାରଣା ହୋଇପାରୁ ନାହିଁ । ୨୦୨୯ ମସିହା ମଧ୍ୟରେ ରାଜ୍ୟକୁ ଭାରତ ବର୍ଷର ଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ସ୍ଥାନିତ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ମୁଖ୍ୟମନ୍ତ୍ରୀ । ଜିଲ୍ଲାସ୍ତରୀୟ ଶପଥ ପାଠ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଉପଜିଲ୍ଲାପାଳ ଅଶୋକ କୁମାର ଦାସ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ, ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଦୟାସିନ୍ଧୁ ପରିଡା, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମ ସ୍ୱାଇଁ, ଜିଲ୍ଲା କାର୍ଯ୍ୟଳୟର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଯୋଗ ଦେଇ ସେମାନଙ୍କ କର୍ତ୍ତବ୍ୟ ଓ କାର୍ଯ୍ୟଧାରାରେ ସାଧୁତା ଓ ସ୍ୱଚ୍ଛତା ବଜାୟ ରଖିବାକୁ ଅବିରତ ଉଦ୍ୟମ କରିବେ ଏବଂ ମୂଲ୍ୟଭିତ୍ତିକ ସେବା ଯୋଗାଇ ଦେବେ ବୋଲି ଶପଥ କରିଥିଲେ । କର୍ମଚାରୀମାନେ ଶପଥ ପାଠରେ ଆଇନ ମୁତାବକ ଜନସାଧାରଣଙ୍କ ହିତ ପାଇଁ ସୁସ୍ଥ, ନିରପେକ୍ଷ, ସଚ୍ଚୋଟତା ଭାବେ କାର୍ଯ୍ୟ କରିବେ ଲାଞ୍ଚ ନେବେ ନାହିଁ କି ଲାଞ୍ଚ ଦେବେ ନାହିଁ ବୋଲି ଶପଥ ପାଠ କରିଥିଲେ ।

# ଭୁବନେଶ୍ୱରରେ ଶିଳ୍ପା ସେଟ୍ଟୀଙ୍କ ଦ୍ୱାରା କଲ୍ୟାଣ ଜୁଏଲର୍ସ ସୋ'ରୁମ୍ ଉଦଘାଟିତ

**ଭୁବନେଶ୍ୱର,୨୮।୧୦ (ମହାଭାରତ):** ଭାରତର ଅନ୍ୟତମ ବୃହତମ ଏବଂ ବିଶ୍ୱସ୍ତ ଗହଣା ବ୍ରାଣ୍ଡ କଲ୍ୟାଣ ଜୁଏଲର୍ସ ଆଜି ଭୁବନେଶ୍ୱର ସୌଭାଗ୍ୟ ନଗରରେ ଏହାର ନୂଆ ସୋ'ରୁମ୍ ଆରମ୍ଭ କରିଛି । କଲ୍ୟାଣ ଜୁଏଲର୍ସର ବିଭିନ୍ନ କଲେକ୍ସନର ଭିନ୍ନ ଭିନ୍ନ ଡିଜାଇନ୍ ଥିବା ଏହି ସୋ'ରୁମକୁ ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଉଦଘାଟନ କରିଛନ୍ତି । ସୁପରଷ୍ଟାର ଶିଳ୍ପାଙ୍କ ଏକ ଝଲକ ଦେଖିବା ପାଇଁ ପ୍ରଶଂସକ ଓ ଗ୍ରାହକମାନେ ବହୁ ସଂଖ୍ୟାରେ ଏକାଠି ହୋଇଥିଲେ । ଏହି ଭବ୍ୟ ସ୍ୱାଗତ ସୋ'ରୁମ୍ ଉନ୍ମୋଚନରେ ଏକଉର୍ଜା ଯୋଗାଇଥିଲାଯାହା କାର୍ଯ୍ୟକ୍ରମକୁ ନେଇ ରହିଥିବା ଉତ୍ସାହ ଏବଂ ଆଶାକୁ ପ୍ରତିଫଳିତ କରିଥିଲା ।

ଏହି ଅବସରରେ ବଲିଉଡ ସୁପରଷ୍ଟାର ଶିଳ୍ପା ସେଟ୍ଟୀ କହିଛନ୍ତି ଯେ, 'କଲ୍ୟାଣ ଜୁଏଲର୍ସର ସୋ'ରୁମ୍ର ଉଦଘାଟନ ପାଇଁ ଏଠାକୁ ଆସି ମୁଁ ଆନନ୍ଦିତ । କମ୍ପାନିର 'ଟ୍ରଷ୍ଟ ଇଜ୍ ଏଭରିଥିଙ୍ଗ' ନୀତି ପ୍ରତି ପ୍ରତିବଦ୍ଧତା ସେମାନଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ କରିଛି । ସେବା ଉତ୍କର୍ଷତା ଏବଂ ଗ୍ରାହକ କୈନ୍ଦ୍ରୀକ ପ୍ରତି କମ୍ପାନିର ଅତୁଟ ସମର୍ପଣ କଲ୍ୟାଣ ଜୁଏଲର୍ସକୁ ଏହାର ପ୍ରତିଦ୍ୱନ୍ଦ୍ୱୀମାନଙ୍କ ମଧ୍ୟରେ ସ୍ୱତନ୍ତ୍ର କରିଛି । ଆଜି ଆପଣମାନଙ୍କ ସହ




ଯୋଡ଼ି ହେବାର ସୁଯୋଗ ପାଇ ମୁଁ ଆନନ୍ଦିତ ଏବଂ ବ୍ରାଣ୍ଡ ଅଭିବୃଦ୍ଧିର ପର୍ଯ୍ୟାୟ ଆରମ୍ଭ କରୁଥିବା ବେଳେ ଆପଣଙ୍କ ନିରନ୍ତର ସମର୍ଥନ ଆଶା କରୁଛି ।''

ଧନତେରସ ଏବଂ ଦୀପାବଳିର ପବିତ୍ର ପର୍ବ ଋତୁରେ ଏହି ନୂତନ ସୋ'ରୁମ୍ ଉଦଘାଟନ କରାଯାଇଛି । କାରଣ ଏହି ଗହଣା ବ୍ରାଣ୍ଡ୍ ଏହାର ବଜାର ଉପସ୍ଥିତିକୁ ସୁଦୃଢ଼ କରିବା ସହିତ ପର୍ବପର୍ବାଣୀର ଭାବନାକୁ ଉପଯୋଗ କରିବାକୁ ଲକ୍ଷ୍ୟ ରଖିଛି । ଗ୍ରାହକମାନେ ଏକ ବିଶ୍ୱସ୍ତରୀୟ ପରିବେଶରେ ସେବା ସମର୍ଥିତ ସପିଂ ଅନୁଭୂତି ଉପଭୋଗ କରିପାରିବେ ।

ନୂଆ ସୋ'ରୁମ୍ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣରମଣ କହିଛନ୍ତି ଯେ, 'ଏକ କମ୍ପାନି ଭାବେ ଆମେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟରେ ପହଂଚିଛୁ ଏବଂ ଗ୍ରାହକଙ୍କ ସପିଂ ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ ଏକ ବ୍ୟାପକ ପରିବେଶ ନିର୍ମାଣ ଦିଗରେ ଯଥେଷ୍ଟ ଅଗ୍ରଗତି କରିଛୁ । ବର୍ଷ ବର୍ଷ ଧରି ଆମେ ଏହି ଅଂଚଳରେ ଆମର ଉପସ୍ଥିତିକୁ ବିସ୍ତାର କରିଛୁ ଏବଂ ଆମର ବିଶ୍ୱାସ ଯେ ଭୁବନେଶ୍ୱରର ଏହିସୋ'ରୁମ୍ ଆମର ବଜାର ସ୍ଥିତିକୁ ଆହୁରି ସୁଦୃଢ଼ କରିବ ଏବଂ ଆମ ମୂଲ୍ୟବାନ ଗ୍ରାହକମାନଙ୍କୁ ଅଧିକ ସୁବିଧା ଏବଂ ସେବା ଉପଲବ୍ଧ କରିବ ।''

ଉନ୍ମୋଚନ ଅବସରରେ କଲ୍ୟାଣ ଜୁଏଲର୍ସ ଅନେକ ଆକର୍ଷଣୀୟ ଅଫର ଘୋଷଣା କରିଛି ଯାହା ଗ୍ରାହକମାନଙ୍କୁ ସେମାନଙ୍କ ଗହଣା କ୍ରୟରେ ଉଲ୍ଲେଖନୀୟ ସଂଚୟ କରିବାର ସୁଯୋଗ ଦେଇଛି । ଦୀପାବଳି ବୋନାଞ୍ଜା ଅଫର ଅଧୀନରେ ଗ୍ରାହକମାନେ ସାଦା ସୁନା ଅଳଙ୍କାର ପାଇଁ ଗଢ଼ା ମଜୁରି ଉପରେ ୪୫% ପର୍ଯ୍ୟନ୍ତ ରିହାତି ପାଇପାରିବେ । ପ୍ରିମିୟମ ଉତ୍ପାଦ ପାଇଁ ମେକିଂ ଚାର୍ଜ ଉପରେ ୩୦% ରିହାତି ଲାଗୁ ହେଉଥିବା ବେଳେ ଟେମ୍ପୁଲ ଓ ଆଂଟିକ୍ ଗହଣା ପାଇଁ ଗଢ଼ା ମଜୁରି ଉପରେ ୩୫% ରିହାତି ଦେଉଛି ।

# ହେଜବୁଲ୍ଲା ସଙ୍ଗଠନ ଦୁର୍ବଳ

ହେଜବୁଲ୍ଲା ସଙ୍ଗଠନର ମୁଖିଆ ହସନ ନସରଲ୍ଲା ପ୍ରାଣ ହରାଇଥିବାର ଖବର ପ୍ରଚାରିତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହା ମିଛ ବୋଲି ଜଣାପଡ଼ିଲା। ତେଣୁ ବାସ୍ତବରେ ଏବେ ସେ ପ୍ରାଣ ହରାଇଛି କି ନାହିଁ ତାହା ସନ୍ଦେହରେ। ଇସ୍ରାଏଲ ପକ୍ଷରୁ ନସରଲ୍ଲାର ମୃତ୍ୟୁ ନେଇ ଯାହା ଦାବି କରାଯାଉଛି ତାହାକୁ ହେଜବୁଲ୍ଲା ପକ୍ଷରୁ ସ୍ୱୀକାର କରାଯାଇଛି। କିନ୍ତୁ ଏପରି ବି ହୋଇପାରେ ଯେ, ଇସ୍ରାଏଲକୁ ବୋକା ବନାଇବାକୁ ଏବଂ ନସରଲ୍ଲାକୁ ବର୍ତ୍ତମାନ ପାଇଁ ନିରାପଦ ରଖିବାକୁ ହେଜବୁଲ୍ଲା ଏହାକୁ ସ୍ୱୀକାର କରାଯାଇଥାଇପାରେ। ତେବେ ଇସ୍ରାଏଲ ଏହାକୁ ଏକ ବଡ଼ ସଫଳତା ବୋଲି ଦାବି କରୁଛି। ବିଶ୍ୱର ପ୍ରମୁଖ ଆତଙ୍କୀ ନେତାଙ୍କ ମଧ୍ୟରେ ନସରଲ୍ଲାର ନାମ ରହିଥିଲା। ଏବେ ସେ ଆଉ ବିଶ୍ୱବାସୀଙ୍କୁ ଆତଙ୍କିତ କରିପାରିବ ନାହିଁ ବୋଲି ଇସ୍ରାଏଲ ପକ୍ଷରୁ କୁହାଯାଇଛି। ଅନେକ ଦିନ ହେବ ନସରଲ୍ଲାର ଗିତିବିଧି ଉପରେ ଇସ୍ରାଏଲ ନଜର ରଖିଥିଲା। କହିବା ବାହୁଲ୍ୟ ଯେ, ଇସ୍ରାଏଲର ଗୁପ୍ତଚର ବିଶ୍ୱରେ ସର୍ବଶ୍ରେଷ୍ଠ। ତେଣୁ ନସରଲ୍ଲା ସଠିକ ଭାବେ କେଉଁଠି ଲୁଚି ରହିଛି ତାହା ଇସ୍ରାଏଲ ପାଇଁ ଜାଣିବା କଷ୍ଟକର ନଥିଲା। ଶୁକ୍ରବାର ରାତିରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଜାତିସଂଘ ସାଧରଣ ପରିଷଦ ବୈଠକରେ ଉଦବୋଧନ ଦେଇ ହମାସ ଏବଂ ହେଜବୁଲ୍ଲା ଉପରେ ଆକ୍ରମଣକୁ ଯଥାର୍ଥ ବୋଲି ଦର୍ଶାଇଥିଲେ। ସାଧାରଣ ପରିଷଦ ବୈଠକରେ ନେତାନ୍ୟାହୁଙ୍କ ଉଦବୋଧନ ଶେଷ ହେବା କ୍ଷଣି ବିରୁଟ ଉପରେ ରକେଟ ବର୍ଷା ଆରମ୍ଭ ହୋଇଯାଇଥିଲା। ଏଥିରେ ନସରଲ୍ଲା ଆଶ୍ରୟ ନେଇଥିବା ଏକ କୋଠା ଧ୍ୱଂସ ହୋଇଯାଇଥିଲା। ସେଠାରେ ନସରଲ୍ଲା ଲୁଚିଛି ବୋଲି ଇସ୍ରାଏଲ ଗୁପ୍ତଚର ସୂତ୍ରରୁ ଜାଣିବା ପରେ ଏହାକୁ ଟାର୍ଗେଟ କରିଥିଲା। ଶେଷରେ ଇସ୍ରାଏଲର ଟାର୍ଗେଟ ପୂରଣ ହେଲା ଏବଂ ନସରଲ୍ଲା ନିହତ ହେଲା। ଏହା ପୂର୍ବରୁ ଇସ୍ରାଏଲ ଆକ୍ରମଣରେ ହେଜବୁଲ୍ଲାର ଅନେକ ଟପ କମାଣ୍ଡର ନିହତ ହୋଇଥିଲେ। ଗୋଟିଏ ବାକ୍ୟରେ କହିଲେ ଇସ୍ରାଏଲ ଆକ୍ରମଣରେ ହେଜବୁଲ୍ଲାର ଅନେକ ଆଗଧାଡ଼ିର ନେତା ନିହତ ହୋଇଛନ୍ତି। ଫଳରେ ଏହି ସଙ୍ଗଠନ ଦୁର୍ବଳ ହୋଇଯିବ। କିନ୍ତୁ ଜଣେ ବ୍ୟକ୍ତି ବା ନେତାଙ୍କ ମୃତ୍ୟୁରେ ସଙ୍ଗଠନ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବା ଆଶା କରାଯାଇନପାରେ। ଓସାମା ବିନ ଲାଡେନର ବମୃତ୍ୟୁ ପରେ ମଧ୍ୟ ଅଲକାଏଦା ରହିଛି। ତାଲିବାନ ଆଫଗାନିସ୍ତାନରେ ପୁଣି ଶାସନ କ୍ଷମତା ଦଖଲ କରିଛି। ଅତୀତରେ ଏପରି ଅନେକ ଆତଙ୍କୀ ସଙ୍ଗଠନର ଶୀର୍ଷ ନେତା ନିହତ ହୋଇଥିଲେ ମଧ୍ୟ ଏହି ସଙ୍ଗଠନ ବିଲୁପ୍ତ ହୋଇନି। ଆଉ କେହି ଶୂନ୍ୟସ୍ଥାନ ପୂରଣ ନିମନ୍ତେ ଆଗେଇ ଆସିଛନ୍ତି। କିଛି ଦିନ ପାଇଁ ସଙ୍ଗଠନ ଦୁର୍ବଳ ବା ନିଷ୍କ୍ରିୟ ହୋଇଯାଇପାରେ। କିନ୍ତୁ ସମ୍ପୂର୍ଣ୍ଣ ବିଲୁପ୍ତ ହେବା ସମ୍ଭାବନା ନାହିଁ। ହେଜବୁଲ୍ଲାର ଟପ ନେତାମାନେ ନିହତ ହୋଇଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ବିଲୁପ୍ତ ହେବ ନାହିଁ ଏବଂ ଇସ୍ରାଏଲ ୨ପାଇଁ ଏହା ସବୁଦିନ ବିପଦ ହୋଇରହିବ। ନସରଲ୍ଲା ନିହତ ହେବା ଦ୍ୱାରା ଇସ୍ରାଏଲ ସମ୍ପୂର୍ଣ୍ଣ ସୁରକ୍ଷିତ ହୋଇଓଗଲା, ସେକଥା ଭାବିବା ଭୁଲ। ହମାସ ସପକ୍ଷରେ ହେଜବୁଲ୍ଲା ଲଢ଼େଇ କରୁଥିଲା। ଏହା ପଛରେ ଇରାନର ସମର୍ଥନ ରହିଛି। ଏଭଳି ଅନେକ ସଙ୍ଗଠନ ରହିଛି ଯାହା ପଛରେ ଇରାନ, ସିରିଆ ଏବଂ ଅନ୍ୟ ବହୁ ଇସଲାମିକ ରାଷ୍ଟ୍ରର ସମର୍ଥନ ରହିଛି। ସେମାନଙ୍କ ସହାୟତା ଓ ସହଯୋଗ ବିନା ,ସବୁ ସଙ୍ଗଠନ ତିଷ୍ଠିପାରିବ ନାହିଁ। ହେଜବୁଲ୍ଲା, ହମାସ, ତାଲିବାନ, ଅଲକାଏଦା ଏସବୁ ଇସଲାମିକ ମୌଳବାଦୀ ସଙ୍ଗଠନ ଗୋଟିଏ ଚିନ୍ତାଧାରା ନେଇ ଗଠିତ। ତାହା ହେଲା ଆତଙ୍କବାଦର ପ୍ରସାର, ଇସଲାମିକ ବିଚାରଧାରାକୁ ସାରା ବିଶ୍ୱରେ ପ୍ରତିଷ୍ଠିତ କରିବା ଏବଂ ଅର୍ଥ ଓ କ୍ଷମତା ଅକ୍ତିଆର କରିବା।

# ଜୈବପ୍ରଯୁକ୍ତି ଓ ଛାତ୍ର ଛାତ୍ରୀଙ୍କ କର୍ମନିଯୁକ୍ତି

|| ପ୍ରଫେସର ହୃଦୟନାଥ ଆଟୋଇ ||

"ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧ୍ୟାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୁପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି।

ଜୈବପ୍ରଯୁକ୍ତି ବିଦ୍ୟାରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲାପରେ ଛାତ୍ରଛାତ୍ରୀଙ୍କ ପାଇଁ କେଉଁ ସବୁ ନିଯୁକ୍ତି ଓ ଉଚ୍ଚତର ଶିକ୍ଷାର ସୁଯୋଗ ରହିଛି ସେ ରହିଛି ସେ ବିଷୟରେ ଆଲୋକପାତ କରିବା ଏ ପ୍ରବନ୍ଧର ଲକ୍ଷ୍ୟ। ସ୍ନାତୋକର ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀଙ୍କ ପାଇଁ ମୁଖ୍ୟତଃ ୪ ପ୍ରକାର ବିକଳ୍ପ ରହିଛି। ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲା ପରେ ଛାତ୍ର ଛାତ୍ରୀମାନେ ଏମ.ଫୀଲ ଓ ପିଏଚଡି ଶିକ୍ଷା ଲାଭ ପାଇଁ ଯୋଗଦେଇ ପାରିବେ। ମାତ୍ର ଏମ.ଫୀଲ ଏ ବର୍ଷରୁ ୟୁଜିସି ଦ୍ୱାରା ବନ୍ଦ୍ କରି ଦିଆଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ଜାତୀୟ ଗବେଷଣା ଅନୁଷ୍ଠାନ ଯଥା ଏନଆଇଟି, ସିଟିସିଆରଆଇ, ଆଇଏମଟି, ଆରପିଆରସି, ସିଡିଆରଆଇ, ଏନବିଆରଆଇ ଇତ୍ୟାଦି ପ୍ରତିଷ୍ଠାନରେ ଉଦ୍ଦିଷ୍ଟ ଲାବରଟୋରୀରେ ଅଥବା ପ୍ରୋଜେକ୍ଟ ବା ରିସର୍ଚ୍ଚ ସହାୟକ ହିସାବରେ ଯୋଗଦାନ କରି ପାରିବେ। ବିଭିନ୍ନ ଜୈବ ପ୍ରଯୁକ୍ତି ଶିଳ୍ପ ଯଥା-ବାୟୋକନ, ଇଣ୍ଡୋହାଇବ୍ରିଡସିଡ, ଭାରତ ବାୟୋଟେକ, ରିଲଆନସ, ଲାଇଫ୍ ସାଇନ୍ସ, ବିଭିନ୍ନ ଫର୍ମାସ୍ୟୁଟିକାଲ ଶିଳ୍ପ ଯଥା ଡକ୍ଟର ରେଡି, ଟୋରେଟଂ ତଥା ବିଭିନ୍ନ ମେଡିକାଲ ଡାଇଗ୍ନୋଷ୍ଟିକ୍ ସେଟଂର, ଫୁଡ ଇଣ୍ଡଷ୍ଟ୍ରିଜ୍, ଫିସ୍ ପ୍ରୋସେସିଂ ଇତ୍ୟାଦିରେ ବୈଜ୍ଞାନକି ବା ଟେକ୍ନିକାଲ କର୍ମଚାରୀ ଓ ଗୁଣବତା ନିୟନ୍ତ୍ରକ ଅଧିକାରୀ ଭାବେ କାର୍ଯ୍ୟ କରି ପାରିବେ।

ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧ୍ୟମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧ୍ୟାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୁପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି। ଏଥିପାଇଁ ଛାତ୍ର ଛାତ୍ରୀଙ୍କୁ ଜାତୀୟ ସ୍ତରୀୟ ପରୀକ୍ଷା ଯେପରିକି ସିଏସଆଇଆର ବା ୟୁଜିସି ନାସନାଲ ଏଲିଜିବିଲିଟି ଟେଷ୍ଟ ଫର୍ (ଏନଇଟି)ପରୀକ୍ଷାରେ ଉତୀର୍ଣ୍ଣ ହେବାକୁ ପଡିଥାଏ। ଏତଦବ୍ୟତୀତ ଗ୍ରାଜୁଏଟ ଆର୍ପଟିଚ୍ୟୁଟ ଟେଷ୍ଟ ଫରି ଇଞ୍ଜିନିୟରିଂ (ଜିଏଇଟି) , ଇଣ୍ଡିଆନ କାଉଁସିଲ ଅଫ୍ ଏଗ୍ରିକଲଚରାଲ ରିସର୍ଚ୍ଚ ନାସନାଲ ଏଲିଜିବିଲିଟି ଟେଷ୍ଟ (ଆଇସିଏଆର), ବାୟୋଟେକ୍ନୋଲୋଜି ଏଲିଜିବିଲିଟି ଟେଷ୍ଟ (ବିଇଟି), ଡିପାର୍ଟମେଣଟଂ ଅଫ୍ ବାୟୋଟେକ୍ନୋଲୋଜି ଟେଷ୍ଟ (ଡିବିଟି) ଇତ୍ୟାଦିରେ ଉତୀର୍ଣ୍ଣ ହେବା ପରେ ନିହାତି ଛାତ୍ର ଛାତ୍ରୀମାନେ ୟୁନିଭରସିଟି, ଇଞ୍ଜିନିୟରିଂ କଲେଜ, ଏନଆଇଟି ଓ ଆଇଆଇଟି ମାନଙ୍କରେ ଗବେଷଣା କରିବାକୁ ଯୋଗ ଦେଇଥାଆନ୍ତି। ଏହି ସବୁ ପରୀକ୍ଷାରେ ଉତୀର୍ଣ୍ଣ ହେଲେ ଛାତ୍ର ଛାତ୍ରୀମାନଙ୍କୁ ଗବେଷଣା କରିବାକୁ ସରକାରଙ୍କଠାରୁ ଛାତ୍ରବୃତି ସହିତ ଅନୁସନ୍ଧାନ ସହାୟତା ରାଶି ମଧ ମିଳିଥାଏ। ବର୍ତମାନ ସିଏସଆଇଆର ଓ ୟୁଜିସି ଉତୀର୍ଣ୍ଣ ଛାତ୍ର ଛାତ୍ରୀମାନେ ସପ୍ତମ ବେତନ କମିଶନ ସୁପାରିଶ ଅନୁସାରେ ପ୍ରଥମ ଦୁଇ ବର୍ଷ ୩୧ ହଜାର ଟଙ୍କା ଏବଂ ଘରଭଡା ବାବଦକୁ ସ୍ଥାନ ଅନୁସାରେ ୫% ରୁ ୧୫% ପାଇଥାଆନ୍ତି। ମାତ୍ର ପରବର୍ତୀ ୩ ବର୍ଷ ବରିଷ୍ଠ ରିସର୍ଚ୍ଚ ସ୍କଲାର ହିସାବରେ ୩୫ ହଜାର ଟଙ୍କା ସହିତ ଘରଭଡା ମଧ ପାଇଥାଆନ୍ତି। ଏତଦବ୍ୟତତ ଗବେଷଣା କରିବା ପାଇଁ ଅନୁସନ୍ଧାନ ସହାୟତା ରାଶି ବର୍ଷକୁ ୨୫ ହଜାର ଟଙ୍କା ପାଇଥାଆନ୍ତି। ସିଏସଆଇଆର ନେଟ ପରୀକ୍ଷାରେ ସର୍ବଶ୍ରେଷ୍ଟ ନମ୍ବର ରଖିଥିବା ପ୍ରଥମ କିଛି ମେଧାବୀ ଛାତ୍ର ଛାତ୍ରୀଙ୍କୁ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଫେଲୋସିପ୍ ମିଳିଥାଏ। ଏହି ଫୋଲୋସିପ ର ମୂଲ୍ୟ ପ୍ରଥମ ଦୁଇ ବର୍ଷ ୩୬ ହଜାର ଓ ପରବର୍ତୀ ୩ ବର୍ଷ ୪୨ ହଜାର ପ୍ରତିମାସ ମିଳିଥାଏ। ସିଏସଆଇଆର ଫେଲୋସିପ୍ ଦୁଇ ପ୍ରକାରର ଅଛି। ଯଥା କେବଳ ଏଲିଜିବିଲିଟି ଫର ଲେକ୍‌ଚରସିପ୍ ଓ ଅନ୍ୟଟି ଜେଆରଏଫ। ଏହି ପରୀକ୍ଷାରେ ଉତୀର୍ଣ୍ଣ ଲିଷ୍ଟର ପ୍ରଥମ କିଛି ପିଲାଙ୍କୁ ଫେଲୋସିପ ମିଳିଥାଏ। ଯେଉଁମାନଙ୍କୁ ସରକାରଙ୍କ ଠାରୁ ସିଧା ସଳଖ ଉପରୋକ୍ତ ଫେଲୋସିପ ମିଳିଥାଏ। ମାତ୍ର ଏହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ପଛୁଆ କିଛି ପିଲାଙ୍କୁ କେବଳ ଲେକଚରସିପ ଆୱାର୍ଡ କରାଯାଇଥାଏ। ସେହି ଛାତ୍ରଛାତ୍ରୀମାନେ ସାରା ଦେଶରେ କଲେଜ ଓ ୟୁନିଭରସିଟିରେ ଲେକଚର ହେବାକୁ ଯୋଗ୍ୟ ହୋଇ ଥାଆନ୍ତି।

ଏତଦବ୍ୟତୀତ ସେମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗବେଷଣା ଅନୁଷ୍ଠାନରେ ବିଭିନ୍ନ ଜାତୀୟ ପ୍ରୋଜେକ୍ଟରେ ଯୋଗ ମଧ କରିଥାଆନ୍ତି ଓ ସମପରିମାଣର ଫେଲୋସିପ ରିସର୍ଚ୍ଚ ପ୍ରୋଜେକ୍ଟ ଫେଲୋସିପରୁ ପାଇଥାଆନ୍ତି। ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସ୍ନାତୋକତରରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀମାଙ୍କୁ ପିଏଚଡି ଶିକ୍ଷା ଲାଭ କରିବା ପାଇଁ ରିସର୍ଚ୍ଚ ଫେଲୋସିପ ଡିଏସଟି ଇନସ୍ପାୟାର ଦିଆଯାଇଥାଏ। ଏହାର ଫେଲୋସିପ ବାବଦକୁ ପ୍ରଥମ ଦୁଇ ବର୍ଷ ୩୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ୨୦ ହଜାର ଟଙ୍କା ପ୍ରତିବର୍ଷ ପ୍ରଦାନ କରାଯାଇଥାଏ। ଏହାର ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ମିଳିଥାଏ। ଏତଦବ୍ୟତୀତ ସ୍ନାତୋକତର ଉତୀର୍ଣ୍ଣ କିଛି ଛାତ୍ରଛାତ୍ରୀ ରାଜ୍ୟ ସରକାରଙ୍କ ରିସର୍ଚ୍ଚ ଫେଲୋସିପ ଯେପରିକି ଆମ ରାଜ୍ୟ ଓଡିଶାରେ ବିଜୁ ପଟ୍ଟନାୟକ ରସର୍ଚ୍ଚ ଫେଲୋସିପ୍ ଦିଆଯାଇଥାଏ। ବିଜୁ ପଟ୍ଟନାୟକ ରିସର୍ଚ୍ଚ ଫେଲୋସିପ ଜରିଆରେ ମାସକୁ ୧୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୫ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ପାଇଁ ପ୍ରଦାନ କରାଯାଇଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ୧୫ ହଜାର ଟଙ୍କା ଓ କଟିଂଜେନ୍ସି ପ୍ରଦାନ କରାଯାଇଥାଏ। ସେହିପରି ଆଇସିଏଆର ଏନଇଟି ରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କୁ ମାସିକ ୩୧ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ଫେଲୋସିପ ମିଳିଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ଫେଲୋସିପ ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥାଏ। ସେହିପରି ଜିଏଟିଇ ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଆଇଆଇଟି ତଥା ଏନଆଇଟି ଓ ଇଞ୍ଜିନିୟରିଂ କଲେଜ୍‌ରେ ସ୍କଲାରସିପ ସହିତ ଏମଟେକ୍ ପଢିବା ଅଥବା ପ୍ରୋଜେକ୍ଟରେ ଜେଆରଏଫ/ପ୍ରୋଜେକ୍ଟ ଫେଲୋ ହିସାବରେ କାର୍ଯ୍ୟ କରିବାରେ ସୁଯୋଗ ମିଳିଥାଏ। ସେମାନେ ପ୍ରୋଜେକ୍ଟ ସ୍ଥିରିକୃତ ନିୟମ ହିସାବରେ ଫେଲୋସି ପାଇଥାଆନ୍ତି। ବାୟୋଟେକ୍ନାଲୋଜି କନସରଟିୟମ(ବିସିଆଇଏଲ), ନୂଆଦିଲ୍ଲୀ ମଧ ୬ ମାସର ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ପାଇଁ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଚୟନ କରି ବିଭିନ୍ନ ଇଣ୍ଡଷ୍ଟ୍ରିଜ ମାନଙ୍କୁ ପଠାଇଥାଏ। ଏମାନେ ମାସକୁ ୧୦ ହଜାର ଟଙ୍କା ଫେଲୋଶିପ ପାଇଥାଆନ୍ତି। ଏତଦବ୍ୟତୀତ କଟିଂଜେନ୍ସି ବାବଦକୁ ଇଣ୍ଡଷ୍ଟ୍ରିମାନଙ୍କୁ କିଛି ଅର୍ଥ ମିଳିଥାଏ। ପରବର୍ତୀ ସମୟରେ ଏହି ଛାତ୍ର ଛାତ୍ରୀମାନେ ନିଯୁକ୍ତି ପାଇବାର ସୁଯୋଗ ଲାଭ କରିଥାଆନ୍ତି। ଉପରଲିକ୍ଷିତ ଆଲୋଚ ସୁଯୋଗ ବ୍ୟତୀତ ବିଭିନ୍ନ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତ୍ରୀ ନିଜର ଷ୍ଟାର୍ଟ ଅପ ବା ଏଟଂରପ୍ରେନ୍ୟୁର ପ୍ରତିଷ୍ଠା କରି ଆତ୍ମନିଯୁକ୍ତି ପାଇ ପାରନ୍ତି। ଏଥିପାଇଁ ସେମାନଙ୍କୁ ବିଭିନ୍ନ ବ୍ୟାଙ୍କ ଓ ସରକାରୀ ପ୍ରୋଗାମରୁ ସହାୟତା ମିଳିଥାଏ। ଜୀବ ବିଜ୍ଞାନ ପାଠ୍ୟକ୍ରମରେ ଜୈବପ୍ରଯୁକ୍ତି ବିଦ୍ୟା ଏକ ବୈଷୟିକ ବିଭାଗ ଯାହା ଅନ୍ୟାନ୍ୟ ମୌଳିକ ବିଭାଗ ଯଥା ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ପରିବେଶ ବିଜ୍ଞାନ, ଅଣୁଜୀବ ବିଜ୍ଞାନ ଠାରୁ ଅଧିକ ଯୁଗୋପଯୋଗୀ ଓ ଛାତ୍ରଛାତ୍ରୀମାନଙ୍କ ଅଧିକ ପସନ୍ଦର ବିଭାଗ। କାରଣ ଏଥିରେ ନିଯୁକ୍ତି, ଗବେଷଣା ଓ ଉଚ୍ଚତର ଶିକ୍ଷା ନିମନ୍ତେ ପ୍ରଭୂତଃ ସୁବିଧା ସୁଯୋଗ ରହିଛି। ମାତ୍ର ଏହି ପାଠ୍ୟକ୍ରମରେ ଛାତ୍ରଛାତ୍ରମାନଙ୍କୁ ଅଧିକ ଧ୍ୟାନ କେନ୍ଦ୍ରିତ କରିବାକୁ ପଡିଥାଏ ଓ ବିଭିନ୍ନ ଗବେଷଣାଗାର ଥିବା ବଡବଡ ଲାବୋରୋଟୋରିରୁ ଅଧିକରୁ ଅଧିକ ତାଲିମ ନେଇ ଦକ୍ଷତା ହାସଲ କରିବାକୁ ପଡିଥାଏ। ଏହି ଛାତ୍ରଛାତୀମାନେ ବିଦେଶ ବିଶ୍ୱବିଦ୍ୟାଳୟ ଓ ରିସର୍ଚ୍ଚ ଅନୁଷ୍ଠାନ ମାନଙ୍କରେ ଗବେଷଣା ଓ ଉଚ୍ଚତର ଶିକ୍ଷାଲାଭ କରିବାକୁ ପ୍ରୋତ୍ସାହନ ମିଳିଥାଏ।

ଜୈବପ୍ରଯୁକ୍ତି ବିଦ୍ୟା ମୁଖ୍ୟ
ମହାରାଜା ଶ୍ରୀମରାଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦାଳୟ, ବାରିପଦା।

# ଜୀବନର ପ୍ରବାହ

|| ଅନୀତା ପଟ୍ଟନାୟକ ||

ଛୋଟ ପିଲା ଦିନେ ଆମ ଘର ଆଗରେ ଗୋଟିଏ ଗଛରେ ଦୁଇଟି ଗୋବରା ଚଢ଼େଇ ରହୁଥିଲେ ଓ ତାଙ୍କ ନୀଡ଼ରେ ଦୁଇଟି ସୁନ୍ଦର ଛୁଆ ଦେଇଥିଲେ। ପକ୍ଷୀ ଦମ୍ପତିଙ୍କର ଫେରିବାର ସମୟ ହେଲେ ଛୁଆ ଚଢ଼େଇ ଗୁଡ଼ିକ ବ୍ୟତିବ୍ୟସ୍ତ ହୋଇ ରାବି ଉଠୁଥିଲେ। ଏହାର ଉଦ୍ଦେଶ୍ୟ ଜାଣିବା ପାଇଁ ମୁଁ ବାପାଙ୍କୁ ପଚାରିବାରୁ ବାପା କହିଲେ ପିଲାଗୁଡ଼ିଙ୍କର ଖାଇବା ସମୟ ହୋଇଯାଇଥିବାରୁ ଚଢ଼େଇ ଦମ୍ପତି ସେମାନଙ୍କର ଥଣ୍ଟରେ ଆଣିଥିବା ଖାଦ୍ୟକୁ ପିଲାମାନଙ୍କୁ ଦେବେ ଓ ସେମାନେ ଶାନ୍ତ ହୋଇ ରହିବେ। ସେ ଦିନ ମୁଁ ଜାଣି ପାରିଲି ଚଢ଼େଇ ଦମ୍ପତି ସକାଳୁ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ସ୍କୁଲ ଯିବା ବୟସ ହେବାରୁ ଦେଖିଲି ମୋର ପିତାମାତା ଖୁବ ବ୍ୟସ୍ତ ହୋଇ ଘରର ସମସ୍ତଙ୍କ ପାଇଁ ରନ୍ଧାରନ୍ଧି କରି ମତେ ସ୍କୁଲରେ ଛାଡ଼ି ଅଫିସକୁ ଯାଉଥିଲେ ଓ ମୋର ଛୁଟି ହେବାପରେ ମତେ ଘରକୁ ଧରି ଫେରୁଥିଲେ। ବେଶ କିଛିଦିନ ଅନୁଧ୍ୟାନ କରି ଜାଣିଲି ଯେ ମୋର ପିତାମାତା ପିଲାଦିନେ ଦେଖିଥିବା ଚଢ଼େଇ ଦମ୍ପତିଙ୍କ ପରି ସବୁଦିନ ଖାଦ୍ୟ ଅନ୍ୱେଷଣରେ ଧାଉଁଛନ୍ତି। ଦିନେ ଦେଖିଲି କଳାଜନ୍ଦାମାନେ ଗୋଟିଏ ଧାଡ଼ି ହୋଇ ସମସ୍ତ ଛୋଟବଡ଼ ଜନ୍ଦା ମା' ରଖିଥିବା ଚିନି ଡବାରୁ ଗୋଟିଏ ଗୋଟିଏ ଚିନିଦାନା ଧରି ଖୁବ ଜୋରରେ ଗୋଟିଏ ଗାତ ଆଡ଼କୁ ଚାଲିଯାଉଛନ୍ତି। ସେ ଦିନ ଜାଣିଲି ଜନ୍ଦା ଓ ପିମ୍ପୁଡ଼ି ମଧ ସବୁଦିନ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ଆମଘରେ ଥିବା ଗାଈକୁ ବାପା ସକାଳୁ ଖୋଲି ଦିଅନ୍ତି। ସେ ମଧ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଇ ସନ୍ଧ୍ୟାରେ ତାର ବାଛୁରୀ ପାଖକୁ ଫେରିଆସେ। ଦେଖିଲି ସାପ, ମାଙ୍କଡ, ବିଲେଇ, ସମସ୍ତେ ଖାଦ୍ୟ ଅନ୍ୱେଷଣରେ ଦିନସାରା ବ୍ୟସ୍ତ।

ଦିନେ ମୁଁ ରାସ୍ତାରେ ଯାଉଥିବା ସମୟରେ ଦେଖିଲି ଅନେକ ସରକାରୀ, ବେସରକାରୀ ଆଧ୍ୟାତ୍ମିକ ସଂସ୍ଥା ଏକ ବା ବିଭିନ୍ନ ପ୍ରକାରର ସେବାକାର୍ଯ୍ୟରେ ଲିପ୍ତ। ଏସବୁ ସେବା ମଧ୍ୟରୁ କେଉଁଟି ସବୁଠାରୁ ଉତ୍ତମ ତାହା ମୋର ଜାଣିବାକୁ ଇଚ୍ଛା ହେଲା। ମା, ବାପା, ଶିକ୍ଷକ ସମସ୍ତେ କହିଲେ ସବୁ ସେବା ସମାନ। ମୋର ମନରେ ପ୍ରଶ୍ନ ଉଠିଲା ଯଦି ସବୁ ସେବା ସମାନ ତେବେ ଏତେ ପ୍ରକାର ସଂସ୍ଥା ଦ୍ୱାରା କାହିଁକି ସେବା କରାଯାଉଛି ? ସବୁ ସେବାକାର୍ଯ୍ୟ ସମାନ ଭାବରେ ପବିତ୍ର ଓ ହିତକାରକ କି ? ଏପରି ପ୍ରଶ୍ନ ମନରେ ଥିବା ସମୟରେ ମୋର ପିତାଙ୍କ ସହିତ ମୁଁ ଜଣେ ଗେରୁଆ ବସ୍ତ୍ର ପିନ୍ଧିଥିବା ସାଧୁଙ୍କ ପାଖକୁ ଯାଇଥିଲି। ବାପା ଆଶ୍ରମରେ ଅନ୍ୟ ମାନଙ୍କ ସହିତ କଥୋପକଥନ କରୁଥିବା ସମୟରେ ମୁଁ ସାଧୁ ବାବାଙ୍କୁ ମୋର ମନର କଥାକୁ କହିଥିଲି। ସେ ମତେ କହିଥିଲେ କ୍ଷମତା ଲେଭି କ୍ଷମତା ଲୋଭରେ ଯେଉଁ ସେବା କରନ୍ତି ବା ବାଧ୍ୟତାମୂଳକ ଭାବେ ଲୋକ ଦେଖାଣିଆ ପାଇଁ ଯେଉଁ ସେବାକାର୍ଯ୍ୟ କରାଯାଏ ତାହା ଲାଭ ଅପେକ୍ଷା ଅନେକ ହାନିକାରକ ହୋଇଥାଏ। କ୍ଷମତା ଲୋଭୀମାନେ ଯେଉଁ କର୍ମଶାଳା ସେବାର ପ୍ରଶିକ୍ଷଣ ପାଇଁ ଖୋଲିଥାନ୍ତି ତାହା ଦୋକାନ ସଦୃଶ ଦୃଷ୍ଟି ଆକର୍ଷଣ ଓ ସାଜସଜ୍ଜା କରି ଲୋକଙ୍କୁ ଆକୃଷ୍ଟ କରିଥାନ୍ତି। ଧୂର୍ତ୍ତ ପ୍ରଚାରରେ କ୍ଷଣସ୍ଥାୟୀ ଫଳ ମିଳେ ଏହା ପରିବେଶକୁ ନୈରାଶ୍ୟ ଓ ବିଫଳତା ଦିଏ। ମୋର ମୁଣ୍ଡକୁ ଆଉଁସି ଦେଇ ଗୁରୁଦେବ କହିଲେ କୌଣସି ସ୍ୱାର୍ଥ ନଥାଇ ପ୍ରେମପୂର୍ଣ୍ଣ ସେବା କୁ ହିଁ ପ୍ରକୃତ ସେବା କୁହାଯାଏ।

ସେ କହିଲେ ସେବା ପାଇଁ ହୃଦୟରେ ଭାବ, ମସ୍ତିଷ୍କରେ ବୁଦ୍ଧି ଓ ହାତରେ ଶକ୍ତି ଦରକାର। ହୃଦୟରେ ନିଃସ୍ୱାର୍ଥପର ପ୍ରେମ, ବିନମ୍ରତା ଆବଶ୍ୟକ। ଯେତେବେଳେ ମନ, ବୁଦ୍ଧିମତାପୂର୍ଣ୍ଣ ବିଚାରଶକ୍ତି ସହ ସମସ୍ୟା ଓ ତାର ସମାଧାନ ବିଷୟକ ଜ୍ଞାନପାଏ ଓ ହସ୍ତ ଉପଶମକାରୀ ସ୍ପର୍ଶରେ ଆଗ୍ରହ ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସମୟ, ଶକ୍ତି ଓ ଦକ୍ଷତାକୁ ଆନନ୍ଦର ସହ ବିନିଯୋଗ କରେ, ତାହା ସେବାକାର୍ଯ୍ୟରେ ପରିଣତ ହୁଏ। ସେବା ପାଇଁ ଭଗବତ ବିଶ୍ୱାସ ଅନିର୍ବାର୍ଯ୍ୟ। ସବୁ ମଣିଷ ଜୀବଜଗତ ଭଗବାନଙ୍କ ଅଂଶ। ସେମାନଙ୍କର ମୂଳସ୍ଥିତି ଓ ପ୍ରଗତି ସବୁ ଭଗବାନଙ୍କ ଭିତରେ, ଭଗବାନଙ୍କ ଦ୍ୱାରା ଓ ଭଗବାନଙ୍କ ନିମନ୍ତେ ଉଦ୍ଦିଷ୍ଟ ହେବା ଉଚିତ। ସେବା ପାଇଁ ସ୍ୱାର୍ଥଶକ୍ତିରୁ ମୁକ୍ତ ହେବା ଆବଶ୍ୟକ।

ସେ ଦିନ ଜାଣି ପାରିଲି ଇତର ଜଗତର ପ୍ରାଣୀମାନେ ଖାଦ୍ୟ ଅନ୍ୱେଷଣରେ ବାହାରୁଥିଲେ ମଧ ସେମାନଙ୍କର ଚିନ୍ତା ନିଃସ୍ୱାର୍ଥପର କିନ୍ତୁ ମଣିଷର ଖାଦ୍ୟ ଅନ୍ୱେଷଣ ପଛରେ ସ୍ୱାର୍ଥ ନିବିଡ଼ ଭାବରେ ଜଡ଼ିତ। ସେ ମତେ କିଛି ସମୟ ପାଇଁ ତାଙ୍କର ଅଲୌକିକ ଶକ୍ତି ମତେ ଦେଖାଇଥିଲେ। ମୁଁ ଦେଖିଲି ଗୁରୁଦେବ ଓ ମୁଁ କିଛି ସମୟ ପାଇଁ ଆକାଶ ମାର୍ଗରେ ବୁଲୁଚୁ। ତଳେ ପୃଥିବୀରେ ମୋର ସାଙ୍ଗସାଥୀ, ବାପା, ମାଆ, ବନ୍ଧୁବାନ୍ଧବ, ପ୍ରାଣୀଜଗତ ସମସ୍ତେ ଖାଦ୍ୟ ଅନ୍ୱେଷଣରେ ବ୍ୟସ୍ତ ସେ ମତେ କହିଲେ ଜୀବନ ଅର୍ଥ ଖାଦ୍ୟ ଅନ୍ୱେଷଣ ନୁହେଁ, ଏହାଠାରୁ କିଛି ଅଧିକ ମତେ କହିଲେ ଚାଲ ମୋ ସହିତ ଯିବୁ ମୁଁ ତତେ ଜୀବନର ପ୍ରକୃତ ଉଦ୍ଦେଶ୍ୟ ପାଖକୁ ନେଇଯିବି ମୁଁ କହିଲି ମୋ ବିନା ମୋର ପିତାମାତା, ବନ୍ଧୁବାନ୍ଧବ ସମସ୍ତେ ବ୍ୟସ୍ତ ହୋଇପଡ଼ିବେ। ମୋର ଅନେକ କାର୍ଯ୍ୟ ବାକିଅଛି ମତେ ଛାଡ଼ିଦିଅ। ଆଖି ଖୋଲି ଦେଖେ ତ ଗୁରୁଦେବ ଆଖି ବନ୍ଦ କରି ବସିଛନ୍ତି। ଅନେକ ଭକ୍ତ ତାଙ୍କୁ ଘେରି ବସିଛନ୍ତି। ମୋର ବାପା ମୋ ନିକଟରେ ବସିଛନ୍ତି। ଚାରି ଆଡ଼କୁ ଚାହିଁ ଦେଖିଲି ଗୁରୁଦେବଙ୍କ ଛଡ଼ା ମୋ ସହିତ ଆଉ କିଏ କଥାବାର୍ତ୍ତା କରୁଥିଲେ କି ? ପ୍ରକୃତିସ୍ଥିତ ଚିତ୍ତରେ ହୃଦୟଙ୍ଗମ କଲି ପ୍ରକୃତରେ ମୋ ସହିତ କଥାବାର୍ତ୍ତା କରୁଥିବା ଲୋକଟି ଗୁରୁଦେବ ନଥିଲେ ମୋ ଭିତରେ ଥିବା କିଛି ଏକ ଚେତନଶକ୍ତି ମୋ ସହିତ କଥାବାର୍ତ୍ତା କରୁଥିଲା। ସେ ମତେ କହିଥିଲା ଜୀବନ କ୍ଷଣ ଭଙ୍ଗୁର, ଖାଦ୍ୟକୁ ଅନ୍ୱେଷଣ ପାଇଁ ଉଦ୍ଦିଷ୍ଟ ନୁହେଁ। ନିଃସ୍ୱାର୍ଥପର ଓ ସେବା ମାଧ୍ୟମରେ ତୁ ମତେ ପାଇ ପାରିବୁ।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

# ଯେପରି କହୁଛ ସେପରି କର

|| ଅନୀତା ପଟ୍ଟନାୟକ ||

ମଣିଷର ଆଶା ହେଉଛି ଏକ ଭାବ, ଯାହାକି ତାର ଜୀବନକୁ ଚଳଚଞ୍ଚଳ କରାଇଥାଏ। ମନୁଷ୍ୟ ଭଲ ଭାବେ ଜାଣିଥାଏ ଯେ ସଂକୁଚିତ ପ୍ରେମ ଅର୍ଥ ପ୍ରେମହୀନତା। ମନୁଷ୍ୟ କଥା, କର୍ମ ଓ ବଚନରେ ସମନ୍ୱୟ ରକ୍ଷା କରିପାରୁନଥିବାରୁ ସେ ଅନ୍ୟମାନଙ୍କ ବିଶ୍ୱସ୍ତ ଓ ପ୍ରିତୀଭାଜନ ହୋଇପାରିନଥାଏ। ଆମ ମାନଙ୍କୁ ଭଗବାନଙ୍କର ଏକ ଆୟୁଧ ହେବାକୁ ପଡ଼ିବ, କାରଣ ସେ ଆମ ମାନଙ୍କ ମଧରେ, ଆମ ମାନଙ୍କ ଦ୍ୱାରା ସଂସାରରେ ସଂସ୍କାର ଆଣିଥାନ୍ତି।

ସଂସ୍କାରବାବୁ ଗୋଟିଏ ସହରରେ ଜଣେ ପରିଚିତ ଓକିଲ ଥିଲେ। ସେ ଭଗବାନଙ୍କର ଭକ୍ତି 'ତୁମେ କେବଳ ନିମିତ୍ତ ହୁଅ ଓ ମୋର ଆୟୁଧ ହୁଅ ଏବଂ ମୁଁ ତୁମ ମାଧ୍ୟମରେ ସଂସାରରେ ସଂସ୍କାର ଆଣିବି'। ଏହାକୁ ଜୀବନର ମୂଳମନ୍ତ୍ର ଧରି ଓକିଲାତି ବୃତ୍ତି କରୁଥିଲେ। ରାଜେଶ ତାଙ୍କର ଏକମାତ୍ର ପୁତ୍ର ପିଲାଦିନେ ଦେଖିଛି ତାର ବାପା କିପରି ପରିଶ୍ରମୀ ଓ ଦୟାଳୁ ଥିଲେ। ଥରେ ରାଜେଶ ତାର ପିତାମାତାଙ୍କ ସହିତ ଫୁଲବାଣୀର ଏକ ପର୍ଯ୍ୟଟନସ୍ଥଳୀକୁ ବୁଲି ଯାଇଥିଲା। ସେ ଓ ତାର ମାଆ ଜଙ୍ଗଲର ଶୋଭା ଓ ଫୁଲର ସୁଗନ୍ଧକୁ ଦେଖି ଓ ବାରି ଖୁସି ହେଉଥିବା ସମୟରେ ସଂସ୍କାର ବାବୁ କିଛି ସମୟ ପାଇଁ ହଜିଯାଇଥିଲେ। କିଛି ସମୟ ପରେ ସେ ରାଜେଶ ଓ ତାର ମାଆ ପାଖକୁ ଫେରିବାରୁ ରାଜେଶର ମାଆ 'ତୁମେ କୁଆଡ଼େ ଯାଇଥିଲ' ବୋଲି ପ୍ରଶ୍ନ କରିଥିଲେ। ସଂସ୍କାର ବାବୁ କହିଥିଲେ, ତୁମ ମାନଙ୍କ ଠାରୁ ଦୂରେଇ ଯାଇ କିଛି ବାଟ ଯିବା ପରେ ଦେଖିଲି ଗତକାଲିର ଭୀଷଣ ବର୍ଷା ଓ ପବନରେ ଦୁଇଟି ଚଢ଼େଇ ଛୁଆ ମାଟିରେ ପଡ଼ିଛନ୍ତି। ସେମାନଙ୍କର ନୀଡ଼ ଭାଙ୍ଗି ଯାଇଛି। ସେହି ଦୁଇଟି ପକ୍ଷୀଙ୍କୁ ଉଠାଇ ଗଛରେ ଝୁଲୁଥିବା ଆଉ ଏକ ନୀଡ଼ରେ ସେମାନଙ୍କୁ ପୁନଃ ପ୍ରତିଷ୍ଠା କରିବା ପାଇଁ କିଛି ସମୟ ଲାଗିଗଲା। ସେଥିପାଇଁ ମୋର ତୁମ ମାନଙ୍କ ପାଖକୁ ଫେରିବାକୁ ଡେରିହେଲା। ସଂସ୍କାର ବାବୁ ରାଜେଶକୁ ସବୁବେଳେ ସତ କହିବା ପାଇଁ, ଚୋରି ନକରିବା ପାଇଁ ଶିକ୍ଷା ଦେଉଥିଲେ। ସେ କହୁଥିଲେ ମଣିଷ ତାର ଆଶାକୁ ନେଇ ବଞ୍ଚେ। ଆଶା ଆମର ଜୀବନକୁ ଚଳଚଞ୍ଚଳ କରୁଥିଲେ ମଧ ଆମର ଆଶାକୁ ପୂରଣ କରିବାକୁ ଯାଇ ଆମେ ଅନ୍ୟ କାହାର କ୍ଷତି କରିବା ଉଚିତ ନୁହେଁ। ଆମେ ବିଶ୍ୱସ୍ତ ହେବା ରାଜକୀୟ ନୁହେଁ ଇତ୍ୟାଦି ଇତ୍ୟାଦି।

ଦିନେ ରାଜେଶ ତାର ବାପାଙ୍କ ସହ ଗୋଟିଏ ତେଜରାତି ଦୋକାନକୁ ବୁଲିଯାଇଥିବା ସମୟରେ ସମସ୍ତଙ୍କର ଅଲକ୍ଷ୍ୟରେ ଗୋଟିଏ ସୁନ୍ଦର ଗୋଲାକାର ଆଳୁଟିଏ ଉଠାଇ ଆଣିଥିଲା। ମାଆ ଏହାକୁ ଦେଖି ପାଟି କରିବାରୁ ବାପା ତାକୁ ଟାଣି ଟାଣି ନେଇ ଦୋକାନରେ ଆଳୁଟିକୁ ଫେରାଇଥିଲେ ଓ ରାଜେଶକୁ ଦୋକାନ ମାଲିକଙ୍କୁ କ୍ଷମା ମାଗିବାକୁ କହିଥିଲେ। ତେଣୁ ରାଜେଶର ପିଲା ଦିନର ଆଖିରେ ତାର ବାପା ଥିଲେ ନ୍ୟାୟବନ୍ତ, ଦୟାଳୁ, ସତ୍ୟବନ୍ତ ଓ ବିଶ୍ୱସ୍ତ। ସେ ଭାବୁଥିଲା ତାର ବାପା ସମସ୍ତଙ୍କୁ ପ୍ରେମ କରନ୍ତି ଓ ସେ ସଙ୍କୁଚିତ ପ୍ରେମରେ ବିଶ୍ୱାସ ରଖନ୍ତି ନାହିଁ। ତେଣୁ ସେ ବଡ଼ ହୋଇ ଓକିଲାତି ଶିକ୍ଷାକରି ବଡ଼ ଓକିଲ ହେବା ପାଇଁ ମନରେ ସ୍ଥିର କରିନେଲା। କିନ୍ତୁ ଏ କ'ଣ ? ବଡ଼ ହୋଇ ସେ ଦେଖିଲା ତାର ବାପାଙ୍କର କଥା, କର୍ମ ଓ ବଚନରେ ସମନ୍ୱତା ନାହିଁ। ଦିନେ ସହରର ଜଣେ ଧନୀ ବ୍ୟକ୍ତି ରାଜେଶର ବାପାଙ୍କୁ ପୁଳାଏ ଟଙ୍କା ଦେଇ ଧନ୍ୟବାଦ ଅର୍ପଣ କଲେ। କାରଣ ସଂସ୍କାର ବାବୁ ଗୋଟିଏ ବିଧବା ବୁଢ଼ୀର ସମ୍ପତ୍ତିକୁ ଉକ୍ତ ଧନୀକବ୍ୟକ୍ତିଙ୍କର ନାମରେ ବିଚାରାଳୟରେ କରାଇ ପାରିଥିଲେ। ଧନୀକ ବ୍ୟକ୍ତି ଉକ୍ତ ବିଧବା ବୁଢ଼ୀର ଯାଗାରେ ବ୍ୟାଙ୍କରୁ ଋଣ ନେଇ ଗୋଟିଏ ସୁନ୍ଦର ହୋଟେଲ ତିଆରି କରିବାକୁ ଯୋଜନା କରିଥିଲେ। ରାଜେଶ ଭାବୁଥିଲା ଏ କ'ଣ ମୋର ସେଇ ପିତା ଯେ ଦିନେ ଫୁଲବାଣୀ ଜଙ୍ଗଲରେ ନୀଡ଼ରୁ ଖସି ପଡ଼ିଥିବା ପକ୍ଷୀ ମାନଙ୍କୁ ଏକ ନୀଡ଼କୁ ଫେରାଇ ଦେଇ ପାରିଥିଲେ। ସଂସ୍କାର ବାବୁ କିଛି ଦିନ ପରେ ସତମିଛ କହି ଯୋଗାଡ଼ କରିଥିବା ଟଙ୍କାରେ ଏକ ଦାମୀକାର କିଣିଥିଲେ ଓ ରାଜେଶକୁ କହିଥିଲେ ତୋର ଓକିଲାତି ଜୀବନର ଆରମ୍ଭରେ ମୋ ତରଫରୁ ତୋ ପାଇଁ ଏକ ଉପହାର। ରାଜେଶ ଭାବିଲା ବାପା ମୋର ବିଶ୍ୱସ୍ତ ନା ରାଜକୀୟ ଯଦି ସେ ବିଶ୍ୱସ୍ତ ତେବେ କାହାର ସେ ବିଶ୍ୱସ୍ତ ? ତାଙ୍କର କେଉଁ ଆଶା ତାଙ୍କର ଜୀବନକୁ ଚଳଚଞ୍ଚଳ କରାଉଛି ? ସେ ଜାଣିପାରିଲା ତାର ବାପା ଯାହା କୁହନ୍ତି, ଯାହା ଚିନ୍ତା କରନ୍ତି ତାକୁ ସେ କାର୍ଯ୍ୟରେ ପରିଣତ କରାନ୍ତି ନାହିଁ। ସେ ବଡ଼ ଓକିଲ ହୋଇପାରନ୍ତି କିନ୍ତୁ ସେ ଜଣେ ଖଚୁଆ, ମିଛୁଆ ଓ ପଇସା ରୋଜଗାର କରୁଥିବା ଏକ ମେସିନ।

ଦିନେ ଏହାର ଉତ୍ତର ପାଇବା ପାଇଁ ରାଜେଶ ବାପାଙ୍କ ଆଗରେ ଆସି କହିଲା ମୁଁ ଏପରି ବ୍ୟବସାୟ କରି ପାରିବି ନାହିଁ। ତୁମେ ମତେ ସତ୍ୟପଥରେ ଚାଲିବା ପାଇଁ ପିଲାଦିନୁ ଶିଖାଇଥିଲ କିନ୍ତୁ ଏ ବ୍ୟବସାୟ ସଂପୂର୍ଣ୍ଣ ଓଲଟା। ବାପା ରାଜେଶକୁ କହିଲେ 'ଯେଉଁମାନେ ସତ୍ୟଧର୍ମ ଅହିଂସା ପଥରେ ଚାଲନ୍ତି, ସେମାନେ ଆଣ୍ଠୁ ଲୁଚୁନଥିବା ଧୋତି ପରିଧାନ କରି ଖାଲି ଦେହରେ ତୃତୀୟ ଶ୍ରେଣୀ ଡବାରେ ଟ୍ରେନରେ ଯାତ୍ରା କରନ୍ତି। ସେମାନେ ବିରାଟ ମଣିଷ ହୋଇପାରନ୍ତି କିନ୍ତୁ ଓକିଲାତି ପାଇଁ ନୁହେଁ। ଓକିଲାତି ଏକ ବ୍ୟବସାୟ। ମାଂସ କଟାଳୀ ଯେପରି ଜୀବକୁ ହତ୍ୟାକରି ଏହାକୁ ମହାପାପ ବୋଲି ଜାଣି ମଧ ସେ ତାର ପରିବାର ପ୍ରତିପୋଷଣ କରିଥାଏ। ସେହିପରି ଓକିଲାତିରେ ଦୁଇଟି ପକ୍ଷ ଥାନ୍ତି। ଜଣେ ମିଛ କୁହେ ଜଣେ ସତ କୁହେ ସେ ସତ ମିଛ ମଧ୍ୟରୁ ସତ ବାଛିବାର ଦାୟିତ୍ୱ ବିଚାରପତିଙ୍କର। ଓକିଲ ତାର ପେଶା ଓ ପକ୍ଷ ପାଇଁ ଆଇନଟିକୁ ତା ସପକ୍ଷରେ ବାଢ଼ି ଥାଏ। ଏସବୁ ଶୁଣିବା ପରେ ରାଜେଶର ମନ ଏଥିରେ ବୁଝି ନଥିଲା। ତାର କାନରେ ସ୍କୁଲ ଦିନର ପ୍ରାର୍ଥନା 'ସତ୍ୟ ପଥେ ଧର୍ମ ପଥେ ଘେନି ଯାଅ ମତେ, ଉଷାଅ ପରାଣ ମୋର ତବ ପ୍ରେମ ସ୍ରୋତେ ଝଙ୍କୁରିତ ହେବାକୁ ଲାଗିଲା। ତାର ଭକ୍ତିମତୀ ମାଆ ଘରେ ଠାକୁରଙ୍କ ପାଖେ ହାତଯୋଡ଼ାଇ ତାକୁ କିପରି ଶିକ୍ଷା ଦେଇଥିଲେ ଯେ 'ଯାହା ମୁଁ କହଇ, ଯାହା ମୁଁ କରାଇ ଯାହା ମୁଁ ଚିନ୍ତଇ ମନେ, ଜଗତର କର୍ତ୍ତା ପରମେଶ୍ୱର ଜାଣୁଛନ୍ତି ପ୍ରତିକ୍ଷଣେ। ତାର ମନେ ପଡ଼ିଲା ଏହାମଧ ତାର ମନେପଡ଼ିଲା ତାକୁ କିପରି ପିଲାଦିନେ ଶିକ୍ଷା ଦିଆଯାଇଥିଲା। 'ମତେ ଏତିକି ଶିଖାଅ ସାଇଁ ହେ ମୋର ଧନଜନ ଲୋଡ଼ା ନାହିଁ ହେ'। ତେଣୁ ସେ ଓକିଲାତି ନକରିବା ପାଇଁ ଦୃଢ଼ ସିଦ୍ଧାନ୍ତ ନେଲା ଓ ଏକ ବିଚାରପତି ହେବ ବୋଲି ତାର ବାପାଙ୍କୁ ରୋକଠୋକ ଶୁଣାଇ ଦେଲା। ବାପା ଅବାକ ହୋଇ ଆକାଶକୁ ଚାହିଁ ରହିଲେ। ପୁରୁଣା ବଙ୍ଗାଳୀ କବିତାଟିଏ ତାଙ୍କର ମନେ ପଡ଼ିଲା 'ତୁମି ଏକଲା ଚଲୋରେ'। ଦୂରଭାଷ : ୯୬୯୨୯୮୦୦୨୬

### ପୁଣି ବିବାଦରେ ଫତେଗଡ ଥାନା ପୁଲିସ

# ଅସାମାଜିକଙ୍କ ଆଡ୍ଡା ସମ୍ପର୍କରେ ଖବର ନାହିଁ

**ନୟାଗଡ଼,୨୮।୧୦ (ମହାଭାରତ):** ବିଭିନ୍ନ କାରଣରୁ ଫତେଗଡ଼ ଥାନା ପୁଲିସ ସର୍ବଦା ବିବାଦ ଘେରକୁ ଆସୁଛି। ମୁଖ୍ୟ ରାସ୍ତାରୁ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ମାରଣାସ୍ତ୍ର ଦେଖାଇ ଜଙ୍ଗଲ ମଧ୍ୟକୁ ଘୋଷାଡ଼ି ନେଇ ଗଣଦୁଷ୍କର୍ମ କରିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଗତ ଶନିବାର ଦିନ ଗଣଦୁଷ୍କର୍ମ ହୋଇଥିବା ଜଙ୍ଗଲରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଏହି ମାମଲାର ତଦନ୍ତ ଆରମ୍ଭ କରିଛି। ଏହି ସମୟରେ ସେଠାରେ ମଦ ବୋତଲ, ପାଣି ପାଉଚ ଓ ଅନ୍ୟାନ୍ୟ ଆପତ୍ତିଜନକ ଜିନିଷ ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ଏଠାରେ ରୀତିମତ ଭାବେ ଅସମାଜିକଙ୍କ ଆଡ଼ା ଜମୁଥିବା ଅନୁମାନ କରାଯାଉଥିବା ବେଳେ ଫତେଗଡ଼ ଥାନା ପୁଲିସ କିପରି ଏହାର ଟେର୍ ପାଉନଥିଲା, ଏହାକୁ ନେଇ ସମସ୍ତେ ଅଙ୍ଗୁଳି ଉଠାଇଛନ୍ତି। ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ମୁଖ୍ୟ ରାସ୍ତାରୁ ତିନି ଜଣ ଦୁର୍ବୃ ଜଙ୍ଗଲ ମଧ୍ୟକୁ ଘୋଷାଡ଼ି ନେଇଥିଲେ। ଏହି ତିନି ଜଣ ଯୁବକଙ୍କ ମଧ୍ୟରୁ ଜଣେ ପୀଠାଖାଇ ଗାଁର ହୋଇଥିବା ବେଳେ ଆଉ ଦୁଇ ଜଣ ଫତେଗଡ଼ ଅଞ୍ଚଳର ବୋଲି ଜଣାପଡ଼ିଛି। ଯୁବକମାନେ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ସେମାନେ ପୁଲିସର ଗତିବିଧି ସମ୍ପର୍କରେ ଭଲ ଭାବେ ଅବଗତ ଥିଲେ। ସେମାନେ ପ୍ରଥମ ଥର ପାଇଁ ଏହି କାଣ୍ଡ ଘଟାଇଛନ୍ତି ନା ପୂର୍ବରୁ ମଧ କେହି ଯୁବତୀ ସେମାନଙ୍କ ଶିକାର ହୋଇଛନ୍ତି, ଏହାକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ପୁଲିସ ମଧ ଏ ଦିଗରେ ଅଧିକ ତଦନ୍ତ ଚଳାଇଛି। କେବଳ



ଏହି ତିନି ଜଣ ନୁହନ୍ତି ଏକାଧିକ ଅସାମାଜିକ ବ୍ୟକ୍ତି ମାନେ ଉକ୍ତ ଜଙ୍ଗଲରେ ଆଡ଼ା ଜମାଉଛନ୍ତି। ଉକ୍ତ ଜଙ୍ଗଲକୁ ବୁଲିବାକୁ ଯାଉଥିବା ପ୍ରେମୀ ଯୁଗଳଙ୍କୁ ସେମାନେ ଟାର୍ଗେଟ୍ କରନ୍ତି। ଲୋକଲଜ୍ଜା ଭୟରେ ସେମାନଙ୍କ ନିର୍ଯାତନାର ଶିକାର ହେଉଥିବା ପୀଡ଼ିତା ମାନେ ଚୁପ୍ ରହିଯାଉଥିବାରୁ ଏହା ଲୋକଲୋଚନକୁ ଆସୁନଥିବା ଚର୍ଚ୍ଚା ଚାଲିଛି। ଯେହେତୁ ବର୍ତ୍ତମାନ ଥାନାର ଦ୍ୱାରସ୍ଥ ହୋଇଥିବା ପୀଡ଼ିତାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ହେଲା, ସେଥିପାଇଁ ଘଟଣା ସମ୍ପର୍କରେ ଜଣାପଡ଼ିଲା। ମାତ୍ର ଏଠାରେ ପ୍ରଶ୍ନ ଉଠୁଛି ଯେ, ଫତେଗଡ଼ ଥାନା ପୁଲିସ କାହିଁକି ଏହି ଜଙ୍ଗଲକୁ ଚିହ୍ନଟ କରିପାରୁନଥିଲା ? କାହିଁକି ଏହି ରାସ୍ତାରେ ପୁଲିସ ପାଟ୍ରୋଲିଂକୁ ଜୋରଦାର୍ କରିନଥିଲା ? ପୁଲିସର ଉଦାସୀନତାର ଫାଇଦା ନେଇ ଦୁର୍ବୃ ମାନେ ଏପରି ଏକ ଲଜ୍ଜାଜନକ ଘଟଣା ଘଟାଇବାକୁ ସାହସ କଲେ। ଅନ୍ୟପଟେ, ବର୍ତ୍ତମାନ ବଜାରରେ ଘୂରି ବୁଲୁଥିବା ପୀଡ଼ିତାଙ୍କ ଅଶ୍ଳୀଳ ଭିଡିଓ କିଏ ଭାଇରାଲ କରିଛି ଓ କେତେ ଜଣଙ୍କ ମୋବାଇଲକୁ ଏହା ପଠାଯାଇଛି, ଏହାର ତଦନ୍ତ ଏବେ ଆରମ୍ଭ ହୋଇଛି। ଏସ୍‌ପିଙ୍କ ନିର୍ଦ୍ଦେଶରେ ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କୁ ସେଥିପାଇଁ ନିଯୁକ୍ତି ଦିଆଯାଇଛି। ଏନେଇ ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାସ ଜାତୀୟ ମାନବାଧିକାର କମିସନଙ୍କ ନିକଟରେ ମାମଲା ରୁଜୁ କରିବା ସହ ନିୟମ ଅନୁଯାୟୀ ତୁରନ୍ତ ପୀଡ଼ିତାଙ୍କୁ କ୍ଷତିପୂରଣ ଦିଆଯିବାର ଆବଶ୍ୟକତା ରହିଥିବା ଏବଂ ତାହା ମଧ କରାଯାଇ ନଥିବା ସେ ଅଭିଯୋଗ କରିଛନ୍ତି।

## ଜଗନ୍ନାଥ ମନ୍ଦିରରେ ଭକ୍ତଙ୍କ ସମାଗମ

**ଗଜପତି,୨୮।୧୦ (ମହାଭାରତ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ଥିବା ଜଗନ୍ନାଥ ମନ୍ଦିର ରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି।କାର୍ତ୍ତିକ ମାସ ଏକ ପୁଣ୍ୟ ମାସ ହୋଇ ଥିବାରୁ ଆଖପାଖ ଅଞ୍ଚଳ ସହ ସହରର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ଜଗତର ନାଥ ପ୍ରଭୁ ଶ୍ରୀ ଜଗନ୍ନାଥ ବଡ଼ଭାଇ ବଳଭଦ୍ର ଭଉଣୀ ଦେବୀ ସୁଭଦ୍ରାଙ୍କ ସହ ସୁଦର୍ଶନ ପୂଜା ପାଉଛନ୍ତି। ଭୋର ୪ ଟା ରୁ ଠାକୁରଙ୍କ ନୀତିକାନ୍ତି ସହ ପୂଜାର୍ଚ୍ଚନା ଆରମ୍ଭ ହୁଏ ସକାଳ ଆଳତୀ ଷୋଡ଼ଶ ଉପଚାର ପୂଜା ହୁଏ।ସନ୍ଧ୍ୟା ଆଳତୀ ଦର୍ଶନ ସାଙ୍ଗକୁ କାର୍ତ୍ତିକ ପୁରାଣ ପଠନ,ଭାଗବତ ଚର୍ଚ୍ଚା, ହରି ନାମ ସଂକୀର୍ତ୍ତନ ହେଉଛି। ମନ୍ଦିର ପରିସରରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି।

## ଟେଷ୍ଟ ଡ୍ରାଇଭ୍ କରିବାକୁ କହି ମାଲିକଙ୍କ କାରକୁ ନେଇ ଚମ୍ପଟ ମାରିଲା ଦୁର୍ବୃତ୍ତ

**କଣ୍ଟାପଡ଼ା,୨୮।୧୦ (ମହାଭାରତ):** କଟକ ସଦରଥାନା ଅନ୍ତର୍ଗତ ବମ୍ଫକୁଦ ନିକଟରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା । ହସ୍ତଗତ ସୂଚନାରୁ ପ୍ରକାଶ ଯେ ପାହାଳ ଥାନା ଅଧୀନରେ ଥିବା ଜଗନ୍ନାଥପୁର ଗ୍ରାମର କ୍ରିଷ୍ଣା ମୋହନ ଆଚାର୍ଯ୍ୟ ଗତ ୧୯ ତାରିଖ ଦିନ ତାଙ୍କ ହୁଣ୍ଡାଇ କାର ନମ୍ବର (OR05-AT6525) ଗାଡ଼ିକୁ ନିକଟରେ ଥିବା ହୁଣ୍ଡାଇ



ସୋ ରୁମ୍‌କୁ ବଦଳାଇବାକୁ ନେଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇଥିଲା ଜଣେ ଦୁର୍ବୁ ଶ୍ରୀ ଆଚାର୍ଯ୍ୟଙ୍କ ମୋବାଇଲ ନମ୍ବର ସଂଗ୍ରହ କରିଥିଲା ଏବଂ ତାଙ୍କୁ ଫୋନ୍ କରି ଉକ୍ତ କାରଟିକୁ କିଣିନେବ ବୋଲି କହି ବମ୍ଫକୁଦ ନିକଟରେ ଥିବା ରିଲିଆନ୍ସ ପେଟ୍ରୋଲପମ୍ପ ପାଖରେ ମୋହନ ଆଚାର୍ଯ୍ୟଙ୍କୁ ଦେଖା କରିଥିଲା । ଉଭୟ କ୍ରେତା ଓ ବିକ୍ରେତା କିଛି ସମୟ କଥା ହେବା ପରେ ଗାଡିଟିକୁ ଟେଷ୍ଟ ଡ୍ରାଇଭ୍ କରିବାକୁ କହି ଦୁର୍ବୃତ୍ତ କାରଟିକୁ ନେଇ ସେଠାରୁ ଚମ୍ପଟ ମାରିଥିଲା । ବହୁ ସମୟ ଅପେକ୍ଷା କରିବା ପରେ ଶେଷରେ ଶ୍ରୀ ଆଚାର୍ଯ୍ୟ ନିରାଶ ହୋଇ କଟକ ସଦରଥାନା ଏକ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ କ୍ରମେ କଟକ ସଦର ଥାନା ଗତ ୧୯/୧୦/୨୦୨୪ରେ ଏକ ମାମଲା ରୁଜୁ ହୋଇଥିଲା ଯାହାର ନଂ ୫୭୮ । ଏହି ଅଭିଯୋଗକୁ ଆଧାର କରି କଟକ ସଦର ଥାନାର ଏକ ଟିମ୍ ତଦନ୍ତ ଆରମ୍ଭ କରିଥିଲେ। ଗତ ୨୭ ତାରିଖରେ ଦୁର୍ବୁ କୁ ଗିରଫ କରିବା ସହ ଚୋରି କାରକୁ ଜବତ କରିବାରେ ସଦରଥାନା ପୋଲିସ ସଫଳ ହୋଇଛି। ଦୁର୍ବୁ ଜଣକ ହେଲେ, ସାନୁଆର ହୁସେନ ଓରଫ ରାଜା । ଦୁର୍ବୃତ୍ତର ଘର ଖଣ୍ଡଗିରି ଥାନା ଅନ୍ତର୍ଗତ ରଘୁନାଥନଗର ଡୁମଡୁମା ଅଞ୍ଚଳରେ ବୋଲି ଜଣାପଡିଛି । ଏହି କେସ୍ ତଦନ୍ତ କରୁଥିବା କଟକ ସଦର ଥାନା ଅଧିକାରୀ ଏସ୍.ଆଇ ପ୍ରଶାନ୍ତ କୁମାର ସାସମଲ ଗତ ୨୭ ତାରିଖରେ ଆସାମୀକୁ ବିଏନଏସ ୩୦୩(୨)/୩୦୫/୩୩୧(୩)/୩୧୮(୩) ଧାରା ଅନୁଯାୟୀ କୋର୍ଟ ଚାଲାଣ କରିଥିବା ଜଣାପଡିଛି।

## ବରିଷ୍ଟ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ଗୋଲାମୁଣ୍ଡା,୨୮।୧୦ (ମହାଭାରତ):** କଳାହାଣ୍ଡି ଜିଲ୍ଲା ଗଠନର ୭୫ ବର୍ଷ ପୂର୍ତ୍ତି ଅବସରରେ ଓଡିଶା ଭାସ୍କର ଲାଇଭ ପକ୍ଷରୁ ଏକ ନିଆରା ପଦକ୍ଷେପ ନିଆଯାଇଛି ।କଳାହାଣ୍ଡି ୭୫ ନାମରେ ନାମିତ ଏକ ସଚେତନ ରଥ ଜିଲ୍ଲାର ସମସ୍ତ ବ୍ଲକକୁ ପରିକ୍ରମା କରିବା ସହିତ କଳାହାଣ୍ଡି ଜିଲ୍ଲା କଳା ସଂସ୍କୃତି, ଐତିହ୍ୟ, ସମ୍ପର୍କରେ ସଚେତନତା ସୃଷ୍ଟି କରିବ । ଏଥି ସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଉଛି । ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ୭୫ ରଥ ଗୋଲାମୁଣ୍ଡା ବ୍ଲକରେ ପହଁଛିଲା ପରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରେ ଭବ୍ୟ ସ୍ୱାଗତ କରାଯାଇଥିଲା ଏବଂ ଗୋଲାମୁଣ୍ଡା ପ୍ରତିନିଧି ଅଶ୍ୱିନୀ ମଲ୍ଲିକଙ୍କ ତତ୍ୱାବଧାନରେ ଅତିଥି ଭାବେ ପ୍ରସାର ବିଭାଗର ମୁଖ୍ୟ ବିମ୍ବାଧର ମହାରଣା ଓଡିଶା ଭାସ୍କର ଲାଇଭ ବ୍ୟବସାୟିକ ମୁଖ୍ୟ ସୁନୀଲ କୁମାର ମିଶ୍ର ନ୍ୟୁଜ ବିଭାଗର ମୁଖ୍ୟ ଉଜ୍ଜଳକାନ୍ତ ପରିଡା, ରାକେଶ ପାତ୍ର, ସରୋଜ ରଞ୍ଜନ ବେହେରା, ରାକେଶ ମହାନ୍ତି, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳାମ୍ବର ବିଶି ପ୍ରମୁଖ ଥିଲେ ।ତତ୍‌ସହିତ ଗୋଲାମୁଣ୍ଡା ବ୍ଲକ ସାମ୍ବାଦିକ ଧନେଶ୍ୱର ଭାଟି, ପ୍ରିୟକୃଷ୍ଣ ପଟେଲ, ପଙ୍କଜ ସାହୁ, ରାଇଚନ ଅଘରିଆ, ସମାଜ ସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ, ପୂର୍ବତନ ଜିଲ୍ଲା ପରିଷଦ ବୃଷଭ ନାଏକ, ସମାଜ ସେବୀ ପ୍ରସନ୍ନ ରାଉତ ତଥା ଅନେକ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ଏହି ଅବସରରେ ବରିଷ୍ଠ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ନେଗୀଙ୍କୁ ଟ୍ରଫି ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

### କପ୍ତିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଶୁଣାଣୀ

# ୮୫ ଅଭିଯୋଗର ଶୁଣାଣୀ କଲେ ଜିଲ୍ଲାପାଳ

**ଉଦଳା,୨୮।୧୦ (ମହାଭାରତ):** ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ଜନଶୁଣାଣୀ ଶିବିରରେ ଜିଲ୍ଲାପାଳ, ମୟୂରଭଞ୍ଜ ହେମକାନ୍ତ ସଏ ଏବଂ ଆରକ୍ଷୀ ଅଧିକ୍ଷକ ମୟୂରଭଞ୍ଜ, ବରୁଣ ଗୁଣ୍ଟୁପାଲି ଯୋଗଦେଇ ୮୫ ଗୋଟି ଜନ ଅଭିଯୋଗର ଶୁଣାଣୀ କରିଛନ୍ତି । ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଆୟୋଜିତ ଏହି ଶିବିରରେ ପ୍ରକଳ୍ପ ପ୍ରଶାସକ ଆଇ.ଟି.ଡ଼ି.ଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡ଼. ଲକ୍ଷ୍ମୀକାନ୍ତ ପତି ଯୋଗ ଦେବା ସହ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଶୁଣାଣୀ କାର୍ଯ୍ୟରେ ସହଯୋଗ କରିଥିଲେ । ସମସ୍ତ ଅଭିଯୋଗ ମଧ୍ୟରେ ୬୭ ଗୋଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୧୮ ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ସେଥିମଧ୍ୟରୁ ୮ ଗୋଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ୮ଜଣ ଯଥା ମଙ୍ଗଳ ହାଁସଦା, ଜୟନ୍ତୀ ନାୟକ, ତାପସ ବେହେରା, ଅଜି କୁମାର ପ୍ରଧାନ, ରଜତ ବେହେରା, ଶଚିନ୍ଦ୍ର ଦାଶ, ମିନତୀ ରାଉତ, ସାନ୍ତନୁ ତ୍ରିପାଠୀ ପ୍ରମୁଖଙ୍କୁ ଚିକିତ୍ସା ନିମନ୍ତେ ସରକାରୀ ଆର୍ଥିକ ସହାୟତା ବାବଦରେ ପ୍ରତ୍ୟେକଙ୍କୁ ୫ ହଜାର ଟଙ୍କା ର ଚେକ୍ ମୋଟ ୪୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ପ୍ରଦାନ କରାଯାଇଥିଲା । ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରେ ଉଦଳା ଏନ୍.ଏ.ସି. ଅନ୍ତର୍ଗତ ଉଦଳା ହାଇସ୍କୁଲ ପଡ଼ିଆ। ସଂଲଗ୍ନ ଶିକ୍ଷା ବିଭାଗ ନାମରେ ରେକର୍ଡଭୁକ୍ତ ସରକାରୀ ଜାଗାକୁ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ନାମରେ ନାମିତ କରିବା, ଉଦଳା ବ୍ଲକ୍ ଭୀମତାଳି ପଞ୍ଚାୟତ କଇଁଥଓରା ଗ୍ରାମରେ ବେଆଇନ ଇଟାଭାଟି ଯୋଗୁଁ ଚାଷ ଜମି ନଷ୍ଟ, ଖଳାଡ଼ି ପଞ୍ଚାୟତ ନରହରିପୁର ଶାଳଖୁଣ୍ଟା ଗ୍ରାମରେ ବସାଯାଇଥିବା ବିଦ୍ୟୁତ ଟ୍ରାନ୍ସଫରମର ଅଚଳ, କପ୍ତିପଦା ବ୍ଲକ୍ ଝାଙ୍କପଦା ଗ୍ରା:ପ: କୁଆଗୋଠଣା ଗ୍ରାମର ସରକାରୀ ରାସ୍ତା ଅବରୋଧ, କପ୍ତିପଦା ତହସିଲ ଗୋଠପୁରା ଠାରେ ବିସ୍ଥାପିତ ଜନସାଧାରଣଙ୍କ ଟିକଟ ପ୍ରାପ୍ତ ଜମିକୁ କେତେକ ଅସାଧୁ ଲୋକ ଜବର ଦଖଲ କରିବା, ଶାଳଚୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଆର୍ଥିକ ଅନିୟମିତତା, ଗୋପବନ୍ଧୁନଗର ବ୍ଲକ୍ ମାର୍ଶଗାଁ ବନସୁରକ୍ଷା ସମିତି ଜାଗାକୁ ଲାଗି ଏବଂ ଜାଇକା ପ୍ଲାଣ୍ଟେସନ୍ ପାଖରେ ଥିବା ଜବର ଦଖଲ ଗୃହ ଗୁଡ଼ିକ ଉଚ୍ଛେଦ, ଜଇଦା ଠାରେ ଗୋଚର ଜମିକୁ ପୁରଡ଼ିହି ୟୁଜି. ଏମ୍.ଇ. ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଓ ମ୍ୟାନେଜିଂ କମିଟି ଜବର ଦଖଲ କରିବା, ଖୁଣ୍ଟା ବ୍ଲକ୍ କରକଚିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବେଆଇନ କାର୍ଯ୍ୟ, ଆଦି ଅଭିଯୋଗ ଗୁଡ଼ିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ, ମୟୂରଭଞ୍ଜ ନିର୍ଦ୍ଦେଶ ଦେଇଥିଲେ ।

## ପାରାଦୀପ ବନ୍ଦରରେ ଭିଜିଲାନ୍ସ ସପ୍ତାହ

**ପାରାଦୀପ,୨୮।୧୦ (ମହାଭାରତ):** କେନ୍ଦ୍ରୀୟ ଭିଜିଲାନ୍ସ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଭିଜିଲାନ୍ସ (ସତର୍କତା) ସଚେତନତା କାର୍ଯ୍ୟକ୍ରମ-୨୦୨୪ ଆରମ୍ଭ ହୋଇଛି । ଏହି ସପ୍ତାହ ବ୍ୟାପି କାର୍ଯ୍ୟକ୍ରମ ଅକ୍ଟୋବର ୨୮ ରୁ ନଭେମ୍ବର ମାସ ୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ପ୍ରଶାସନିକ ଭବନ ଠାରେ କର୍ମଚାରୀମାନଙ୍କୁ ଅଖଣ୍ଡତା ପ୍ରତିଶ୍ରୁତି ର ସପଥପାଠ କରାଇଥିଲେ । ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀ ହରନାଦ କହିଥିଲେ ଯେ ଆମର କାର୍ଯ୍ୟରେ ସର୍ବୋଚ୍ଚ ଅଖଣ୍ଡତା, ସଚ୍ଚୋଟତା ଏବଂ ସ୍ୱଚ୍ଛତା ଦେଶର ଆର୍ଥିକ ବିକାଶରେ ସହାୟକ ହୋଇଥାଏ । ସପଥପାଠ ପରେ କର୍ମଚାରୀଙ୍କ ମଧ୍ୟରେ ସଚେତନତା ଜ୍ଞାନ ଉପରେ ଏକ ସ୍ୱଟ୍ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହା ପରେ ସ୍ଥାନୀୟ ସାଂସ୍କୃତିକ ସଂଗଠନ କ୍ୟାନମାସ ପକ୍ଷରୁ ଦୁର୍ନୀତି ଓ ଏହାର ନକାରାତ୍ମକ ପ୍ରଭାବ ବିଷୟରେ ଏକ ସଚେତନତା ଧର୍ମୀ ଯମ ଦରବାର ନାମକ ଏକ ବ୍ୟଙ୍ଗାତ୍ମକ ନାଟକ ପ୍ରଦର୍ଶିତ ହୋଇଥିଲା , ଯାହା ଉପସ୍ଥିତ ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ସେହିପରି ସାଧାରଣରେ ସଚେତନତା ସୃଷ୍ଟି କରିବା ପାଇଁ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ରଚନା, ବକ୍ତୃତା, ଡ୍ରଇଂ ଫ୍ୟାନ୍ସୀ ଡ୍ରେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥି ସହ ସର୍ବସାଧାରଣରେ ସଚେତନତା ନିମି ବନ୍ଦର ସହରର ବିଭିନ୍ନ ସ୍ଥାନରେ ସତର୍କତା ସମ୍ପର୍କିତ ପୋଷ୍ଟର ଓ ହୋଡିଙ୍ଗ ଲଗାଯାଇଥିବାର ଦେଖିବାକୁ ମିଳିଥିଲା ।

## ବାତ୍ୟା ଦାନା ଭାଙ୍ଗିଦେଲା କୁମ୍ଭକାରଙ୍କ ଭାତହାଣ୍ଡି

**କାକଟପୁର,୨୮।୧୦ (ମହାଭାରତ):** ମହାଭାରତ - ପ୍ରତ୍ୟେକ ବର୍ଷ ଅକ୍ଟୋବର ମାସ ଆସିଲେ ମନେ ପଡେ ବାତ୍ୟା ଓ ମହାବାତ୍ୟା ର ଚିତ୍ର, କାରଣ ୧୯୯୯ ମସିହା ମହାବାତ୍ୟାର କରାଳ ଚିତ୍ର ଆଜିବି ଉପକୂଳ ଓଡିଶା ଇତିହାସ ର ପୃଷ୍ଠା ରୁ ଲିଭିନି, ଫୁଣି ଥରେ ଚଳିତ ଅକ୍ଟୋବର ମାସ ରେ ଆସି ପହଁଥିଲା ମହାବାତ୍ୟା ଦାନା , ଏହା ଅବଶ୍ୟ ଉପକୂଳ କାକଟପୁର ଓ ଅସ୍ତରଙ୍ଗ ରେ ବିଶେଷ କ୍ଷୟକ୍ଷତି କରିନି କିନ୍ତୁ ଭାଙ୍ଗିଦେଇଛି କାକଟପୁର ଅନ୍ତର୍ଗତ ଜଗନ୍ନାଥପୁର, ନୀଳକଣ୍ଠପୁର, ଓଥକା, ଓସ୍ତପୁର ଅଞ୍ଚଳରେ ବାସ କରୁଥିବା ଅନେକ କୁମ୍ଭକାର ପରିବାରଙ୍କ ଆର୍ଥିକ ମେରୁଦଣ୍ଡକୁ, କାର୍ତ୍ତିକ ମାସ ଆସିବା ୨ ମାସ ଆଗରୁ ଏମାନେ ବାଲି, ମାଟି, କୋଇଲା, ଜାଳ ସବୁ କ୍ରୟ କରି ଏହାକୁ ମୁଣ୍ଡ ଝାଳ ତୁଣ୍ଡ ରେ ମାରି ଖରା ବର୍ଷା ରେ ଚକଟି ଶେଷ ରେ ଶାଳ ରେ ଭର୍ତ୍ତୀ କରନ୍ତି ଓ ସେଥିରେ ଅଗ୍ନିସଂଯୋଗ କରନ୍ତି, ଆଉ କାର୍ତ୍ତିକ ମାସ ଦୀପାବଳି ଓ ପୁଜା ସମୟରେ ଦୀପ, ମାଟି ହାଣ୍ଡି, କଳସ ସବୁ ବେଶ ବିକ୍ରି ହୁଏ ସେଥିରୁ ଏମାନେ କିଛି ଭଲ ଲାଭ କରନ୍ତି ଆଉ ବର୍ଷକ ପାଇଁ ନିଜ ପରିବାର ର ଗୁଜୁରାଣ ମେଣ୍ଟାନ୍ତି, କିନ୍ତୁ ଚଳିତ ବର୍ଷ ବାତ୍ୟା ଦାନା ସମୟରେ ୨୩ ତାରିଖ ଓ ୨୪ ତାରିଖ ରେ ଲଗାଣ ବର୍ଷା ଓ ପବନ ଏମାନଙ୍କ ଶାଳ ର ମାଟି ଅତଡ଼ା ଖସିଯାଇ ପରବର୍ତ୍ତୀ ସମୟରେ ଯାହା ସବୁ ମାଟି ଦ୍ରବ୍ୟ ଥିଲା ତାହା ଭାଙ୍ଗି ଚୁରମାର ହୋଇଯାଇଛି, ଯାହାକୁ ନେଇ ଏହି ଅଞ୍ଚଳର କୁମ୍ଭକାର ପରିବାର ସବୁ ଦୁଃଖରେ ମ୍ରିୟମାଣ ହୋଇଯାଇଛନ୍ତି । ଆଉ କମ ଦିନ ଦୀପାବଳି ଓ ନିକଟରେ କାର୍ତ୍ତିକ ପୂର୍ଣ୍ଣିମା ଓ ପଞ୍ଚୁକ ଆସୁଛି ଆଉ ପ୍ରତ୍ୟେକ ଓଡ଼ିଆ। ଘରେ ଏହି ସମୟ ରେ ବିଶେଷ ପୂଜା ପାଇଁ ମାଟି ହାଣ୍ଡି ଓ ଦୀପର ଆବଶ୍ୟକ ରହିଥାଏ ଆଉ ସେହି ଆବଶ୍ୟକ ପୂରଣ ପାଇଁ ରାତି ତମାମ ଅନିଦ୍ରା ରହି ଏହି କୁମ୍ଭକାର ପରିବାର ସବୁ ଏକାଠି ହୋଇ ପୁନଃବାର ମାଟି ବାଲି କିଣି ନିଜ ନିଜ ଶାଳ ମରାମତି ସହିତ ନୂତନ ଦ୍ରବ୍ୟ ନିର୍ମାଣ କରିବାରେ ଲାଗିଯାଇଛନ୍ତି, କାରଣ ଏହା ହେଉଛି ସେମାନଙ୍କ କୌଳିକ ବୃତ୍ତି, ଆଉ ଆଶାନୁରୂପ ଲାଭ ନହେଲେ ବି କିଛି ଅର୍ଥ ଉପାର୍ଜନ କରିବାର ଆଶା ମଧ୍ୟ ବାନ୍ଧିରଖିଛନ୍ତି ଏହି ଲୋକ, ଯାହାକୁ ନେଇ କୁନ୍ତଳା ମୁଦୁଲୀ, ସୁଲୋଚନା ବେଉଆ, ଅର୍ଜୁନ ମୁଦୁଲୀ ଓ କୈଳାଶ ଚନ୍ଦ୍ର ମୁଦୁଲୀ ସରକାରୀ ଆର୍ଥିକ ସହାୟତା ପାଇଁ ଦାବୀ କରିଛନ୍ତି ।

## ଅଙ୍ଗନୱାଡ଼ି କେନ୍ଦ୍ର ପାର୍ଶ୍ୱରେ ବିପଦ ଅବସ୍ଥାରେ ବିଦ୍ୟୁତ ଟ୍ରାନ୍ସଫର୍ମର

**କୋକସରା,୨୮।୧୦ (ମହାଭାରତ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ର ବିଭିନ୍ନ ପଞ୍ଚାୟତର ଗାଁ ମାନଙ୍କରେ ଖୋଲା ମେଲା ଜାଗାରେ ରେ ପଡି ରହିଛି ବିଦ୍ୟୁତ ଟ୍ରାନ୍ସଫର୍ମର କ୍ଷ ଦେଖି ନଦେଖିଲା ଭଳି ଅନ୍ଧ ସାଜିଛି ବିଦ୍ୟୁତ ବିଭାଗ ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି କୋକସରା ବ୍ଲକ ବଡପୋଡାଗୁଡା ଗ୍ରାମପଞ୍ଚାୟତର ରଏନଗୁଡା ଗ୍ରାମରେ ଦୀର୍ଘ ଦିନ ହେବ ଅଙ୍ଗନୱାଡ଼ି କେନ୍ଦ୍ର ପଛପଟେ ବିପଦ ପୂର୍ଣ୍ଣ ଅବସ୍ଥାରେ ରହିଛି ବିଦ୍ୟୁତ ଟ୍ରାନ୍ସଫର୍ମର ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସୁଥିବା ଥିବା ଛୋଟଛୋଟ କୋମଳ ମତି ଶିଶୁ ମାନେ ପଛପଟେ ଯିବା ଆସିବା ମଧ୍ୟ କରିଥାନ୍ତି। ଯାହା ଫଳରେ କୋମଳ ମତି ଶିଶୁ ମାନଙ୍କ ଜୀବନ ପ୍ରତି ବିପଦ ଥିବା ଦେଖା ଦେଇଛି ଅଙ୍ଗନୱାଡ଼ି କେନ୍ଦ୍ରକୁ ଲାଗି ବିପଦ ପୂର୍ଣ୍ଣ ଅବସ୍ଥାରେ ଥିଲେ ସୁଦ୍ଧା ଏହି ଘଟଣା ଉପରେ କାହାରି ନଜରରେ ନ ଆସିବା ସାଧାରଣ ରେ ଚର୍ଚ୍ଚା ହେଉଛି କେତେବେଳେ ଯେ କୌଣସି ଅଘଟଣ ନ ଘଟିବ ତାହା କହି ହେବନି ସବୁ ଠାରୁ ବଡ କଥା ହେଲା କୋମଳମତି ଶିଶୁ ମାନଙ୍କର ଜୀବନ ସହିତ ଖେଳା ଯାଉଛି ନିଷ୍ପାପ ଶିଶୁ ଜାଣି ନାହିଁ ଯେ ତାଙ୍କ ଅଙ୍ଗନୱାଡ଼ି କେନ୍ଦ୍ର ପାର୍ଶ୍ୱରେ ମରଣ ଯନ୍ତା ଉଭା ହୋଇଛି ବିଦ୍ୟୁତ ଟ୍ରାନ୍ସଫର୍ମର ଏମିତି ଅବସ୍ଥାରେ ରହିଅଛି ଯେ ତଳୁ ହାତ ମାରିଲେ ତାର ସ୍ପର୍ଶ ହେବ ତୁରନ୍ତ ଏହାର ସମାଧାନ ନ କଲେ ଆଗାମୀ ଦିନରେ ଏକ ବଡ ଧରଣର ଅଘଟଣ କୁ ଏଡ଼ାଇ ଦିଆଯାଇ ନ ପାରେ ଏଥି ପ୍ରତି ବିଦ୍ୟୁତ ବିଭାଗ ଓ ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ପାଚେରୀ ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି।

## ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ପ୍ରଶିକ୍ଷଣ

**ଆର୍ସିକା,୨୮।୧୦ (ମହାଭାରତ):** ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅଧୀନରେ ଆସିକା ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ଅଧୀନ ହାଟପଦା ପୂର୍ବତନ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ତିନିଦିନିଆ ଉଚ୍ଚ ପ୍ରାଥମିକ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜିର ପ୍ରଥମ ଦିବସ କାର୍ଯ୍ୟକ୍ରମ ରେ ବିଇଓ ମୁନ ରାଣୀ ମହାନ୍ତି, ପ୍ରଧାନଶିକ୍ଷୟତ୍ରୀ ଅଞ୍ଜନା ରାଣୀ ପଟନାୟକ, ଏବିଇଓ ବିଭୁ ନନ୍ଦନ ପଣ୍ଡା,ଏବିଇଓ ଭାଗିରଥି ପାତ୍ର, ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଶିକ୍ଷକ ମାନଙ୍କ ନେତୃତ୍ୱ, ଶିକ୍ଷକ ବିକାଶତ୍ମକ ମନୋବୃତି, ସାମାଜିକ ଆବେଗିକ, ନୈତିକ ଶିକ୍ଷା, ହାଉସିଂ ସିଷ୍ଟମ, ଜାତୀୟ ଉପଲବ୍ଧ ସର୍ବେକ୍ଷଣ, ମାସିକ ପାଠ୍ୟ ଖସଡ଼ା ଯୋଜନା, ସ୍କୁଲରେ ଥିବା ଟାବଲେଟର ବ୍ୟବହାର, ସାଇବର ସୁରକ୍ଷା, ସାମାଜିକ ଗଣମାଧ୍ୟମ ର ବ୍ୟବହାର, ବିଦ୍ୟାଳୟର ନିରାପତ୍ତା ଓ ସୁରକ୍ଷା, ଅନ୍ତର୍ନିବେଶି ଶିକ୍ଷା, ବସ୍ତାନି ବିହୀନ ପାଠ ପଢ଼ା, ବର୍ଣ୍ଣାଳୀ,ୟୁଡାଇସ, ଶିକ୍ଷକ, ପିଲା ଓ ବିଦ୍ୟାଳୟ ମାନଙ୍କର ତଥ୍ୟ ଫର୍ଦ୍ଦ ଉପରେ ତିନିଦିନ ଧରି ପ୍ରଶିକ୍ଷକ ମାନେ ପ୍ରଶିକ୍ଷଣ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଶିକ୍ଷକ ଏବଂ ଶିଶୁ ମାନଙ୍କ ନୈତିକ ଶିକ୍ଷା, ସାମଗ୍ରୀକ ବିକାଶ ପାଇଁ ଏହି ତାଲିମ ଜରୁରୀ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି । ଏହି ପ୍ରଶିକ୍ଷଣ ଶିବିର ରେ ଶିକ୍ଷୟତ୍ରୀ ସନ୍ତୋଷିନୀ ମୁନି, ଅର୍ଚ୍ଚନା ବେହେରା, ଶିକ୍ଷକ ଶୁଭେନ୍ଦୁ ଶେଖର ଜେନା, ଶିବ ଶଙ୍କର ସ୍ୱାଇଁ, ସିମାଞ୍ଚଳ ଆଚାର୍ଯ୍ୟ, ରବୀନ୍ଦ୍ର କୁମାର କର, ଅମୀୟ ସିନ୍ଧୁ ମୁନି, ଜୟସେନ ଦାସ, ରଞ୍ଜନ କୁମାର ପାଣିଗ୍ରାହୀ, ସମୀର କାନ୍ତ ନାୟକ, ସନ୍ତୋଷିନୀ ରାଉତ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି । ଏହି କାର୍ଯ୍ୟକ୍ରମ କୁ ସିମାଞ୍ଚଳ ସେଠୀ ସଂଯୋଜନା କରିଥିବା ବେଳେ ଆସିକା ବ୍ଲକ ଏବଂ ଏନ ଏ ସି ର ୧୩ କ୍ଲଷ୍ଟର ର ୧୩୫ ସ୍କୁଲ ର ପ୍ରା। ୧୫୦ ଜଣ ଶିକ୍ଷକ ଏବଂ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ ।

## ଦଶରଥପୁରରେ ବେଆଇନ୍ ବାଣ ବିକ୍ରି

**ଦଶରଥପୁର,୨୮।୧୦ (ମହାଭାରତ):** ବାତ୍ୟା ଦାନା ଓ ବର୍ଷାର ବିଭୀଷିକା ଲୋକଙ୍କ ମନରୁ ଲିଭି ନଥିବାବେଳେ ଦୀପାବଳି ପାଇଁ ସଜବାଜ ହେଲେଣି ବାଣ ଦୋକାନୀ ଦୀପାବଳିକୁ ଉତ୍ସବ ମୁଖର କରିବା ପାଇଁ ବ୍ୟବସାୟୀ ମାନେ ବାଣର ପସରା ମେଲେଇ ଦେଇଥିବା ଦେଖିବା ପାଇଁ ମିଳିଛି। ଏଥିପାଇଁ କେତେକ ଦୋକାନି ପରିମିସନ ଆଣି ଥିବା ବେଳେ ଆଉ କେତେକ ଦୋକାନି ବିନା ପରିମିସନରେ ବାଣ ବିକ୍ରି କରୁଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। କିନ୍ତୁ ଦଶରଥପୁର ବ୍ଲକସ୍ଥ ମଙ୍ଗଳପୁର ସମେତ ବିଭିନ୍ନ ବଜାରରେ ଏହି ଆଦେଶ କେବଳ କାଗଜ କଲମରେ ସୀମିତ ରହି ଚାଲିଛି ବେଆଇନ ବାଣ ବିକ୍ରୟ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ପରିମିସନରେ କେବଳ ଶବ୍ଦ ବିହୀନ ବାଣ ବିକ୍ରି ହେବା ପାଇଁ ନିୟମ ରହିଥିବା ବେଳେ ଏହି ନିୟମକୁ ଖୋଲା ଖୋଲି ଉଲ୍ଲଙ୍ଘନ କରି ବାଣ ବ୍ୟବସାୟୀ ମାନେ ବୃହତ ଶବ୍ଦ ସୃଷ୍ଟି ହେଉଥିବା ବାଣ ସମେତ ବିଭିନ୍ନ ଚାଇନା ବାଣ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ପୋଲିସ ପ୍ରଶାସନ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଦଶରଥପୁର ବ୍ଲକର ଦଶରଥପୁର, ବଉଳାଙ୍ଗ, କାଟିଆ, ଅହିୟାସ, ମଙ୍ଗଳପୁର ନନ୍ଦିପୁର, ରାମବାଗ ଆଦି ବଜାର ଗୁଡିକରେ ବହୁଳ ପରିମାଣରେ ବାଣ ବିକ୍ରି ହେଉଥିବା ବେଳେ ଏହି ବଜାର ଗୁଡିକରେ ସରକାରୀ ନିୟମକୁ ଖୋଲା ଖୋଲି ଉଲଂଘନ କରି ବେଆଇନ ଭାବେ ବାଣ ବିକ୍ରି କରୁଥିବା ବେଳେ ପ୍ରଶାସନ ପକ୍ଷରୁ ବେଆଇନ ବାଣ ବ୍ୟବସାୟୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ବାଣ ବ୍ୟବସାୟୀ ମାନଙ୍କୁ ସୁରକ୍ଷା ଦେଉଥିବା ନେଇ ଏବେ ଜନସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହରେ ଶୋଭାଯାତ୍ରା

**ଗଜପତି,୨୮।୧୦ (ମହାଭାରତ):** ଗଜପତି ଜିଲ୍ଲା ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା ସକାଳ ୮ଘଟିକା ୩୦ ମିନିଟ ସମୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଉପଲକ୍ଷେ ସ୍ଥାନୀୟ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଅଛି । ଏହି ଶୋଭାଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଡ଼.ଗୁଣନିଧି ନାୟକ, ଡିଏସପି ଦୁର୍ନୀତି ନିବାରଣ ବିଭାଗ ଶ୍ରୀ ବାସୁଦେବ ରାଓ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଶୋଭାଯାତ୍ରା ଟାଉନ୍ ହଲ ଠାରୁ ବାହାରି ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ପର୍ଯ୍ୟନ୍ତ ସଚେତନତା କରାଯାଇଥିଲା ,ଏଥିରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ପ୍ରମୁଖ ଉପସ୍ଥିତରେ ଶୋଭାଯାତ୍ରା କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନେ ହାତରେ ପ୍ଲାସ୍ କାର୍ଡ ଧରି ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ।

ପରେ ପରେ ଉକ୍ତ ସ୍ଥାନରେ ଏକ ସାଧାରଣ ସଭା ଆୟୋଜନ କରାଯାଇ ଦୁର୍ନୀତି ନିବାରଣ ସଚେତନତା ଉପରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ,ଅତିରିକ୍ତ ଜିଲ୍ଲାପାଳ ଓ ଡିଏସପି ଦୁର୍ନୀତି ନିବାରଣ ବିଭାଗ ଯୋଗ ଦେଇ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ପୂର୍ବାହ୍ନ ୧୦ ଘଟିକା ସମୟରେ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମର ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟଙ୍କୁ ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର ଜିଲ୍ଲା ଓ ବ୍ଲକ ସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଶ୍ରୀ ଟିମନ ବାରା ଜିଲ୍ଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତିଙ୍କ ପ୍ରତ୍ୟେକ ତତ୍ୱାବଧାନରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ। ଓସ୍ୱାନ୍ ହୋଲ ଠାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଗଣଙ୍କୁ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ ସମସ୍ତ ଅଧିକାରୀଙ୍କୁ ଶପଥ ପାଠ କରାଇ ଦୁର୍ନିତି ନିବାରଣ ଦିଗରେ ସରକାରଙ୍କ ଦ୍ୱାରା କରାଯାଇଥିବା ସମସ୍ତ ବ୍ୟବସ୍ଥାକୁ କଡାକଡି ପାଳନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଦିଗରେ ସମସ୍ତ ନାଗରିକ ଓ ଜନସାଧାରଣ ମାନଙ୍କୁ ସଚେତନତା ହେବା ଜରୁରୀ, ଏଣୁ ଆମ ସମସ୍ତଙ୍କ ମିଳିତ ଉଦ୍ୟମରେ କିପରି ଦେଶ ରୁ ଦୁର୍ନୀତିର ମୂଳୋତ୍ପାଟନ ହୋଇପାରିବ ଓ ପ୍ରତ୍ୟେକ ନାଗରିକ ସର୍ବଦା ସତର୍କତା ସହିତ ସର୍ବାଧିକ ସାଧୁତା, ସ୍ୱଚ୍ଛତା ଓ ସତ୍ୟନିଷ୍ଠ ରେ ପ୍ରତିବନ୍ଧିତ ରହି କାର୍ଯ୍ୟ କରିପାରିବେ ସେ ସଂପର୍କରେ ଜନସାଧାରଣ ମାନଙ୍କୁ ସଚେତନ କରାଇଥିଲେ।

ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜତିନ୍ଦ୍ର କୁମାର ପଣ୍ଡା,ଉପ-ଜିଲ୍ଲାପାଳ ଶ୍ରୀ ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଦିଲ୍ଲୀପ କୁମାର ବେହେରା ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ହାଇକୋର୍ଟରେ ନୟାଗଡ଼ ନିର୍ବାଚନୀ ମାମଲା

## ପୁଣି ସମୟ ନେଲେ ନୟାଗଡ଼ ବିଧାୟକ

**ନୟାଗଡ଼,୨୮।୧୦ (ମହାଭାରତ):** ହାଇକୋର୍ଟରେ ବିଚାରାଧୀନ ନୟାଗଡ଼ ବିଧାନସଭା ଆସନ ନିର୍ବାଚନୀ ମାମଲାରେ ପକ୍ଷଭୁକ୍ତ ହେବା ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିଥିବା ହେମନ୍ତ କୁମାର ପୃଷ୍ଟି ଦାୟର କରିଥିବା ଅନ୍ତରୀଣ ଆବେଦନ ଉପରେ ବିଜେପି ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ତରଫରୁ ଲିଖିତ ଆପତ୍ତି ଦାଖଲ କରାଯାଇଛି। ଅନ୍ୟପଟେ ମାମଲାରେ ଜବାବ ଦାଖଲ ପାଇଁ ବିଧାୟକ ଅରୁଣ କୁମାର ସାହୁ ସମୟ ଲୋଡ଼ିଛନ୍ତି। ହାଇକୋର୍ଟ ଏଥିପାଇଁ ଅନୁମତି ଦେବା ସହିତ ପରବର୍ତ୍ତୀ ଶୁଣାଣି ପୂର୍ବରୁ ଜବାବ ଦାଖଲ ପାଇଁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ତାରିଖରେ ମଧ୍ୟ ହେମନ୍ତ କୁମାର ପୃଷ୍ଟିଙ୍କ ଅନ୍ତରୀଣ ଆବେଦନ ଉପରେ ଶୁଣାଣି ହେବ। ନଭେମ୍ବର ୧୨କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଜଷ୍ଟିସ ଆନନ୍ଦଚନ୍ଦ୍ର ବେହେରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବିଜେଡି ପ୍ରାର୍ଥୀ ଭାବେ ନୟାଗଡ଼ ବିଧାନସଭା ଆସନରୁ ନିର୍ବାଚିତ ହୋଇଥିବା ଅରୁଣ କୁମାର ସାହୁଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ପରାଜିତ ବିଜେପି ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ଏହି ମାମଲା ଦାୟର କରିଥିଲେ। ଅରୁଣଙ୍କ ସତ୍ୟପାଠରେ ସମ୍ପତ୍ତି ସଂକ୍ରାନ୍ତରେ ଠିକ୍ ତଥ୍ୟ ଦେଇ ନଥିଲେ। ଏଥି ସହିତ ଅରୁଣଙ୍କ ନାମାଙ୍କନପତ୍ର ରିଟର୍ଣ୍ଣିଂ ଅଫିସର୍ ବେଆଇନ ଭାବେ ଗ୍ରହଣ କରିଥିଲେ ବୋଲି ଅଭିଯୋଗ ହୋଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଗୋପାଳ ଅଗ୍ରୱାଲ, ପ୍ରତିପକ୍ଷ ଅରୁଣ କୁମାର ସାହୁଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ମିଶ୍ର, ଆଇନଜୀବୀ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଛନ୍ତି।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ସାଧୁତାର ଶପଥ ପାଠ

ରାଇରଙ୍ଗପୁର, ୨୮।୧୦(ମହାଭାରତ): ଚଳିତ ବର୍ଷ ଅକ୍ଟୋବର ୨୮ ତାରିଖ ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ସତ-ନିଷ୍ଠା ସଂସ୍କୃତି ହିଁ ରାଷ୍ଟ୍ରର ସମୃଦ୍ଧି ପ୍ରସଙ୍ଗ ଆଧାରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ -୨୦୨୪ ପାଳନ କରାଯାଉଛି।

ଏହି ଅବସରରେ ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରର କନଭେନସନ ହଲରୁ ରାଜ୍ୟର ସରକାରୀ କର୍ମଚାରୀ ଏବଂ ରାଜ୍ୟବାସୀଙ୍କୁ ଆଭାସୀ ମାଧ୍ୟମରେ ସାଧୁତାର ଶପଥ ପାଠ କରାଇଥିଲେ। ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ସମସ୍ତ ସରକାରୀ କର୍ମଚାରୀ ମାନଙ୍କୁ ସେମାନଙ୍କ ନିଜ ନିଜ କର୍ମକ୍ଷେତ୍ରରେ କାର୍ଯ୍ୟ ସମ୍ପାଦନ ସମୟରେ ସାଧୁତା ଓ ସ୍ୱଚ୍ଛତା ବଜାୟ ରଖିବା ପାଇଁ ନିଶ୍ଚିତ ଭାବେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ ଏବଂ ସାମୁହିକ ପ୍ରଚେଷ୍ଟା ଦ୍ୱାରା ହିଁ ଦୁର୍ନୀତିର ମୁଳୋତ୍ପାଟନ ସମ୍ଭବ ବୋଲି ଦୃଢୋକ୍ତି ପ୍ରକଶ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ କି ଦୁର୍ନୀତି ଏମିତି ଏକ ବ୍ୟାଧି ଯାହାକି ଜଣକର ବ୍ୟକ୍ତିଗତ ଜୀବନ ସହିତ ସାମାଜିକ ଜୀବନକୁ ଏମିତି କ୍ଷତାକ୍ତ କରିଥାଏ ଯାହାକି ଅତ୍ୟନ୍ତ ଯନ୍ତ୍ରଣାଦାୟକ। ତେଣୁ ସେବା ପ୍ରଦାନ ସମୟରେ କୌଣସି ପ୍ରକାର ଲୋଭ ର ବଶବର୍ତ୍ତୀ ହୋଇ ଲାଞ୍ଚ ନେବା ଓ ଦେବା ଭଳି ବିକୃତ ମାନସିକତା ଠାରୁ ସର୍ବଦା ଦୂରେଇ ରହିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି କ୍ରମରେ ଆଜି ରାଇରଙ୍ଗପୁର ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକତ୍ରିତ ହୋଇ ଏହି ଶପଥ ପାଠରେ ଅଂଶ ଗ୍ରହଣ କରିଥିଲେ।

# ରାୟଗଡ଼ାଙ୍କ ଜିଲ୍ଲାପାଳ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ବିଷମକଟକ, ୨୮।୧୦(ମହାଭାରତ): ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ବିଷମକଟକ ବ୍ଲକ ସଦର ମହକୁମାସ୍ଥିତ ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି। ରାୟଗଡା ଜିଲ୍ଲାପାଳ ପାରୁଲ ପାଟାରୀଙ୍କ ଅଧକ୍ଷତରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ହରିଶା ବିସି, ବନଖଣ୍ଡ ଅଧିକାରୀ, ସଚିନ ଆହ୍ଲା ସାହେବ ଓହଲେ, ଗୁଣପୁର ଉପ ଜିଲ୍ଲାପାଳ, କିରନଦୀପ କୌର ସାହୋତା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମହନ ରାଉତରାୟ, ବିଷମ କଟକ ବ୍ଲକ ଅଧକ୍ଷା ଯଶଦା ହୁଇକା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ।

ଆଜି ମୋଟ ୭୮ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ। ସେଥି ମଧ୍ୟରୁ ୮ଟି ସ୍ୱାସ୍ଥ୍ୟଗତ, ୫୫ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୫ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗଥିଲା। ବିଶେଷ କରି ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ଜମାଜମା, ପାରିବାରିକ ସମସ୍ୟା, ଜଳସେଚନ, ଭତ୍ତା, ଜମାଜମା ରେଜିଷ୍ଟ୍ରେସନ, ଅଙ୍ଗନବାଡି ଗୃହ ନିର୍ମାଣ ଓ ଅନ୍ୟାନ୍ୟ ସମସ୍ୟା ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଶୁଣାଣି ରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ୧୭ଲକ୍ଷ ଟଙ୍କା ଅର୍ଥରାଶି ର ଚେକ୍ ପ୍ରଦାନ କରାଗଲା। ଏହି ଅଭିଯୋଗ ଶିବିରରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଲଳିତ ମଣ୍ଡଳ, ପ୍ରକଳ୍ପ ନିର୍ଦ୍ଦେଶକ ଜାଳବିଭାଜିକା ମିଶନ ଡ଼ଃ ଦୟାନିଧି ବାଘ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଦୟାନିଧି ରାଉତ, ସହକାରୀ ଜିଲ୍ଲାପାଳ ସସ୍ମିତା ପଟ୍ଟନାୟକ, ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ଦକ୍ଷତା ବିକାଶ ତଥା କର୍ମ ନିୟୋଜନ ଅଧିକାରୀ ତତ୍ତମୋସୀ ମହାପାତ୍ର, ଜିଲ୍ଲା ପଂଚାୟତ ଅଧିକାରୀ ସୂର୍ଯ୍ୟନାରାୟଣ ମହାରଣା, ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ବସନ୍ତ କୁମାର ନାୟକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପ୍ରତମା ପ୍ରଧାନ, ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଶ୍ରୀ ବିଚିତ୍ରା ସେଠି, ଅବକାରୀ ଅଧିକ୍ଷକ ଶ୍ରୀ ସୁଶାନ୍ତ ଧଳ ସାମନ୍ତ, ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଆଲେନୁର, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ମଧ୍ୟମ ଜଳସେଚନ ଅଧିକ୍ଷଣ ଯନ୍ତ୍ରୀ, ମୁଖ୍ୟ କୃଷି ଅଧିକାରୀ ସୁମନ ସିଂ ପଟ୍ଟନାୟକ ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ତହସିଲଦାର ଭେଙ୍କେଟେଶ୍ୱର ରେଡ୍ଡୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସିମାଞ୍ଚଳ ମହାପାତ୍ର, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ ସନ୍ତୋଷ କୁମାର, ଉପଖଣ୍ଡ ପ୍ରଗ୍ରାମ ଅଧିକାରୀ ବି କୋମଲାଙ୍ଗୀ, ଓ ଅନ୍ୟାନ୍ୟ ଜିଲ୍ଲା ସ୍ଥରୀୟ, ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ।

# ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଠାରେ ଭିଜିଲାନ୍ସ ସତର୍କତା ସପ୍ତାହ ପାଳିତ

ଆସିକା, ୨୮।୧୦(ମହାଭାରତ): ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଠାରେ ଭିଜିଲାନ୍ସ ସତର୍କତା ସପ୍ତାହ କାର୍ଯ୍ୟକ୍ରମ ଅଧକ୍ଷ ଗଣେଶ୍ୱର ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରେଡ୍ କ୍ରସ ସଂଯୋଜିକା ଲିନା ଲିଲିୟାନ ପରିଚାଳନା କରିଥିଲା। ବେଳେ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ୱାଇଆରସି, ଏନ ଏସ ଏସ ଏନ ସି ସି କ୍ୟାଡର ମାନେ ମିଳିତ ଭାବେ ପାଳିଥିଲେ। ସପ୍ତାହ ବ୍ୟାପି ପାଳନ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସତ୍ୟ ନିଷ୍ଠା ସଂସ୍କୃତି ହିଁ ରାଷ୍ଟ୍ର ସମବୃଦ୍ଧିର ଭିତ୍ତ ବିଷୟ କୁ ନେଇ ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ।

# ମିଳିତ ଜନଶୁଣାଣୀ ଶିବିର

ଦାନଗଦି, ୨୮।୧୦(ମହାଭାରତ) : ଦାନଗଦି ବ୍ଲକ ମିଳିତ ଜନଶୁଣାଣୀ ଅନୁଷ୍ଠିତ ହୋଇଛି, ଅନେକ ଗ୍ରାମରୁ ଜନସାଧାରଣ ନିଜ ନିଜର ସମସ୍ୟା ନେଇ ଆସିଥିବାବେଳେ ଜିଲ୍ଲାପାଳ ଙ୍କୁ ନିଜର ସମସ୍ୟା କଥା ସିଧାସଳଖ ଜଣାଇଥିଲେ। ଦାନଗଦି ବ୍ଲକ୍ ର ଜଣସାଧାରଣ ଲୋକମାନଙ୍କର ସମସ୍ୟା ଶୁଣି ସମାଧାନ ପାଇଁ ପଦକ୍ଷେପ ନେଉଥିବାର ଦେଖାଯାଇଥିଲା। ଜମି ଜମା ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଆଦି ସମସ୍ୟାକୁ ତୁରନ୍ତ ସମାଧାନ କରିବା ପାଇଁ ପଦକ୍ଷେପ ନିଆଯାଇଥିଲା। ଅନେକ ଦିନରୁ ସମାଧାନ ହେଉ ନଥିବା ସମସ୍ୟାକୁ ଜିଲ୍ଲାପାଳଙ୍କୁ ଜଣାଇଥିଲେ ସାଧାରଣ ଲୋକ। ଉକ୍ତ ଜନଶୁଣାଣୀରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ,ଦାନଗଦି ତହସିଲଦାର ରଞ୍ଜିତ ମଲ୍ଲିକ , ବି. ଡି. ଓ ସାରଦା ପ୍ରସନ୍ନ ପଣ୍ଡା, ଜିଲ୍ଲା ଶିକ୍ଷା ଅଧିକାରିଣୀଙ୍କ ସହିତ ଜିଲ୍ଲାର ଅନେକ ବିଭାଗର ଉପରିସ୍ଥ ଅଧିକାରୀ ଓ ବ୍ଲକର ସମସ୍ତ ବିଭାଗିର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଯେଉଁ ସବୁ ଅଭିଯୋଗ ହେଉଛି। ପ୍ରତ୍ୟେକ ଦିନ ସମାଧାନ ହେଉଛି ବୋଲି ଜିଲ୍ଲାପାଳ ମନ୍ତବ୍ୟ ରଖିଥିଲେ।

# ରାସନ୍ କାର୍ଡରେ ନାଁ ନଥିବାରୁ ଚିକିତ୍ସା ପାଇଁ କ୍ୟାନସର ରୋଗୀ ଭୋଗୁଛି ଦୁର୍ଦ୍ଦଶା

ନୂଆଗାଁ, ୨୮।୧୦(ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଉଦୟପୁର ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ସିଙ୍ଗପୁର ଗ୍ରାମର ବଳରାମ କହଁର (୫୭) ଦୀର୍ଘ ଦିନ ଧରି କ୍ୟାନସର ରୋଗରେ ପୀଡିତ। ସୂଚନା ଥାଉକି ବଳରାମ କହଁର (୫୭)ଦୀର୍ଘ ୮ ମାସ ଧରି କ୍ୟାନସର ରୋଗରେ ପୀଡିତ କିଛି ଦିନ ତଳେ ସ୍ୱାମୀ ବଳରାମ ଙ୍କୁ ଚିକିତ୍ସା ପାଇଁ ସ୍ତ୍ରୀ ସୁବନୀ କହଁର (୪୫) ଓ ଦୁଇ ଝିଅଙ୍କୁ ସାଙ୍ଗରେ ଧରି ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲ କୁ ନେଇଥିଲେ ସେଠାରେ ଡାକ୍ତରଙ୍କ ପରାମର୍ଶ କ୍ରମେ କ୍ୟାନସର ରୋଗୀଙ୍କୁ ଭଲ କରିବାକୁ ହେଲେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିବ ବୋଲି ଡାକ୍ତର ତାଙ୍କ ଧର୍ମପତ୍ନୀ ଙ୍କୁ କହିଥିଲେ। କିନ୍ତୁ ସ୍ତ୍ରୀ ସୁବନି ଙ୍କ ପାଖରେ ଆର୍ଥିକ ନଥିବାରୁ ସ୍ୱାମୀଙ୍କୁ ଘରକୁ ଫେରାଇ ଆଣିଥିଲା ସ୍ତ୍ରୀ ସୁବନି ଙ୍କ ପାଖରେ ରାସନ୍ କାର୍ଡ ଥିଲା। କିନ୍ତୁ ସ୍ୱାମୀ ବଳରାମ ଙ୍କ ନାମ ସଂଯୋଗ ହୋଇନଥିଲା କି ସ୍ୱାସ୍ଥ୍ୟ କାର୍ଡ ମଧ୍ୟ ମିଳିନଥିଲା। ଏନେଇ ସ୍ୱାମୀଙ୍କ କ୍ୟାନସର ରୋଗ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ କାର୍ଡ ଦରକାର ପଡୁଥିବା ବେଳେ ସେମାନଙ୍କ ପାଖରେ ସ୍ୱାସ୍ଥ୍ୟ କାର୍ଡ ନଥିଲା ବାଧ ହୋଇ ସ୍ୱାମୀଙ୍କୁ ଘରକୁ ଫେରାଇ ଆଣିଥିଲା। ବଳରାମ ଜଣେ ଗରୀବ ପରିବାରର ହୋଇଥିବାରୁ ନା



ଘର ଚଳିବା ପାଇଁ ଅଛି ଚଷ ଜମି, ନା ଅଛି ଘରବାରି , ସ୍ତ୍ରୀ ମୁଲ ଲାଗିଲେ ଘର ଚଳେ ସେଥିରେ ପୁଣି ଓଳିଏ ଖାଇଲେ ଦୁଇଓଳି ଉପାସ ଏପରିକି ଘର ଚଳିବା ଭାରି କଷ୍ଟ ତେବେ ସ୍ୱାମୀଙ୍କ ଚିକିତ୍ସା ପାଇଁ ସ୍ତ୍ରୀ ପାଖରେ ଏତେ ଟଙ୍କା ଆସିବ କୁଆଡୁ ସ୍ୱାମୀ ଓ ସ୍ତ୍ରୀ ଙ୍କ କହିବା ଅନୁଯାୟୀ ଲୋକଙ୍କର ହିତସାଧନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଆମେ ସ୍ୱାସ୍ଥ୍ୟ କାର୍ଡ ଓ ଇନ୍ଦିରା ଆବାସ ଘର ପାଇବାକୁ ଯୋଗ୍ୟ ଥିଲେ ମଧ୍ୟ ସ୍ଥାନୀୟ ଜନପ୍ରତିନିଧି ଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କରିଥିଲେ ମଧ୍ୟ ଗରୀବ ଲୋକଙ୍କ କଥା କିଏବା ସୁଣୁଛି ଦୁଃଖର ପରିତାପ ବିଷୟ ବ୍ଲକ ପ୍ରଶାସନ ଅବହେଳା ଯୋଗୁଁ ଗୋଟିଏ ଆଦିବାସୀ ଗରୀବ ପରିବାରକୁ ନା ମିଳିଛି । ସ୍ୱାସ୍ଥ୍ୟ କାର୍ଡ , ନା ମୁଣ୍ଡ ଗୁଞ୍ଜିବାକୁ ପାଇଛନ୍ତି। ଇନ୍ଦିରା ଆବାସ ଘର ବର୍ତ୍ତମାନ ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ କଥା, କ୍ୟାନସର ରୋଗୀ ବଳରାମ ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦିନକୁ ଦିନ ଜଟିଳ ହେବାରେ ଲାଗିଛି ତେବେ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ କାର୍ଡ ଆବଶ୍ୟକତା ପଡୁଥିବା ବେଳେ ସେବା ଯୋଗାଇ ଦେବାରେ ବ୍ଲକ ପ୍ରଶାସନ କେତେ ତତ୍ପର ତାହା ଦେଖିବାକୁ ବାକି ରହିଛି।

# ଦୁର୍ନୀତି ରୋକିବାକୁନେଇ ଠାକୁରମୁଣ୍ଡା ବ୍ଲକ ପ୍ରଶାସନର ଶପଥ ପାଠ

କରଞ୍ଜିଆ, ୨୮।୧୦(ମହାଭାରତ) ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଦିନ ଦୁର୍ନୀତି ରୋକିବାକୁ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୁର୍ନୀତି ରୋକିବାକୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅଧିକାରୀ ଓ କର୍ମଚାରୀମାନଙ୍କୁ ପରାମର୍ଶ ଦେଇ ଶପଥ ପାଠ କରାଇଛନ୍ତି। ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱପ୍ନେଶ୍ୱର ବେହେରା ଏହି ଅବସରରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟଙ୍କଧର ମହାନ୍ତ , ସହକାରୀ ଯନ୍ତ୍ରୀ ସୁଭ୍ରା ସ୍ୱାଇଁ , ଏପିଓ ଧାନଚନ୍ଦ ମହାନ୍ତ ସମେତ ବ୍ଲକ ସ୍ତରୀୟ ପ୍ରଶାସନ ଅଧିକାରୀ ଓ କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବୈରାଗି ସମାଜର ଜିଲ୍ଲାସ୍ତରୀୟ ସମ୍ମିଳନୀ ଓ କର୍ମକର୍ତ୍ତା ଚୟନ ଅନୁଷ୍ଠିତ

ଜୁନାଗଡ଼ ୨୮।୧୦(ମହାଭାରତ ): କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ସ୍ଥିତ କଲ୍ୟାଣ ମଣ୍ଡପ ଠାରେ କଳାହାଣ୍ଡି ବୈରାଗି (ବୈଷ୍ଣବ) ସମାଜ ର ଜିଲ୍ଲା ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁ ଜୁନାଗଡ଼ ଓ ଗୋଲାମୁଣ୍ଡା ବ୍ଲକର ର ସଦସ୍ୟ ମାନେ ମିଳିତ ଭାବେ ଆୟୋଜନ କରିଥିଲେ। କାର୍ଯ୍ୟକ୍ରମ ର ଶୁଭାରମ୍ଭ ବୈଦିକ ରୀତିରେ ପୂଜାର୍ଚ୍ଚନା ଦ୍ୱାରା କରାଯାଇଥିଲା। ଜିଲ୍ଲା ର ସମସ୍ତ ବ୍ଲକ ର କର୍ମକର୍ତ୍ତା କୁ ନେଇ ଆୟୋଜିତ ଏହି ସମ୍ମିଳନୀ ରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ମଧ୍ୟ କିଛି କର୍ମକର୍ତ୍ତା ଯୋଗଦାନ କରିଥିଲେ । ଉକ୍ତ ସମ୍ମିଳନୀ ରେ କିପରି ବୈଷ୍ଣବ ସମାଜ ର ଅଗ୍ରଗତି ହେବାସହ ଆଗକୁ ବଢି ପାରିବ ଓ ଭଲ ଶିକ୍ଷା ,ସଂସ୍କାର, ଆଗାମୀ ପିଢ଼ି ପାଇପାରିବେ। ସେ ଉପରେ ବିଷଦ ଭାବରେ ଆଲୋଚନା ହୋଇଥିଲା ଅସ୍ଥାୟୀ ସଭାପତି ଭାବରେ ସରୋଜ ଦାସ କୁ ଚୟନ କରାଯାଇଥିଲା ପରେ ସେ ସଭା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଆଗରୁ ଥିବା ପୁରୁଣା କମିଟିକୁ ଭଙ୍ଗ ଘୋଷଣା କରାଯାଇଥିଲା ପରେ ଜିଲ୍ଲା ପୂର୍ବତନ ସଭାପତି ଅବସରପ୍ରାପ୍ତ ଶିକ୍ଷକ ନବକିଶୋର ଦାସ ଙ୍କ ପ୍ରସ୍ତାବ କ୍ରମେ ନୂତନ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିରେ ସର୍ବସମ୍ମତି କ୍ରମେ ଅଶୋକ କୁମାର ଦାସକୁ ଜିଲ୍ଲା ସଭାପତି ଓ ସ୍ୱପ୍ନା କୁମାର ଦାସ ସାଧାରଣ ସମ୍ପାଦକ , ଧ୍ରୁବ ଚରଣ ଦାସ କୋଷାଧକ୍ଷ ଭାବରେ ଚୟନ କରାଯାଇଥିଲା। ଉପ ସଭାପତି ଭାବରେ ଗୋଲାମୁଣ୍ଡା ବ୍ଲକର ପ୍ରସନ୍ନ ଦାସ, ଧର୍ମଗଡ଼ ର ସୁସାନ୍ତ କୁମାର ଦାସ, କୋକସରା ର କିଶୋର ଚନ୍ଦ୍ର ଦାସ, ଜୁନାଗଡ଼ ର ଦୁର୍ଗା ପ୍ରସାଦ ଦାସ, ଜୟପାଟଣା ର କୁମୁଦ ରଞ୍ଜନ ଦାସ, ଭବାନୀପାଟଣା ଉପଖଣ୍ଡର ମହେନ୍ଦ୍ର ଦାସ, କଲମପୁରର ଅଖିଳ ଦାସ, ଭବାନୀପାଟଣା ବଂଶୀଧର ଦାସଙ୍କୁ ମନୋନୀତ କରାଯାଇଥିଲା । ସେହିପରି ସହ ସମ୍ପାଦକ ଭାବେ କାହ୍ନୁ ଚରଣ ଦାସ, ରାମେଶ୍ୱର ଦାସ, ନିଶାନ୍ତ ଦାସ, ମୋହନ ଚରଣ ଦାସ ଙ୍କୁ ମନୋନୀତ କରାଯାଇଥିଲା ଏବଂ ଜିଲ୍ଲାର ଉପଦେଷ୍ଟା କମିଟି ଭାବରେ ଭୀଷ୍ମ ରଥୀ ଦାସ, ହୃଦାନନ୍ଦ ଦାସ, ଭାଗିରଥି ଦାସ, ଦାମୋଦର ଦାସ, ଗୋପୀନାଥ ଦାସ, ମହେନ୍ଦ୍ର ଦାସ, ନାକିଶୋର ଦାସ, ପ୍ରମୁଖ ଙ୍କୁ ଚୟନ କରାଯାଇଥିଲା ।

# ଏସସି/ଏସିଟି ଛାତ୍ରଛାତ୍ରୀଙ୍କ ଟିଉସନ୍ ଫି ହଡ଼ପ ଓ ବିଦ୍ୟାଳୟ ପରିଚାଳନା କମିଟି ଗଠନ ଅନିୟମିତତା

ନୂଆଗାଁ, ୨୮।୧୦(ମହାଭାରତ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧୁଷିତ ଅଞ୍ଚଳ ଜାକେଡା ଗ୍ରାମ ପଞ୍ଚାୟତ ଏହା ଏକ ଅନୁନ୍ନତ ଗ୍ରାମ ପଞ୍ଚାୟତ। ଏଠାରେ ଅଧିକାଂଶ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଜନସାଧାରଣ ବସବାସ କରନ୍ତି। ଏଠାରେ ଅଧିକାଂଶ ଲୋକ ଅଶିକ୍ଷିତ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗ କ୍ରମେ ଜାକେଡ଼ା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସିମିଳିସାହି ଠାରେ ଗଠନ ହୋଇଥିଲା ଏହା ଏକ ଆଦିବାସୀ ଅଞ୍ଚଳ ହୋଇଥିବାରୁ ଏହାର ସୁଯୋଗ ନେଇ ଜାକେଡ଼ା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ମିନତୀ କୁମାରୀ ତ୍ରିପାଠୀ ଓ କିରାଣୀ ରବୀନ୍ଦ୍ର କୁମାର ହୋତା ଉଭୟ ସ୍ୱାମୀ, ସ୍ତ୍ରୀ ହୋଇଥିବାରୁ ସରକାରଙ୍କ ନିୟମ ଅନୁସାରେ ବିଦ୍ୟାଳୟରେ ଏକ ସାଧାରଣ ସଭା ଆୟୋଜନ କରି ପରିଚାଳନା କମିଟି ଗଠନ କରିବାର ବ୍ୟବସ୍ଥା ଥିଲା।

କିନ୍ତୁ ଏହାକୁ ଉଲଂଘନ କରି ପୁରୁଣା କମିଟିକୁ ହାତ ବାରିସ୍ ସଜେଇ ସ୍ୱାମୀ ରବୀନ୍ଦ୍ର କୁମାର ହୋତା ଘରକୁ ଘର ବୁଲି ଲୋକଙ୍କ ଠାରୁ ଦସ୍ତଖତ ଆଣି ବିଦ୍ୟାଳୟ ପରିଚାଳନା କମିଟି ଗଠନରେ ଅନିୟମିତତା କରିଛନ୍ତି ଏବଂ ପ୍ରତ୍ୟେକ ବର୍ଷ ଏସି/ଏସଟି ଛାତ୍ରଛାତ୍ରୀ ମାନଙ୍କ ପାଇଁ ସରକାରଙ୍କ ତରଫରୁ ଆସୁଥିବା ଟିଉସନ୍ ଫି ନଦେଇ ନିଜେ ହଡ଼ପ କରିଛନ୍ତି, କିରାଣୀ ନିଯୁକ୍ତିରେ ଜାଲିଆତି ଓ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କ ଠାରୁ ୩୫୦ ରୁ ୫୦୦ ପର୍ଯ୍ୟନ୍ତ ମୋଟା ଅଙ୍କରେ ଅର୍ଥ ଆଦାୟ କରି ଗରୀବ ପିଲାମାନଙ୍କୁ ଶୋଷଣ କରିଆସୁଛନ୍ତି।

ଏନେଇ ଅଭିଭାବକ ଓ ସ୍ଥାନୀୟ ଲୋକ ପ୍ରତିବାଦ କଲେ ପ୍ରଧାନ ଶିକ୍ଷୟତ୍ରୀ ଜଣେ ନାରୀ ହୋଇଥିବାରୁ ମାନହାନି ମିଥ୍ୟା କେସ ଦେଇ ଜେଲକୁ ପଠାଇବା ଦେଉଛନ୍ତି। ଧମକ ତାଙ୍କ ସ୍ୱାମୀ କିରାଣୀ ଭାବେ କାର୍ଯ୍ୟରତ ରବୀନ୍ଦ୍ର କୁମାର ହୋତା ମଧ୍ୟ ସମାନ କଥା କୁହନ୍ତି। ତୁମେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ଶିକ୍ଷା ଅଧିକାରୀ, ନେତା ଠାରୁ ମନ୍ତ୍ରୀ, ବିଧାୟକ ପର୍ଯ୍ୟନ୍ତ ଯେତେ ଗୁହାରି କଲେ ମଧ୍ୟ ଆମର କିଏ କଣ ତାଡ଼ିବ ଆମେ ଦେଖିବୁ ଏଭଳି ସ୍ଥାନୀୟ ଲୋକଙ୍କୁ ଦେଉଛନ୍ତି ଧମକ ଏନେଇ ସ୍ଥାନୀୟ ଅଞ୍ଚଳବାସୀ ଭୟରେ ବିଦ୍ୟାଳୟକୁ ଯାଉନଥିବା କହିଛନ୍ତି। ଏପରିକି ଅଧିକାଂଶ ପିଲାମାନେ ଭୟରେ ବିଦ୍ୟାଳୟକୁ ଯାଉନଥିବା ଶୁଣିବାକୁ ମିଳିଛି ଯେଉଁ ମହ୍ ଉଦ୍ଦେଶ୍ୟ ନେଇ ବିଦ୍ୟାଳୟ ଗଠନ କରାଯାଇଥଲା ତାହାର ସଫଳ ରୂପାୟନ ହୋଇ ପାରୁନଥିବା ଗ୍ରାମବାସୀ କହିଛନ୍ତି। ଯାହାଦ୍ୱାରା ଉଭୟ ସ୍ୱାମୀ, ସ୍ତ୍ରୀ ମିଳିମିଶି ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ବିଦ୍ୟାଳୟରେ ରହି ନିଜର ସାମ୍ରାଜ୍ୟ ବିସ୍ତାର କରି ଚଳାଉଛନ୍ତି ଆତଙ୍କ ରାଜ ଏଭଳି ସୂଚନା ଦେଇଛନ୍ତି। ଖୋଦ୍ ସ୍ଥାନୀୟବାସୀ ଏଭଳି ମନମୁଖୀ କାର୍ଯ୍ୟ କରୁଥିବା ଜାକେଡ଼ା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମିନତୀ କୁମାରୀ ତ୍ରିପାଠୀଙ୍କୁ ତୁରନ୍ତ ଅନ୍ୟତ୍ର ଡେପୁଟେସନ୍ ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀ ନୟାଗଡ଼ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀ ସହିତ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର ଏବଂ ମାନ୍ୟବର ଶିକ୍ଷା ସଚ୍ଚିବ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଭୁବନେଶ୍ୱର ସହ ମାନ୍ୟବର ବିଧାୟକ ଦଶପଲ୍ଲାଙ୍କୁ ଗତ ସେପ୍ଟେମ୍ବର ୬ ତାରିଖ ଠାରୁ ଲିଖିତ ଅଭିଯୋଗ ପତ୍ର ଦେଇଥିଲେ। କିନ୍ତୁ ଜିଲ୍ଲା ପ୍ରଶାସନଙ୍କ ଅପାରଗତା ଯୋଗୁଁ ଆଜି ପର୍ଯ୍ୟନ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କ ପ୍ରତି କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏନେଇ ସ୍ଥାନୀୟ ଆଦିବାସୀ ଲୋକେ ଜିଲ୍ଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକଙ୍କୁ ଦେଢମାସ ରୁ ଉର୍ଦ୍ଧ୍ୱ ମଧ୍ୟରେ ୪ ରୁ ୫ ଥର ଭେଟି ଆଲୋଚନା କରିଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇନଥିଲା। ଯାହାଫଳରେ ସ୍ଥାନୀୟ ଲୋକେ ବିରକ୍ତି ପ୍ରକାଶ କରିଥିଲେ। ପରେ ପ୍ରଧାନ ଶିକ୍ଷୟତ୍ରୀ ମିନତୀ କୁମାରୀ ତ୍ରିପାଠୀ ଙ୍କୁ ତଦନ୍ତ ପରେ ଡେପୁଟେସନ୍ କରାଯିବ ବୋଲି ଡିଇଓ ରାଜଶ୍ରୀ ପଟ୍ଟନାୟକ ସ୍ଥାନୀୟ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

ଏହାପରେ ଡ଼ିଇଓଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ମାସ ୨୩ ତାରିଖରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରୁ ନିରଞ୍ଜନ ଜୟସିଂହ ଓ ନୂଆଗାଁ ବିଇଓ ପ୍ରଶାନ୍ତ କୁମାର ସାହୁ ଏବିଓ ଜ୍ୟୋସ୍ନାରାଣୀ ସେଠୀ ଉକ୍ତ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। କିନ୍ତୁ ତଦନ୍ତ ପରେ ୪ଦିନ ବିତିଯାଇଥିଲେ। ସୁଧା ପ୍ରଧାନ ଶିକ୍ଷୟତ୍ରୀ ଙ୍କ ପ୍ରତି କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ଅସନ୍ତୋଷ ଦେଖା ଦେଇଛି। କିନ୍ତୁ ସ୍ଥାନୀୟ ଲୋକ କହିବା ଅନୁଯାୟୀ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର କିଛି କର୍ମଚାରୀ ଜାକେଡ଼ା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ମିନତୀ କୁମାରୀ ତ୍ରିପାଠୀ ଙ୍କ ଠାରୁ ମୋଟା ଅଙ୍କର ହାତଗୁଞ୍ଜା ନେଇ ଏହାକୁ ଚପେଇ ଦେବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ଯାହାକୁ ନେଇ ବୁଦ୍ଧିଜୀବୀଙ୍କ ମହଲରେ ହଟଚମଟ ସୃଷ୍ଟି କରିଛି। ଦେଖାଯାଉ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଉଚିତ ନ୍ୟାୟ ମିଳୁଛି ନା ,ନାଲି ଫିତା ତଳେ ଚପିହୋଇ ରହୁଛି ତାହା ଦେଖିବାକୁ ବାକି ରହିଛି।

# ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଲେ ହିମାଦ୍ରୀ

ଜୁନାଗଡ଼, ୨୮।୧୦(ମହାଭାରତ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଏନଏସିରେ ସୋମବାର ଦିନ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଉପାଧ୍ୟକ୍ଷ ହିମାଦ୍ରି ନାଏକ ଭାରପ୍ରାପ୍ତ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ନେଲାପରେ ଏନଏସି ପରିସରରେ ଏକ ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ଅଧ୍ୟକ୍ଷଙ୍କ ସହ ଜୁନାଗଡ଼ ବ୍ଲକ ଚେୟାରମ୍ୟାନ ସବିତା ମେହେର, ପୂର୍ବତନ ନଗରପାଳ ବିଜୟଲକ୍ଷ୍ମୀ କନ୍ଦପାନ, ବିସିସିବି ବ୍ୟାଙ୍କ ପରିଚାଳନା ପରିଷଦ ନିର୍ଦ୍ଦେଶୀକା ମନୀଷା ସାହୁ, ବିଜେଡିର କାଉନସିଲର ବୃନ୍ଦ ଉପସ୍ଥିତ ଥିବାବେଳେ ବ୍ଲକ ଭାଇସ ଚେୟାରମ୍ୟାନ ପ୍ରମୋଦ ବେହେରା, ପୂର୍ବତନ ନଗରପାଳ ମହେଶ ସାହୁ, ବିଜେଡି ନେତା ଦିନେଶ ବଗର୍ତ୍ତି, ସତୀଶ ପଧାନ, ଈଶ୍ୱର ପୂଝାରୀ, ସାମ୍ବାଦିକ ସନ୍ତୋଷ ସିଂଦେଓ, ସହରର ଲାଜୀ ଯାଦବ, ଉଦ୍ଧବ ସାହୁ ପ୍ରମୁଖ ଉଦବୋଧନ ଦେଇ ଆଗାମୀ ଦିନରେ ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ବିକାଶ ଦିଗରେ ଆଗେଇ ନେବାପାଇଁ ଆହ୍ୱାନ ଦେଇଥିଲେ। ଏହି ସଭାକୁ ଭିଡିଓ କନଫରେନ୍ସ ଯୋଗେ ସ୍ଥାନୀୟ ବିଧାୟକ ଦିବ୍ୟଶଙ୍କର ମିଶ୍ର ସମ୍ବୋଧିତ କରିଥିଲେ।

## (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

### ସେନାର...

ନିହତ ହୋଇଥିଲେ। ଆତଙ୍କବାଦୀଙ୍କ ମୃତଦେହ ସହିତ ଅସ୍ତ୍ରଶସ୍ତ୍ର ଏବଂ ଗୁଳି ମଧ୍ୟ ଜବତ କରାଯାଇଛି। କୁହାଯାଉଛି ଯେ ଆତଙ୍କବାଦୀମାନେ ପାକିସ୍ତାନ ସହିତ ଅନ୍ତର୍ଜାତୀୟ ସୀମାର ଅଖନୋର ସେକ୍ଟରର କେରି ବଟ୍ଟାଲ ଅଂଚଳରେ ନିର୍ମିତ ଏକ ଶିବ ମନ୍ଦିରରେ ରାତିର ଅନ୍ଧକାରରେ ଆଶ୍ରୟ ନେଇଥିଲେ। ସମସ୍ତ ତିନୋଟି ଆତଙ୍କବାଦୀ ସେନା ୟୁନିଫର୍ମରେ ଥିଲେ ଏବଂ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇଥିଲେ। ବିଶ୍ୱାସ କରାଯାଏ ଯେ ଆତଙ୍କବାଦୀମାନେ ସୀମା ପାର କରି ଭାରତୀୟ ସୀମାରେ ପ୍ରବେଶ କରିଥିଲେ। ସୋମବାର ସକାଳ ପ୍ରାୟ ୩ ଟା ୩୦ ବେଳେ ଗାଁର ତିନିଜଣ ପିଲା ପୂର୍ବପରି ଶିବ ମନ୍ଦିରରେ ପ୍ରଣାମ କରିବା ପରେ ଟ୍ୟୁସନ ଅଧ୍ୟୟନ କରିବାକୁ ଯାଉଥିଲେ, ସେମାନଙ୍କୁ ମନ୍ଦିରରେ ଲୁଚି ରହିଥିବା ଆତଙ୍କବାଦୀମାନେ ଅଟକାଇଥିଲେ।

ଯେତେବେଳେ ଆତଙ୍କବାଦୀମାନେ ପିଲାମାନଙ୍କୁ ଫୋନ୍ ମାଗିଥିଲେ, ପିଲାମାନେ ମନା କରିଦେଇଥିଲେ। ସେ କହିଛନ୍ତି ଯେ ତାଙ୍କ ପାଖରେ ମୋବାଇଲ୍ ଫୋନ୍ ନାହିଁ, ଯେଉଁଥିପାଇଁ ଆତଙ୍କବାଦୀମାନେ ତାଙ୍କୁ ମାଡ଼ ମାରିଥିଲେ। ଏହା ପରେ ବନ୍ଧୁକ ଦେଖାଇ ସେମାନଙ୍କୁ ମନ୍ଦିରରୁ ପଳାଇବାକୁ କହିଥିଲେ। ଏହି ତିନି ଆତଙ୍କବାଦୀଙ୍କୁ ଏକ ଟ୍ୟୁସନ ସେଂଟର ଚଳାଉଥିବା ଜଣେ ମାଷ୍ଟର ମଧ୍ୟ ଦେଖିଥିଲେ। ସେ ଆତଙ୍କବାଦୀଙ୍କୁ ଦେଖି ସେ ଫେରିଯାଇଲେ।

### ଦୁର୍ନୀତିଗ୍ରସ୍ତଙ୍କୁ..

ଆଇନ୍ ବଳରେ ଦେଶକୁ ଆଣି ଜେଲ୍ ପଠାଇବାର ସବୁ ବ୍ୟବସ୍ଥା କେନ୍ଦ୍ର ସରକାର କରିଛନ୍ତି। ମୋଦୀଜୀଙ୍କ ନେତୃତ୍ୱ ଓ ଦିଗଦର୍ଶନରେ ଅନୁପ୍ରାଣିତ ହୋଇ ରାଜ୍ୟ ସରକାର ମଧ୍ୟ ଦୁର୍ନୀତି ବିରୋଧରେ ସଂଗ୍ରାମକୁ ଶାସନର ମୁଖ୍ୟ ଲକ୍ଷ୍ୟ ଭାବେ ଗ୍ରହଣ କରି ଏହା ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିଛନ୍ତି। ଫାଇଭ-ଟିର ଉଦାହରଣ ଦେଇ କଟାକ୍ଷ କରି ମୋହନ କହିଛନ୍ତି, ପୂର୍ବରୁ ତଦନ୍ତକାରୀ ଅଧିକାରୀଙ୍କ ହାତ ବନ୍ଧା ଥିଲା। ଦୁର୍ନୀତି ମାମଲାର ତଦନ୍ତ ହେବାର ବାଧକ ହେଉଥିଲା। ଏବେ ହାତ ଖୋଲି ଦିଆଯାଇଛି। ଦୁର୍ନୀତି ଖୋରଙ୍କ ବିରୋଧରେ ତଦନ୍ତ ହେଉଛି। ଦୁର୍ନୀତିଖୋରଙ୍କୁ କଡା ଚେତାବନୀ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଦୁର୍ନୀତିକୁ କୌଣସିସ୍ତରରେ ବରଦାସ୍ତ କରାଯିବ ନାହିଁ। କର୍କଟ ରୋଗକୁ ଠିକ୍ କରିବାକୁ ହେଲେ ଯେଉଳି ପ୍ରଭାବିତ ସ୍ଥାନକୁ ସର୍ଜରୀ ମାଧ୍ୟମରେ କାଢିବାକୁ ପଡେ ଠିକ୍ ସେହିଭଳି ସଭ୍ୟ ସମାଜରୁ ଦୁର୍ନୀତିଖୋରଙ୍କୁ ବାହାର କରି ଜେଲ୍‌କୁ ପଠାଇବାର ବ୍ୟବସ୍ଥା ରହିଛି। ଆମ ସରକାର ଆସିବାର ୧୪୦ ଦିନ ମଧ୍ୟରେ ୬ ଜଣ ମୁଖ୍ୟଯନ୍ତ୍ରୀଙ୍କ ବିରୋଧରେ ଆୟବର୍ହିଭୁତ ସମ୍ପତ୍ତି ଠୁଳ କରିବା ଅଭିଯୋଗ ମାମଲା ରୁଜୁ କରାଯାଇ ଗିରଫ କରାଯାଇଛି। ସେମାନଙ୍କ ସମ୍ପତ୍ତି ଜବତ କରାଯାଇ ସେମାନଙ୍କୁ କୋର୍ଟ ଚାଲଣ କରାଯାଇଛି। ଏ ସବୁ ଆୟବର୍ହିଭୁତ ସମ୍ପତ୍ତି ସେମାନେ ସାଧାରଣ ଜନତାଙ୍କ ଟଙ୍କାରେ ଠୁଳ କରିଥିଲେ ବିଭିନ୍ନ ଭିତ୍ତିଭୂମି କାମ ସବୁ ନିମ୍ନମାନର ହେଉଥିଲା ସରକାରୀ ଅର୍ଥ ବାଟ ମାରଣା ହେଉଥିଲା କେବଳ ମୁଖ୍ୟ ଯନ୍ତ୍ରୀ ନୁହେଁ ବିଭିନ୍ନ ବର୍ଗର ପ୍ରାୟ ୨୦ ଜଣ ଅଧିକାରୀଙ୍କୁ ଦୁର୍ନୀତି ଅଭିଯୋଗରେ ଗିରଫ କରାଯାଇଛି। ଏବେ ଯାହା ଚାଲିଛି ତାହା କେବଳ ଟ୍ରେଲର, ଆଗକୁ ବହୁତ କିଛି ବାକି ଅଛି। ତାଙ୍କ କଥାକୁ ହେୟଜ୍ଞାନ ନ କରି ପୂରା ଫିଲ୍ମ ଶେଷ ଯାଏ ଅପେକ୍ଷା କରିବାକୁ ବି କହିଛନ୍ତି ମୁଖ୍ୟମନ୍ତ୍ରୀ।

ସେକାଳ ପଖାଳ ଆଉ ନାହିଁ। ଦୁର୍ନୀତି ଆଜି ଦୁର୍ନୀତିଖୋରଙ୍କ ପାଇଁ ଇତିହାସ ହୋଇ ସାରିଛି। ଦୁର୍ନୀତି ବିରୋଧରେ ଲଢେଇ କେବଳ ଲୋକସେବା ଭବନ ଅଥବା ରାଜଧାନୀ ଭୁବନେଶ୍ୱରରେ ସୀମିତ ନରହି ତୃଣମୂଳ ପର୍ଯ୍ୟନ୍ତ ନେବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଆଜି ଜିଲ୍ଲା ସ୍ତରରେ ହେଉଥିବା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ମାନଙ୍କୁ କ୍ଷମତାପନ୍ନ କରାଯାଇଛି। ଜିଲ୍ଲା ସ୍ତରରେ ହେଉଥିବା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନଙ୍କ ହାତ ଖୋଲା ରଖା ଯାଇଛି। ଦୁର୍ନୀତି ବିରୋଧରେ ଲଢେଇ କରିବା ପାଇଁ ଆମ ସରକାର ଉଭୟ ଟପ ଡାଉନ ଓ ବଟମ ଅପ୍ ଆଭିମୁଖ୍ୟ କାର୍ଯ୍ୟକାରୀ କରିଛନ୍ତି। ଦୁର୍ନୀତି ବିରୋଧରେ କେବଳ ଗୋଟିଏ ଦୁଇଟି କିମ୍ବା ଅଳ୍ପ କିଛି ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଯଥେଷ୍ଟ ନୁହେଁ ଏହି ଅଭିଯାନ ଦୀର୍ଘସ୍ଥାୟୀ ଭାବେ ଚାଲିବା ଦରକାର ତାହେଲେ ଯାଇ ଦୁର୍ନୀତିଖୋରଙ୍କ ନିଦ ହଜି ଯିବ ଏବଂ ସେମାନଙ୍କ ମନରେ ଦୁର୍ନୀତି ପାଇଁ ଜେଲ୍‌ର ଭୟ ରହିବ। ତାହେଲେ ଦୁର୍ନୀତିଖୋରଙ୍କ ପାଇଁ ଏହା ଏକ ହେବ ଆମ ସରକାର ଦୁର୍ନୀତିର ସମ୍ଭାବନାକୁ ହ୍ରାସ କରିବା ପାଇଁ ସବୁସ୍ତରରେ ଆବଶ୍ୟକ ପଦକ୍ଷପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ ପୁଣି କହିଥିଲେ ଯେ ଦୁର୍ନୀତିର ଚେର ଆଜି ରାଜ୍ୟରେ ମଜଭୁତ ହେଇଯାଇଛି। ଏହାକୁ ଗୋଟିଏ ଦିନ ବା ମାସ ବା ବର୍ଷରେ ବନ୍ଦ କରିହେବ ନାହିଁ। ଏଥିପାଇଁ ନିରନ୍ତର ସଂଗ୍ରାମ ଚାଲିବା ଦରକାର ଉପସ୍ଥିତ ଅଧିକାରୀମାନଙ୍କୁ ଉଦାହାରଣ ଦେଇ କହିଥିଲେ ଯେ ଆମେ ଯଦି ସାଧୁତାର ସହ କର୍ତ୍ତବ୍ୟ ପାଳନ କରୁଥିବା ତେବେ ଆମେ ମଧ୍ୟ ଅନ୍ୟ ପାଇଁ ଉଦାହାରଣ ହେବା, ପ୍ରଶଂସନୀୟ ହେବା ବାତ୍ୟା ଦାନା ସମୟରେ ନିଜ କର୍ତ୍ତବ୍ୟକୁ ସଠିକ୍ ଭାବେ ପାଳନ କରିଥିବା ରାଜନଗରର ଆଶା କର୍ମୀ ଶିବାନୀ ମଣ୍ଡଳ ହେଉଛନ୍ତି ତାର ଜ୍ୱଳନ୍ତ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଗାମୀ ୨୦୨୯ ମସିହା ମଧ୍ୟରେ ଭାରତ ବର୍ଷର ୫ଟି ସମୃଦ୍ଧ ରାଜ୍ୟ ମଧ୍ୟରେ ଓଡିଶାକୁ ସ୍ଥାନିତ କରିବା ଲକ୍ଷ୍ୟରେ ଆମେ ଆଗକୁ ବଢୁଛୁ। ଏହା ସମ୍ଭବ ହେବ ଆପଣ ସମସ୍ତଙ୍କ ସହଯୋଗରେ ଅତୀତର ସମୃଦ୍ଧ ଓଡିଶାକୁ ସ୍ମରଣ କରି ୨୦୩୬ରେ ବିକଶିତ ଓଡିଶା ଗଠନ ପାଇଁ ଆମକୁ ଆଗକୁ ବଢିବାକୁ ପଡିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରେଷ୍ଠ ଦୁର୍ନୀତି ନିବାରଣ ଡିଭିଜନ୍ ଭାବେ କୋରାପୁଟ ଡିଭିଜନକୁ, ଶ୍ରେଷ୍ଠ ୟୁନିଟ୍ ଭାବେ ବଲାଙ୍ଗିର ଡିଭିଜନକୁ, ଶ୍ରେଷ୍ଠ ତଦନ୍ତକାରୀ ଅଫିସର ଭାବେ ବାଲେଶ୍ୱର ଡିଭିଜନର ଡିଏସ୍‌ପି ଦୁଷ୍ମନ୍ତ କୁମାର ନାୟକ, ଶ୍ରେଷ୍ଠ ମହିଳା ତଦନ୍ତକାରୀ ଅଫିସର ଭାବେ ବ୍ରହ୍ମପୁର ଡିଭିଜନର ଶ୍ରୀମତୀ ସବିତାଞ୍ଜଳି ନାୟକ ଏବଂ ଶ୍ରେଷ୍ଠ ପବ୍ଲିକ ପ୍ରୋସିକ୍ୟୁଟର ଭାବେ ଭୁବନେଶ୍ୱରର ହେମନ୍ତ କୁମାର ସ୍ୱାଇଁ ଙ୍କୁ ପୁରସ୍କୃତ କରିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗଦେଇ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ ରହିଛି ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ ଦୁର୍ନୀତି ରୋକିବା ପାଇଁ ଆମକୁ ସରକାରୀ ସିଷ୍ଟମରେ ପରିବର୍ତ୍ତନ ଆଣିବା ଦରକାର ସବୁଥିରେ ସ୍ୱଚ୍ଛତା ରହିବା ଦରକାର ଏବଂ ନାଗରିକ ମାନଙ୍କୁ ସରକାରୀ ସିଷ୍ଟମ ସହ ଯୋଡିବା ଦରକାର ତାହେଲେ ଯାଇ ଦୁର୍ନୀତି କମିବ ଆଗାମୀ ଦିନରେ ଗୁଡ୍ ଗଭର୍ଣ୍ଣାନ୍ସ ଓ ଦୁର୍ନୀତି ମୁକ୍ତ ସରକାରର ୨୦୩୬ ବିକଶିତ ଓଡିଶା ଗଠନରେ ବହୁ ଅବଦାନ ରହିବ ବୋଲି ସେ କହିଥିଲେ ।

ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ନିର୍ଦ୍ଦେଶକ ଯଶୋବନ୍ତ କୁମାର ଜେଠା ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ଆଜିର ଏହି ଦୁର୍ନୀତି ବିରୋଧରେ ଶପଥ ପାଠର ଗୁଞ୍ଜରଣ ଗର୍ଜନରେ ପରିଣତ ହେବ କାରଣ ଏଥିରେ ପ୍ରତ୍ୟେକକ ଜିଲ୍ଲା ଓ ବ୍ଲକ କାର୍ଯ୍ୟାଳୟରୁ ସମସ୍ତେ ଯୋଡି ହୋଇଛନ୍ତି ଚଳିତ ବର୍ଷ ସ୍ୱୟ ନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି ବିଷୟ ବସ୍ତୁ ଉପରେ ଅକ୍ଟୋବର ୨୮ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି ରାଜ୍ୟର ସ୍ଥାୟୀ ବିକାଶକୁ ସୁନିଶ୍ଚିତ କରିବା ଓ ଗରିବ ଲୋକଙ୍କ ମୁହଁରେ ହସ ଆଣିବା ପାଇଁ ଦୁର୍ନୀତି ବିରୋଧରେ ନିରନ୍ତର ଲଢେଇର ଆବଶ୍ୟକତା ରହିଛି ଏହି ଲଢେଇ କେବଳ ଓଡିଶା ଭିଜିଲାନ୍ସ ବିଭାଗର ନୁହେଁ ଏହା ଆମ ସମସ୍ତଙ୍କର ଲଢେଇ।

ଦୁର୍ନୀତି ନିବାରଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଅସୀତ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀ, ଆଭାସୀ ମାଧ୍ୟମ ରେ ସମସ୍ତ ଜିଲାପାଳ, ବରିଷ୍ଠ ପୋଲିସ ଅଧିକାରୀ, ଭିଜିଲାନ୍ସ ଅଧିକାରୀ, ପୂର୍ବତନ ବରିଷ୍ଠ ଅଧିକାରୀ, ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ।।

### ଗୁଜରାଟରେ...

ସୁବିଧା ରହିଛି। ବଡ଼ ବଡ଼ ମିଶନ ପାଇଁ ଏହି ଯୁଦ୍ଧବିମାନର ଡିଜାଇନ୍ କରାଯାଇଛି। ଏହି ବିମାନରେ ୯ ଟନ୍ ଲଗେଜ୍ ସହ ୭୧ ଜଣ ସୈନିକ ଯାଇପାରିବେ। ଏଥିରେ ସି-୨୯୫ ଯୁଦ୍ଧ ବିମାନରେ ଦୁଇଟି ଟର୍ବୋପ୍ରପ୍ ଇଞ୍ଜିନ ରହିବ। ୩୦ ହଜାର ଫୁଟ ଉଚ୍ଚତା ପର୍ଯ୍ୟନ୍ତ ଘଣ୍ଟା ପ୍ରତି ୪୮୨ କିଲୋମିଟର କ୍ରୁଜ୍ ବେଗରେ ଉଡ଼ି ପାରିବ। ଏଥିସହ ପ୍ରତିକୂଳ ପାଣିପାଗରେ ମଧ୍ୟ ଉଡ଼ିପାରିବ ସି-୨୯୫। ଏହା ମାଧ୍ୟମରେ ଏୟାର-ଟୁ-ଏୟାର ଫ୍ୟୁଏଲ ରିଫିଲିଂ କରାଯାଇପାରିବ। ଏୟାରବସ୍ ସି-୨୯୫ ପୂର୍ବରୁ ସିଏଏସଏ ସି-୨୯୫ ଭାବରେ ଜଣାଶୁଣା ଥିଲା। ଏହି ଯୁଦ୍ଧ ବିମାନ ୯୦ ଦଶକରେ ବିକଶିତ ହୋଇଥିଲା। ନଭେମ୍ବର ୧୯୯୭ରେ ପ୍ରଥମ ଉଡ଼ାଣ ଭରିଥିଲା ସି-୨୯୫। ୧୯୯୯ରେ ସ୍ପେନର ବାୟୁସେନା ପ୍ରଥମ କରି ସି-୨୯୫ ଯୁଦ୍ଧ ବିମାନ କିଣିଥିଲା। ଏହାପରେ ଇଜିପ୍ଟ, ପୋଲାଣ୍ଡ ଏବଂ ଭାରତ ଆଦି ଦେଶ ଏହି ଯୁଦ୍ଧବିମାନ କିଣିଥିଲେ। ବର୍ତ୍ତମାନ ଭାରତ ଏହି ଯୁଦ୍ଧ ବିମାନ ନିର୍ମାଣ କରିବ। ଚଳିତ ବର୍ଷରୁ ଯୁଦ୍ଧ ବିମାନ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପ୍ରଥମ ଯୁଦ୍ଧ ବିମାନ ନିର୍ମାଣ କାର୍ଯ୍ୟ ୨୦୨୬ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ୨୦୩୧ ମଧ୍ୟରେ ୪୦ଟି ସି-୨୯୫ ଯୁଦ୍ଧ ବିମାନ ନିର୍ମାଣ କରିବ ଭାରତ।

### ଆଜିଠୁ...

ଏହାଦ୍ୱାରା ସାଢେ ୩ କୋଟି ଲୋକ ଉପକୃତ ହେବେ। ଆଗରୁ ବିଏସ୍‌କେୱାଇ କାର୍ଡରେ ମାତ୍ର ୯୫୦ ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳୁଥିଲା। କିନ୍ତୁ ନୂଆ କାର୍ଡରେ ସାରା ଦେଶର ୨୭ ହଜାର ହସ୍ପିଟାଲରେ ସ୍ୱାସ୍ଥ୍ୟ ବୀମା ପାଇ ପାରିବେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ଖୋର୍ଦ୍ଧାରେ ଯୋଗ ଓ ପ୍ରାକୃତିକ ଚିକିତ୍ସା ଲାଗି କେନ୍ଦ୍ରୀୟ ଅନୁସନ୍ଧାନ ପ୍ରତିଷ୍ଠାନର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ପ୍ରଧାନମନ୍ତ୍ରୀ। ଏହାସହ ଭୁବନେଶ୍ୱର ଗୋଠପାଟଣାରେ ସେଣ୍ଟ୍ରାଲ ଡ୍ରଗ୍ସ ଟେଷ୍ଟିଂ ଲାବ୍ରୋଟାରୀ ଓ ବରଗଡ଼ ମୁଖ୍ୟ ଚିକିତ୍ସାଳୟରେ କ୍ରିଟିକାଲ୍ କେୟାର ସେଣ୍ଟରର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ।

### ବାଲେଶ୍ୱରରେ...

ଏହି ବୈଠକରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଶାସକ ଦଳର ଉପମୁଖ୍ୟ ସଚେତକ ତଥା ବିଧାୟକ, ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବସ୍ତା ବିଧାୟିକା ସୁବାସିନୀ ଜେନା, ସୋର ବିଧାୟକ ମାଧବ ଧଡ଼ା, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଉପସ୍ଥିତ ଥିଲେ। ଏଥିସହିତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଆରକ୍ଷୀ ମହା ନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ଉପ-ମହାନିରୀକ୍ଷକ (ପୂର୍ବାଞ୍ଚଳ ଜୋନ) ଡ଼. ସତ୍ୟଜିତ ନାୟକ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ପିଏକ୍ସଇ ନିର୍ଦ୍ଦେଶକ ସୁବୋଧ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଫିଲିପାଇନ୍ସରେ ତାଣ୍ଡବ ରଚିଲା ଘୂର୍ଣ୍ଣିଝଡ଼ ଟ୍ରାମି

**ନୂଆଦିଲ୍ଲୀ,୨୮।୧୦(ଏଜେନ୍ସି):**ଫିଲିପାଇନ୍ସରେ ତାଣ୍ଡବ ରଚିଲା ଘୂର୍ଣ୍ଣିଝଡ଼ ଟ୍ରାମି। ପ୍ରବଳ ବର୍ଷା ସହ ପବନ ହୋଇଛି । ଘୂର୍ଣ୍ଣିଝଡ଼ ପରେ ଏଠି ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛିଯ ଏଥିରେ ୧୩୬ ଜଣଙ୍କ ମୃତ୍ୟୁ ହୋଇଛି । ସେହିପରି ୪୦ ଜଣ ନିଖୋଜ ଅଛନ୍ତି । କେବଳ ସେତିକି ନୁହେଁ ଭୂସ୍ଖଳନ ମଧ୍ୟ ହୋଇଛି। ଏଥିଯୋଗୁ ଅନେକ ଘର କ୍ଷତିଗ୍ରସ୍ତ ହୋଇଛି।ଫିଲିପାଇନ୍ସର ରାଷ୍ଟ୍ରପତି ଶନିବାର କହିଛନ୍ତି ଯେ ପ୍ରାକୃତିକ ବିପର୍ଯ୍ୟୟ ହେତୁ ଅନେକ ଅଞ୍ଚଳ ପହଞ୍ଚିବା କଷ୍ଟକର ହୋଇପଡିଛି।ଯେଉଁଥିପାଇଁ ଲୋକମାନେ ସେଠାରେ ଅଟକି ରହିଛନ୍ତି । ଶୁକ୍ରବାର ଉତ୍ତର-ପଶ୍ଚିମ ଦିଗରୁ ଟାଇଫୁନ୍ 'ଟ୍ରାମି' ଫିଲିପାଇନ୍ସରେ ମାଡ଼ ହୋଇଥିଲା । ଫଳରେ ପୂରା ଅଞ୍ଚଳରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । ଘୂର୍ଣ୍ଣିଝଡ଼ ଯୋଗୁ ପ୍ରାୟ ୪୨ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ସେହିପରି ଘୂର୍ଣ୍ଣିଝଡ଼ ଯୋଗୁ ୫ ଲକ୍ଷ ଲୋକ ସହର ଛାଡି ପଳାୟନ କରିଛନ୍ତି । ସେମାନେ ଭିନ୍ନ ଭିନ୍ନ ଅଞ୍ଚଳରେ ଶରଣ ନେଇଛନ୍ତି । ନିଖୋଜ ଲୋକଙ୍କ ସନ୍ଧାନ ଜାରି ରହିଛି। ପୁଲିସ, ଅଗ୍ନିଶମ ବାହିନୀ ଏବଂ ସେନା କର୍ମଚାରୀମାନେ ସନ୍ଧାନୀ କୁକୁରଙ୍କ ସାହାଯ୍ୟରେ ଭୂସ୍ଖଳନର ଆବର୍ଜନା ତଳେ ପୋତି ହୋଇଥିବା ଲୋକଙ୍କୁ ଖୋଜାଖୋଜି ଜାରି ରଖିଥିବା ଦେଶର ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ କହିଛନ୍ତି । ଟାଇଫୁନ୍ ଟ୍ରାମି ଚଳିତ ବର୍ଷ ଦକ୍ଷିଣ ପୂର୍ବ ଏସୀୟ ଦ୍ୱୀପପୁଞ୍ଜରେ ମାଡ଼ ହୋଇଥିବା ସବୁଠାରୁ ଘାତକ ତଥା ବିନାଶକାରୀ ଝଡ଼ ମଧ୍ୟରୁ ଗୋଟିଏ । ଟ୍ରାମି ଯୋଗୁ ପ୍ରବଳ ସହ ପବନ ବ୍ୟାପକ କ୍ଷୟକ୍ଷତି ଘଟାଇଛି । ଏଥିସହ ତୁହାକୁ ତୁହା ବର୍ଷା ମାଡ଼ ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏବେବି ଅନେକ ଲୋକ ପାଣି ଘେରରେ ଅଛନ୍ତି । ସେମାନଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।



# ହସପିଟାଲରୁ ଧରାହେଲେ ୧୦୦ ହମାସ ଆତଙ୍କୀ

**ଗାଜା,୨୮।୧୦(ଏଜେନ୍ସି):** ହମାସ ବିରୋଧରେ ଯୁଦ୍ଧ ଲଢୁଥିବା ଇସ୍ରାଏଲ ସେନାକୁ ବଡ଼ ସଫଳତା ମିଳିଛି । ଉତ୍ତର ଗାଜାର କମଲ ଅଦୱାନ ହସ୍ପିଟାଲରେ ଚଢ଼ାଉ କରି ଇସ୍ରାଏଲ ସେନା ପ୍ରାୟ ୧୦୦ ସନ୍ଦିଗ୍ଧ ହମାସ ଆତଙ୍କବାଦୀଙ୍କୁ ଗିରଫ କରିଛି । ଏ ସଂପର୍କରେ ଇସ୍ରାଏଲ ସୁରକ୍ଷା ବାହିନୀ ସୋମବାର ସୂଚନା ଦେଇଛି । ଅନ୍ୟପକ୍ଷରେ ଗାଜାର ସ୍ୱାସ୍ଥ୍ୟ ଅଧିକାରୀ ଏବଂ ହାମାସ ଡାକ୍ତରଖାନାରେ କୌଣସି ଆତଙ୍କବାଦୀଙ୍କ ଉପସ୍ଥିତିକୁ ଅସ୍ୱୀକାର କରିଛନ୍ତି । ଗତ ସପ୍ତାହରେ ଶୁକ୍ରବାର ଇସ୍ରାଏଲ ସେନା ଏହି ହସ୍ପିଟାଲରେ ଆକ୍ରମଣ କରିଥିଲା । ଇସ୍ରାଏଲ ସେନା କହିଛି ଯେ ସୈନିକମାନେ କମ୍ପାଉଣ୍ଡରୁ ପ୍ରାୟ ୧୦୦ ଜଣ ଆତଙ୍କବାଦୀଙ୍କୁ ଧରିଥିଲେ, ଯେଉଁମାନେ ସାଧାରଣ ନାଗରିକଙ୍କୁ ସ୍ଥାନାନ୍ତର କରିବା ସମୟରେ ଖସିଯିବାକୁ ଚେଷ୍ଟା କରିଥିଲେ। ହସ୍ପିଟାଲ ଭିତରେ ଅସ୍ତ୍ରଶସ୍ତ୍ର, ଆତଙ୍କୀ ପାଣ୍ଠି ଓ ଗୁଇନ୍ଦା କାଗଜପତ୍ର ମିଳିଛିଯ ଅନ୍ୟପକ୍ଷରେ ଗାଜାରେ ଥିବା ପାଲେଷ୍ଟାଇନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ହାମାସ ଓ ଇସ୍ରାଏଲ ମଧ୍ୟରେ ବର୍ଷ ବର୍ଷ ଧରି ଚାଲିଥିବା ଯୁଦ୍ଧରେ ୪୩,୦୦୦ ପାଲେଷ୍ଟାଇନ ନିହତ ହୋଇସାରିଲେଣି ।

# ୨୦୨୫ରେ ହେବ ଜନଗଣନା !

**ନୂଆଦିଲ୍ଲୀ,୨୮।୧୦(ଏଜେନ୍ସି):** ୨୦୨୫ରେ ହେବ ଜନଗଣନା । ଜନଗଣନା ଶେଷ ହେବା ପରେ ଆରମ୍ଭ ହେବ ଲୋକସଭା ଆସନର ସୀମା ପୁନଃ ନିର୍ଦ୍ଧାରଣ । ୨୦୨୮ ସୁଦ୍ଧା ସମାପ୍ତ ହେବ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟା । ସାର୍ବଜନୀନ ହୋଇନି ଜନଗଣନା ପ୍ରକ୍ରିୟାର ବିବରଣୀ। ୨୦୨୬ ପର୍ଯ୍ୟନ୍ତ ଚାଲିବ ଏହି ଜନଗଣନା । ଦୀର୍ଘ ୪ ବର୍ଷ ପରେ ଦେଶରେ ୨୦୨୫ରୁ ଆରମ୍ଭ ହୋଇପାରେ ଜନଗଣନା ସର୍ଭେ । ଭାରତର ଜନଗଣନାକୁ ନେଇ ଆସିଛି ଏକ ବଡ଼ ଖବର । ରିପୋର୍ଟ ଅନୁସାରେ, ଜନଗଣନା ସର୍ଭେ ୨୦୨୫ ମସିହାରେ ଆରମ୍ଭ ହୋଇ ୨୦୨୬ ପର୍ଯ୍ୟନ୍ତ ଜାରି ରହିବ । ତେବେ ଏନେଇ ଜନଗଣନା ପ୍ରକ୍ରିୟାର ବିବରଣୀ ଏପର୍ଯ୍ୟନ୍ତ ସାର୍ବଜନୀନ ହୋଇନାହିଁ । ତେବେ ୨୦୨୧ ମସିହାରେ ଜନଗଣନା ଆରମ୍ଭ ହେବାର ଥିଲା । କିନ୍ତୁ, କରୋନା ମହାମାରୀ ବାଧକ ସାଜିଥିଲା । ତେଣୁ ୨୦୨୧ ମସିହାରେ ଭାରତ ଜନଗଣନା ସର୍ଭେ କରି ନଥିଲା । ଜନଗଣନା ପରେ ଲୋକସଭା ସିଟ୍ ପାଇଁ ସୀମା ନିର୍ଦ୍ଧାରଣ କରାଯିବ । ଏହି ପ୍ରକ୍ରିୟା ୨୦୨୮ ପର୍ଯ୍ୟନ୍ତ ଜାରି ରହିପାରେ ଯ ଜନଗଣନା ପାଇଁ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଜାରି ରହିଥିବା ସୂଚନା । ଏବେ ୨୦୨୫ରେ ଜନଗଣନା ହେଲେ ପରବର୍ତ୍ତୀ ଜନଗଣନା ପ୍ରତି ୧୦ ବର୍ଷରେ ଅର୍ଥାତ୍ ୨୦୩୫, ୨୦୪୫ ଓ ୨୦୫୫- ଏହି କ୍ରମରେ ହେବ । ଜନଗଣନାରେ ସାଧାରଣତଃ ଧର୍ମ ଏବଂ ଶ୍ରେଣୀ ପଚରାଯାଏ । ସାଧାରଣ, ଅନୁସୂଚିତ ଜାତି ଏବଂ ଜନଜାତି ଗଣନା କରାଯାଏ ।



# ବିଧାନସଭା ନିର୍ବାଚନ ପାଇଁ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟିର ତୃତୀୟ ପର୍ଯ୍ୟାୟ ତାଲିକା ଘୋଷଣା

**ନୂଆଦିଲ୍ଲୀ,୨୮/୧୦ (ଏଜେନ୍ସି) :** ବିଧାନସଭା ନିର୍ବାଚନ ପାଇଁ ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା। ଅଜିତ ପାୱାରଙ୍କ ନେତୃତ୍ୱାଧୀନ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି ତାଲିକା ଘୋଷଣା କରିଛି। ତେବେ ଆଜି ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଚାରି ଜଣଙ୍କୁ ମିଳିଛି ଟିକେଟ୍।

ଆଜି ଟିକେଟ୍ ମିଳିଥିବା ପ୍ରାର୍ଥୀଙ୍କ ମଧ୍ୟରେ, ବିଜୟ ସିଂ ପଣ୍ଡିତଙ୍କୁ ଗେଭରାଇରୁ ଟିକେଟ୍ ମିଳିଛି। ସେହିପରି ଫାଲଟନରୁ ସଚିନ ସୁଧାକର ପାଟିଲ, ନିଫାଦରୁ ଦିଲୀପ ବଙ୍କର ଏବଂ ପାର୍ନରରୁ କାଶୀନାଥ ଦତେ ପ୍ରାର୍ଥୀ ହୋଇଛନ୍ତି। ଅଜିତ ପାୱାର ନେତୃତ୍ୱାଧୀନ ଏନସିପିର ରାଜ୍ୟ ସଭାପତି ସୁନୀଲ ଟାଟକେର୍ ଆଜି ଏହି ଘୋଷଣା କରିଛନ୍ତି। ଦଳର ପ୍ରଥମ ଏବଂ ଦ୍ୱିତୀୟ ତାଲିକା ଯଥାକ୍ରମେ ଅକ୍ଟୋବର ୨୩ ଏବଂ ୨୫ରେ ପ୍ରକାଶ ପାଇଥିଲା। ଉପ-ମୁଖ୍ୟମନ୍ତ୍ରୀ ତଥା ଏନସିପି ମୁଖ୍ୟ ଅଜିତ ପାୱାର ବାରାମତୀରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ଏଠାରେ ପାୱାର ବନାମ ପାୱାରଙ୍କ ଏକ କଡ଼ା ଟକ୍କର ଦେଖିବାକୁ ମିଳିବ। କାରଣ ତାଙ୍କ ବିରୁଦ୍ଧରେ ପୁତୁରା ଯୁଗେନ୍ଦ୍ର ପାୱାର ଫାଇଟ୍ କରିବେ। ଶରଦ ପାୱାରଙ୍କ ଏନସିପି ଯୁଗେନ୍ଦ୍ରଙ୍କୁ ବାରାମତୀରୁ ପ୍ରାର୍ଥୀ କରିଛି। ମହାରାଷ୍ଟ୍ରର ସମସ୍ତ ୨୮୮ ଆସନରେ ଆସନ୍ତା ୨୦ ତାରିଖରେ ଭୋଟ ହେବ। ୨୩ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ।



# ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇକୁ ହତ୍ୟା ଧମକ

**ନୂଆଦିଲ୍ଲୀ, ୨୮।୧୦ :** ଏନସିପିର ବରିଷ୍ଠ ନେତା ବାବା ସିଦ୍ଦିକିଙ୍କର ହତ୍ୟା ମାମଲା ପରେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ପୁଣି ଥରେ ଚର୍ଚ୍ଚାକୁ ଆସିଛି। ଗୁଜରାଟର ଜେଲ୍ରେ ବନ୍ଦୀ ଥିବା ଲରେନ୍ସ ବଲିଉଡ୍ ଅଭିନେତା ସଲମାନ ଖାନଙ୍କୁ ମଧ୍ୟ ଜୀବନରେ ମାରିବାର ଖୋଲା ଧମକ ଦେଇ ସାରିଛିଯ ଏବେ ଜଣେ ଯୁବକ ସଲମାନଙ୍କ ସପୋର୍ଟ କରି ଲରେନ୍ସ ବିଷ୍ଣୋଇକୁ ଧମକ ଦେଇଛି।

ସେ ଭିଡ଼ିଓରେ କହିଛନ୍ତି , ଶୁଣ ଲରେନ୍ସ ବିଷ୍ଣୋଇ , ସଲମାନ ଖାନଙ୍କ କିଛି ଯଦି ହୁଏ ତ ଠିକ୍ ହେବ ନାହିଁ , ତୋର ହତ୍ୟା ଜେଲରେ ହିଁ ହେବ। ଏହି ଭିଡ଼ିଓ ସୋସିଆଲ ମିଡ଼ିଆରେ ଖୁବ୍ ଜୋରରେ ଭାଇରାଲ ହେଉଛି।

ଲରେନ୍ସକୁ ଖୋଲାଖୋଲି ଧମକ ଦେଇଥିବା ଯୁବକଙ୍କ ବିଷୟରେ କୁହାଯାଉଛି କି, ସେ ୟୁପିର ରାଏବରେଲିର ବାସିନ୍ଦା। ହେଲେ କାମ ମୁମ୍ବାଇରେ କରନ୍ତି। ସେଠାରୁ ସେ ଧମକପୂର୍ଣ୍ଣ ବାର୍ତ୍ତା ଲରେନ୍ସ ବିଷ୍ଣୋଇକୁ ଦେଇଛନ୍ତି। ଭିଡ଼ିଓରେ ଯୁବକ କହୁଛନ୍ତି , ଶୁଣ୍ ଲରେନ୍ସ ବିଷ୍ଣୋଇ , ଦୁଇ ହଜାର ସୁଟର ତୋର ପ୍ରସ୍ତୁତ ତ ୫ ହଜାର ସୁଟର ମୁଁ ମଧ ମୁମ୍ୱାଇରୁ ପଠାଇଛି। ତୋର ଓ ତୋ ସୁଟରଙ୍କୁ ନେଇ ଚିନ୍ତା ନାହିଁ। ୫ହଜାର ସୁଟର ଇମରାନ ଭାଇ ମଧ୍ୟ ଲଗେଇ ଦେଇଛି। ତୋର ତ ଜେଲରେ ହିଁ ହତ୍ୟା ହେବ। ସଲମାନ ଭାଇଙ୍କର ଯଦି କିଛି ହୁଏ ତ କିଛି ଭଲ ହେବ ନାହିଁ। ତୁ ବଞ୍ଚିବୁ ନାହିଁ ଲରେନ୍ସ, ମୁଁ ଡବଲ ସୁଟର ଲଗେଇ ଦେବି। ମୋ ପାଖରେ ପାଖାପାଖି ୨୦ ହଜାର ସୁଟର ଅଛନ୍ତି। ସେପଟେ କୁହାଯାଉଛି ଯେ, ସଂପୃକ୍ତ ଯୁବକଙ୍କର ତଲାସ ଆରମ୍ଭ ହୋଇ ଯାଇଛି ଏବଂ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପ୍ରସ୍ତୁତ ହେଉଛି।

ସୋସିଆଲ ମିଡ଼ିଆରେ ଏହି ଭିଡ଼ିଓ ଭାଇରାଲ ହେଉଛି। ଲୋକେ ବିଭିନ୍ନ ପ୍ରକାରର ପ୍ରତିକ୍ରିୟା ଦେଉଛନ୍ତି। କିଛି ୟୁଜର ବ୍ୟକ୍ତିଙ୍କ ଗିରଫ ପାଇଁ ଦାବି କରୁଥିବା ବେଳେ , ଆଉ କିଛି ଯୁବକ ମଜା ନେଉଛନ୍ତି।

କହି ରଖୁଛୁ କି ,ଲରେନ୍ସ ବିଷ୍ଣୋଇ ପଞ୍ଜାବର ବାସିନ୍ଦା ଏବଂ ଗତ ୧୦ ବର୍ଷ ହେବ ବିଭିନ୍ନ ଜେଲରେ ବନ୍ଦୀ ଜୀବନ କାଟୁଛି। ତା ଉପରେ ପଞ୍ଜାବୀ ସିଙ୍ଗର ସିଦ୍ଧୁ ମୁସେୱାଲାଙ୍କର ହତ୍ୟାର ମଧ୍ୟ ଅଭିଯୋଗ ଲାଗି ସାରିଛି , କଳା ହରିଣ ଶିକାର ମାମଲାରେ ସଲମାନ ଖାନଙ୍କୁ ଜୀବନରେ ମାରିବାର ଧମକ ଦେଇ ସାରିଛି। ଲରେନ୍ସ ସଲମାନଙ୍କୁ ବିଷ୍ଣୋଇ ସମାଜର ମନ୍ଦିରରେ ଯାଇ କ୍ଷମା ମାଗିବାକୁ କହିଛି। କିଛି ଦିନ ପୂର୍ବେ ଲରେନ୍ସ ନିଜର ଗ୍ୟାଙ୍ଗ ଦ୍ୱାରା ସଲମାନଙ୍କ ଘର ବାହାରେ ଫାୟାରିଂ ମଧ୍ୟ କରାଇଛି, ଏହାପରେ ଅଭିନେତାଙ୍କର ସୁରକ୍ଷାକୁ ଆହୁରି କଡ଼ାକଡ଼ି କରାଯାଇଛି।



# ରାଜନୀତିରେ ତ୍ୟାଗର ସ୍ଥାନ ନାହିଁ : ଅଖିଳେଶ

**ମୁମ୍ବାଇ,୨୮।୧୦ :** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ରାଜ୍ୟର ସବୁ ଦଳ ପ୍ରାର୍ଥୀ ଘୋଷଣା କରୁଛନ୍ତି। ଏହି ସମୟରେ ସମାଜବାଦି ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ରାଜ୍ୟରେ ଆସନ ବଣ୍ଟନରେ ଖୁସି ମନେ ହେଉନାହାଁନ୍ତି। ଏପରିକି ସେ ମହାବିକାଶ ଅଘାଡିକୁ (ଏମଭିଏ) କୁ ମଧ୍ୟ ଚେତାବନୀ ଦେଇଛନ୍ତି। ଅଖିଲେ କହିଛନ୍ତି ଯେ ରାଜନୀତିରେ ବଳିଦାନର ସ୍ଥାନ ନାହିଁ।

ସମାଜବାଦୀ ପାର୍ଟିର ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି, ମହାରାଷ୍ଟ୍ରରେ ଆସନ ବଣ୍ଟନକୁ ନେଇ ସମାଜବାଦୀ ପାର୍ଟିର ପ୍ରଦେଶ ଅଧ୍ୟକ୍ଷ ନିଷ୍ପତ୍ତି ନେବେ, ପ୍ରଥମେ ଆମେ ମେଣ୍ଟରେ ରହିବାକୁ ଚେଷ୍ଟା କରିବୁ। କିନ୍ତୁ ଯଦି ସେମାନେ (ମହା ବିକାଶ ଅଘାଡି) ଆମକୁ ମେଣ୍ଟରେ ରଖିବେ ନାହିଁ, ତେବେ ଆମେ ସେହି ଆସନରେ ନିର୍ବାଚନ ଲଢିବୁ ଯେଉଁଠାରେ ଆମେ ଭୋଟ୍ ପାଇବୁ କିମ୍ବା ଆମର ସଂଗଠନ ସେଠାରେ କାର୍ଯ୍ୟ କରୁଛି, ଆମେ ସେହି ଆସନରେ ନିର୍ବାଚନ ଲଢିବୁ ଯାହା ମେଣ୍ଟର କ୍ଷତି କରିବ ନାହିଁ, କିନ୍ତୁ ରାଜନୀତିରେ ବଳିଦାନର ସ୍ଥାନ ନାହିଁ।

ସମାଜବାଦୀ ମୁଖ୍ୟ ଅଖିଳେଶ ଯାଦବଙ୍କ ବିବୃତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ଏସପି ଚାହୁଁଥିବା ତିନିଟି ଆସନରେ କଂଗ୍ରେସ ନିଜ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। କଂଗ୍ରେସ ଦ୍ୱାରା ପ୍ରାର୍ଥୀଙ୍କ ନାମ ଘୋଷଣା ଏସପିଙ୍କ ପାଇଁ ଏକ ବଡ ଝଟକା ବୋଲି ବିବେଚନା କରାଯାଉଛି। ଏହାପୂର୍ବରୁ ମହାରାଷ୍ଟ୍ର ସମାଜବାଡି ପାର୍ଟି ସଭାପତି ଆବୁ ଆଜମୀ କହିଥିଲେ, ଆସନ ବଣ୍ଟନ ତ ପୂର୍ବରୁ ହୋଇଯିବାର ଥିଲା। ଆମେ ମଧ୍ୟ ମହା ବିକାଶ ଆଘାଡିର ଏକ ଅଂଶ କିନ୍ତୁ ସିଟ୍ କାହିଁକି ବଣ୍ଟନ କରାଯାଉ ନାହିଁ ତାହା ଜାଣିନାହୁଁ। ଆମେ କଦାପି ଭୋଟ୍ ବିଭାଜନ ଚାହୁଁନାହୁଁ, ଆମେ ଚାହୁଁ ଯେ ମହାବିକାଶ ଅଘାଡି ଜିତୁ କିନ୍ତୁ ମୁଁ ଜାଣେ ନାହିଁ ସିଟ୍ ବଣ୍ଟନ କାହିଁକି ହେଉନାହିଁ, ଆମେ ଏଭଳି ୫ ଟି ଆସନରେ ଜିତିପାରିବୁ, ଯଦି ଆମକୁ ସେହି ୫ ଟି ସିଟ୍ ଦିଆନଯାଏ ତେବେ ଆମେ ୨୫ ସିଟ୍ରେ ନିର୍ବାଚନ ଲଢିବୁ।

# ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୪ ନିମନ୍ତେ ପ୍ରସ୍ତୁତି ବୈଠକ



ସୁବର୍ଣ୍ଣପୁର,(ନିପ୍ର) : ସୁବର୍ଣ୍ଣପୁର ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୪ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅନ୍ୟା ଦାସ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ମିନି କନଫରେନ୍ସ ହଲ ଠାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଶ୍ରୀମତୀ ଦାସ ଜିଲ୍ଲା ସ୍ତରୀୟ ଏହି ମେଳାକୁ ଶୃଙ୍ଖଳିତ, ଆକର୍ଷଣୀୟ ଓ ନୂତନ ଜ୍ଞାନ କୌଶଳ ସମ୍ମିଳିତ ପ୍ରଦର୍ଶନୀ ର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମତ୍ସ୍ୟ ଓ ପ୍ରାଣୀସମ୍ପଦର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଉଦ୍ୟୋଗୀ ମାନଙ୍କର ସମାବେଶ ଓ ସକ୍ରିୟ ଅଂଶଗ୍ରହଣ କୁ ସୁନିଶ୍ଚିତ କରିବା ଉପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ମେଳାରେ ପୁରସ୍କୃତ ହେବାକୁ ଥିବା ସଫଳ ୮ ଜଣ ଯୋଗ୍ୟ ଚାଷୀଙ୍କୁ ମନୋନୀତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ ବ୍ୟତୀତ ପ୍ରତିଦିନ ଅଂଶଗ୍ରହଣ କରିବାକୁ ଥିବା ୫୦୦ ଜଣ ଚାଷୀଙ୍କୁ ତ୍ୱରିତ ମନୋନୀତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବିଭାଗର ଯୋଜନା ସମ୍ବନ୍ଧୀୟ ପ୍ରଦର୍ଶନୀ ମଣ୍ଡପ ଚୂଡାନ୍ତ କରିବା ନିମନ୍ତେ ଆବଶ୍ୟକ ପରାମର୍ଶ ଦେଇଛନ୍ତି। ପରିଶେଷରେ ଏହି ମେଳା ଯେପରି ସୁନ୍ଦର, ସଫଳ ଓ ଶିକ୍ଷଣୀୟ ହୋଇ ଜିଲ୍ଲାର ଚାଷୀଙ୍କ ନିମନ୍ତେ ବିଶେଷ ଫଳପ୍ରଦ ହେବ ତା ଉପରେ ବିଶେଷ ଯତ୍ନବାନ ହେବାକୁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ ମେହେର ସମେତ ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ, ଜିଲ୍ଲା ଶିଳ୍ପ ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର ର ମୁଖ୍ୟ ବୈଜ୍ଞାନିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଓମଫେଡ ପ୍ରକଳ୍ପ ଅଧିକାରୀ, ନିର୍ଦ୍ଦେଶକ ଜଳ ଛାୟା ପ୍ରକଳ୍ପ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଓ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ।

## ବାଣିଜ୍ୟ ଓ ପରିବହନ ବିଭାଗର ସମୀକ୍ଷା

# ଯେକୌଣସି ପ୍ରତିକୂଳ ପରିସ୍ଥିତି ପାଇଁ ତ୍ୱରିତ୍ ପଦକ୍ଷେପ ନିଅ-ପ୍ରମୁଖ ଶାସନ ସଚିବ



ଭୁବନେଶ୍ୱର, ୨୩।୧୦ (ନିପ୍ର) : ସମ୍ଭାବ୍ୟ ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ବିଭାଗର ସମସ୍ତ ଅଧିକାରୀମାନଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେକୌଣସି ପ୍ରକାର ପ୍ରତିକୂଳତାକୁ ତ୍ୱରିତ ସାମ୍ନା କରିବା ପାଇଁ ବିଭାଗୀୟ ଅଧିକାରୀମାନେ ସୁନିଶ୍ଚିତ କରିବା ଉପରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଅଭାସି ଯୋଗେ ଶ୍ରୀମତୀ ପାଢ଼ୀ ବିଭାଗର କାର୍ଯ୍ୟପନ୍ଥା ନେଇ ବିସ୍ତୃତ ସମୀକ୍ଷା କରିବା ସହ ସମ୍ଭାବ୍ୟ ବାତ୍ୟାରେ ସବୁମତେ କ୍ରିୟାଶୀଳ ରହିବାକୁ ପରାମର୍ଶ ଦେଇଛନ୍ତି। ପରିବହନ ଓ ଜଳପଥ ବ୍ୟବସ୍ଥାରେ ସମନ୍ୱୟ ରକ୍ଷା ପୂର୍ବକ ଫଳପ୍ରଦ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇ ଶ୍ରୀମତୀ ପାଢ଼ୀ ବାତ୍ୟା ପ୍ରଭାବ ନେଇ ବିଭାଗର ସମସ୍ତ ଅଧିକାରୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଟୋପନାଳରୁ ମଇଁଷି ଚରାଳୀ ବଣୁଆଙ୍କ ମୃତଦେହ ଉଦ୍ଧାର

ଭୁବନ, ୨୩।୧୦ (ନିପ୍ର) : ରାଜ୍ୟରେ ବାତ୍ୟା 'ଦାନା' ତାଣ୍ଡବ ରଚିବାକୁ ଅଳ୍ପସମୟ ବାକିଥିବା ବେଳେ ମଇଁଷି ଗୋଠ ଧରି ଘରକୁ ଆସୁଥିବା ମଇଁଷି ଚରାଳୀର ମୃତଦେହ ଟୋପଖାଲରୁ ଉଦ୍ଧାର କରିଛି ଓଡ୍ରାଫ ଟିମ୍। ଖବର ନେବାରୁ ଜଣାଯାଏ ଯେ, ଭୁବନ ଥାନାର ଭୁବନ ଏନ୍ଏସି ଅନ୍ତର୍ଗତ ୩ନଂ ୱାର୍ଡ ଗୋପାଳସାହିର ରାମ ବେହେରାଙ୍କ ସାନ ପୁଅ ବଣୁଆ(୫୭) ଗତ ମଙ୍ଗଳବାର ମଇଁଷି ଚରାଇବାକୁ ଯାଇଥିବା ବେଳେ ସନ୍ଧ୍ୟାସୁଧା ଘରକୁ ଫେରି ନଥିଲେ। ସାହିବାସିନ୍ଦା ରାତିସାରା ବହୁ ଖୋଯାଖୋଜି କରିଥିଲେ ମଧ୍ୟ ମଇଁଷି ଚରଳି ବଣଆକୁ ପାଇନଥିଲେ। ତେବେ ବୁଧବାର ସକାଳେ ସ୍ଥାନୀୟ ବୁଦ୍ଧେଶ୍ୱର ମନ୍ଦିର ନିକଟ ଟୋପଖାଲ ନିକଟରେ ସମସ୍ତ ମଇଁଷି ଶୋଇଥିବାର ଖବର ପାଇ କିଛି ଅଘଟଣ ଘଟିଥିବା ସନ୍ଦେହରେ ଭୁବନ ଦମକଳ ବାହିନୀକୁ ବଣୁଆଙ୍କ ପରିବାର ପକ୍ଷରୁ ଅବଗତ କରାଯାଇଥିଲା। ଘଟଣାସ୍ଥଳରେ ଓଡ୍ରାଫ ଟିମ୍ ପହଂଚି ଟୋପଖାଲ ଭିତରେ ଖୋଜାଖୋଜି କରି ବଣୁଆଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ଭୁବନ ପୋଲିସ୍ ଘଟଣାସ୍ଥଳରେ ପହଂଚି ମୃତଦେହ ଜବତ କରିବା ସହ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଛେଦ ପାଇଁ ପଠାଇଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜକରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ମନସ୍ମିତା ମହାନ୍ତି ସୂଚନା ଦେଇଛନ୍ତି।

# ଡିଏଭି ଜୋନାଲ ଚେସ ଚାମ୍ପିୟନସିପ୍ ଉଦ୍ଯାପିତ

**ଭୁବନେଶ୍ୱର, (ନିପ୍ର) :** ଡିଏଭି ପବ୍ଲିକ୍ ସ୍କୁଲ, କଳିଙ୍ଗନଗର ଠାରେ ଡିଏଭି ଜାତୀୟ କ୍ରୀଡ଼ା ଅନ୍ତର୍ଗତ ଡିଏଭି ଜୋନାଲ୍ ଚେସ୍ ଚାମ୍ପିଅନସିପ୍ ଉଦ୍ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଂଟ୍ରେ ୧୨ଟି ସ୍କୁଲରୁ ୧୨୭ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଉଭୟ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗରେ ଡିଏଭି, କଳିଙ୍ଗନଗର ଚମ୍ପିଅନ୍, ଡିଏଭି, ଚନ୍ଦ୍ରଶେଖରପୁର ରନର୍ସ ଅପ୍। ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଡିଏଭି, ଚନ୍ଦ୍ରଶେଖରପୁର ଚମ୍ପିଅନ୍, ଡିଏଭି, ଝାରସୁଗୁଡ଼ା ରନର୍ସ ଅପ୍। ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ଡିଏଭି, ସିଡିଏ କଟକ ଚମ୍ପିଅନ୍, ଡିଏଭି, ଚନ୍ଦ୍ରଶେଖରପୁର ରନର୍ସ ଅପ୍ ଆଖ୍ୟା ଅର୍ଜନ କରିଛି। ୧୯ ବର୍ଷରୁ କମ୍ ବାଳକ ବିଭାଗରେ ଡିଏଭି, ସିଡିଏ କଟକ ଚମ୍ପିଅନ୍, ଡିଏଭି, ଚନ୍ଦ୍ରଶେଖରପୁର ରନର୍ସ ଅପ୍। ୧୯ ବର୍ଷରୁ କମ୍ ବାଳିକା ବିଭାଗରେ ଡିଏଭି, ସିଡିଏ କଟକ ଚମ୍ପିଅନ୍, ଡିଏଭି, ଇବ୍ ଭ୍ୟାଲୀ ବ୍ରଜରାଜନଗର ରନର୍ସ ଅପ। ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟର ପର୍ଯ୍ୟବେକ୍ଷକ ପର୍ଯ୍ୟବେକ୍ଷିକା ବୃନ୍ଦ ଯୋଗଦେଇ ବିଜେତା ମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବଳରାମ ମହାପାତ୍ର କୃତୀ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାକୁ ଓଡ଼ିଶା ଚେସ୍ ଆସୋସିଏସନ୍ର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ମୁଖ୍ୟ ଆର୍ବିଟର ଓ ଅଫିସିଆଲ୍ ଭାବେ ସୃଜନ ରାୟ ପରିଚାଳନା କରିଥିଲେ। ବିଦ୍ୟାଳୟର ଶାରୀରିକ ଶିକ୍ଷା ବିଭାଗର ମୁଖ୍ୟ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଶିକ୍ଷକ ଏ ରବିଶଙ୍କର, ଶିକ୍ଷୟିତ୍ରୀ ଶୁଭଶ୍ରୀ ରାଉଳ ଏବଂ ବିଦ୍ୟାଳୟର ସମସ୍ତ କର୍ମକର୍ତାମାନଙ୍କ ସହାୟତାରେ ଏହି ପ୍ରତିଯୋଗିତାଟି ସୂଚାରୁରୂପେ ସମ୍ପାଦିତ ହୋଇଥିଲା।

# ଅଖିଳଭାରତ କୃଷକ ସଭା ତରଫରୁ ଉପଜିଲ୍ଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

ନୀଳଗିରି,(ନିପ୍ର): ଅଖିଳଭାରତ କୃଷକସଭା ନୀଳଗିରି ତରଫରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହ ଏକ ୭ଦଫା ସମ୍ବଳିତ ଦାବିପତ୍ର ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି ଦାବୀପତ୍ରରେ ଜନବସତିକୁ ବାଦଦେଇ ଇକୋ ସେନସିଟିଭ ଜୋନକୁ କୁଳଡିହା ଅଭୟାରଣ୍ୟ ମଧ୍ୟରେ ସୀମିତ ରଖିବା, ଅଭୟାରଣ୍ୟର ପାଦଦେଶକୁ ସୌରବାଡ଼ ବସାଇବା ପାଇଁ ମଂଜୁରହୋଇ ପଡ଼ି ରହିଥିବା ଅର୍ଥରାଶିରେ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା, ହାତୀ କରିଡ଼ର ନାମରେ ପାଖ ଅଞ୍ଚଳର ବିକାଶ ମୂଳକ ଯୋଜନାକୁ ବାଧା ସୃଷ୍ଟି କରାନଯିବା,ଗତ ୨୦୨୩ ଆର୍ଥିକ ବର୍ଷରେ ମରୁଡି ଭାବେ ଘୋଷଣା ହୋଇଥିବା ପଞ୍ଚାୟତମାନଙ୍କରେ ତୁରନ୍ତ ଇନ୍ସୁରାନ୍ସ ଇନପୁଟ ସବସିଡି ଯୋଗାଇ ଦେବା, ୩୨କୋଟି ଟଙ୍କା ବ୍ୟୟରେ ନୀଳଗିରି - ବଉଲଗଡିଆ ରାସ୍ତା ପାଇଁ ଗଛ କାଟିବା ସହିତ ତୁରନ୍ତ ରାସ୍ତା ନିର୍ମାଣ କରିବା ଆଦି ମୁଖ୍ୟଦାବୀ କରାଯାଇ ଦାବୀପତ୍ର ପ୍ରଦାନ କରାଯାଇଛି।

# ଉଲୁଣ୍ଡାରେ ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର




ଉଲୁଣ୍ଡା,(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୮୮ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ କ୍ଷ ୭୩ ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୫ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି ତନ୍ମଧ୍ୟରେ ୫ଟି ଦରଖାସ୍ତ ସି ଏମ ଆର ଏଫ ସହାୟତା ନିମନ୍ତେ ଆବେଦନ ହୋଇଛି। ଶିବିରରେ ୩୦ ଗୋଟି ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଶିବିରରେ ଜିଲ୍ଲା ଶ୍ରମ ବିଭାଗ ତରଫରୁ ଶିବ ବେହେରାଙ୍କୁ ଶିଶୁଙ୍କ ଶିକ୍ଷା ସହାୟତା ନିମନ୍ତେ ଟ.୮୫୦୦ ହଜାର, ଦୁଲ୍ଲଭ ମେହେରଙ୍କୁ ବିବାହ ପ୍ରୋତ୍ସାହନ ସହାୟତା ନିମନ୍ତେ ୫୦,୦୦୦ ହଜାର, ଓ ସବିତା ବଢ଼େଇଙ୍କୁ ଅନ୍ତିମ ସଂସ୍କାର ସହାୟତା ନିମନ୍ତେ ଟ.୫୦୦୦ ହଜାର ଓ ଲକ୍ଷ୍ମଣ ମହାନନ୍ଦଙ୍କୁ ମୃତ୍ୟୁ କାଳୀନ ସହାୟତା ନିମନ୍ତେ ୨ଲକ୍ଷ ଟଙ୍କା, ସୁରୁନନି ସାହୁଙ୍କୁ ମେଟରନିଟି ବେନିଫିଟ ସହାୟତା ୧୦,୦୦୦ ହଜାର ଟଙ୍କାର ଶ୍ରମିକ କଲ୍ୟାଣ ଆର୍ଥିକ ସହାୟତା ର ଡେମୋ ଚେକ୍ ପ୍ରଦାନ କରିଛନ୍ତି ଜିଲ୍ଲାପାଳ ଶ୍ରୀମତୀ ଦାସ। ଏଥି ସହ ବ୍ଲକ ଅନ୍ତର୍ଗତ ଯୋଗ୍ୟ ହିତାଧିକାରୀଙ୍କୁ ଜିଲ୍ଲା ଶ୍ରମ ବିଭାଗ ତରଫରୁ ୧୫ ଜଣଙ୍କୁ ଝିଅ ବିବାହ ନିମନ୍ତେ ପ୍ରୋତ୍ସାହନ ସହାୟତା, ୩ ଜଣକୁ ମେଟରନିଟି ସହାୟତା, ୫୧ ଜଣଙ୍କୁ ଶିକ୍ଷା ନିମନ୍ତେ ସହାୟତା, ୬ଜଣ ଙ୍କୁ ମୃତ୍ୟୁ କାଳୀନ ସହାୟତା, ଓ ୩ ଜଣଙ୍କୁ ଅନ୍ତିମ ସଂସ୍କାର ସହାୟତା ନିମନ୍ତେ ଅର୍ଥ ରାଶି ପ୍ରଦାନ କରାଯାଇଛି। ପୁନଶ୍ଚ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ପଞ୍ଚମହଲା ନିବାସୀ ଦିବ୍ୟାଙ୍ଗ ଲାଳମଣି ଲୁହା ଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଛନ୍ତି ଜିଲ୍ଲାପାଳ। ଏହି ପରିପ୍ରେକ୍ଷୀରେ ଶ୍ରମ ବିଭାଗ ତରଫରୁ ସମୁଦାୟ ବିଭିନ୍ନ ୭୮ ଜଣଙ୍କୁ ମୋଟ ଟ.୨୨ଲକ୍ଷ ୬୨ ହଜାର ୨୦୦ ଟଙ୍କାର ସହାୟତା ଅର୍ଥ ରାଶି ସେମାନଙ୍କ ସଂଚୟ ଖାତା କୁ ଅନଲାଇନ ଯୋଗେ ପ୍ରଦାନ କରାଯାଇଛି।

# ଦ. ଆଫ୍ରିକା ଗସ୍ତରେ ଲକ୍ଷ୍ମଣ ସମ୍ଭାଳିବେ ଗୁରୁଦାୟିତ୍ୱ




ନୂଆଦିଲ୍ଲୀ,୨୮।୧୦(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ସମାପ୍ତ ପରେ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ଗସ୍ତ କରିବ। ଏହି ଗସ୍ତରେ ଦଳ ୪ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବ ନଭେମ୍ବର ୮ରେ ଡର୍ବାନରେ ଖେଳାଯିବ ପ୍ରଥମ ମ୍ୟାଚ୍ ତେବେ ଏହି ଗସ୍ତ ପୂର୍ବରୁ ଭାରତୀୟ ଦଳକୁ ନେଇ ଆସିଛି। ବଡ଼ ଖବର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଭାରତୀୟ ଦଳ ସହ ଦକ୍ଷିଣ ଆଫ୍ରିକା ଯିବେ ନାହିଁ।

ନଭେମ୍ବର ୪ ତାରିଖରୁ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ଗସ୍ତ କରିବ ଅନ୍ୟପଟ ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଭାରତୀୟ ଦଳ ନଭେମ୍ବର ୧୧ ତାରିଖରେ ଅଷ୍ଟ୍ରେଲିଆ। ଗସ୍ତ କରିବ ତେଣୁ ଗମ୍ଭୀର ଅଷ୍ଟ୍ରେଲିଆ। ଗସ୍ତରେ ଯାଉଥିବାରୁ ଦକ୍ଷିଣ ଆଫ୍ରିକା ଯିବେ ନାହିଁ। ଗମ୍ଭୀରଙ୍କ ଅନୁପସ୍ଥିତିରେ ଭିଭିଏସ ଲକ୍ଷ୍ମଣ ଦକ୍ଷିଣ ଆଫ୍ରିକା ଗସ୍ତରେ ଭାରତୀୟ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇବେ ସୋମବାର ବିସିସିଆଇ କ୍ରିକବଜକୁ ଏହାର ସୂଚନା ଦେଇଛି।

ଉଲ୍ଲେଖନୀୟ ଯେ ଚାରି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଆରମ୍ଭରୁ ସ୍ଥିର ନ ଥିଲା। ମାତ୍ର ବିସିସିଆଇ ଓ କ୍ରିକେଟ୍ ସାଉଥ ଆଫ୍ରିକା ପରସ୍ପର ମଧ୍ୟରେ ଆଲୋଚନା କରି ଗସ୍ତକୁ ଚୂଡ଼ାନ୍ତ ରୂପ ଦେଇଥିଲେ।

ସାଇରାଜ ବହୁତୁଲେ, ଋଷିକେଶ କାନିତକର ଓ ସୁଭାଦୀପ ଘୋଷ ମଧ୍ୟ ଦକ୍ଷିଣ ଆଫ୍ରିକା ଗସ୍ତରେ କୋଚିଂ ଷ୍ଟାଫରେ ସଦସ୍ୟ ରହିବେ। ଏହି ତିନି ବ୍ୟକ୍ତି ଓମାନରେ ଆୟୋଜିତ ଏମର୍ଜିଂ ଏସିଆ। କପ୍ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳର କୋଚିଂ ସଦସ୍ୟ ଥିଲେ।

ସୂଚନାଯୋଗ୍ୟ, ଏହା ପୂର୍ବରୁ ରାହୁଲ ଦ୍ରାବିଡ଼ ଯେବେ ବ୍ରେକ ନେଉଥିଲେ। ସେହି ସମୟରେ ଭିଭିଏସ ଲକ୍ଷ୍ମଣ ସର୍ବଦା ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ସମ୍ଭାଳୁଥିଲେ। ଭିଭିଏସ ଲକ୍ଷ୍ମଣ ବର୍ତ୍ତମାନ ଜାତୀୟ କ୍ରିକେଟ୍ ଏକାଡେମୀ(ଏନସିଏ)ର ନିର୍ଦ୍ଦେଶକ ଅଛନ୍ତି। ଏହା ସହିତ ୧୯ ବର୍ଷରୁ କମ ପୁରୁଷ କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ପଦରେ ଅଛନ୍ତି।

**ଦକ୍ଷିଣ ଆଫ୍ରିକା ସିରିଜ୍ ପାଇଁ ଭାରତୀୟ ଦଳ**

ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ(ୱିକେଟ୍ କିପର), ରିଙ୍କୁ ସିଂ, ତିଳକ ବର୍ମା, ଜିତେଶ ଶର୍ମା(ୱିକେଟ୍ କିପର), ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ୍, ରମଣଦୀପ ସିଂ, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ଅର୍ଶଦୀପ ସି, ବିଜୟ କୁମାର ବିଶକ, ଅବେଶ ଖାନ, ଯଶ ଦୟାଲ।

# ଆକ୍ସନ ମୋଡ୍‌ରେ ବିସିସିଆଇ




ନୂଆଦିଲ୍ଲୀ,୨୮୧୦:ଟେଷ୍ଟ ସିରିଜର ପ୍ରଥମ ଦୁଇଟି ମ୍ୟାଚରେ ନ୍ୟୁଜିଲାଣ୍ଡ ଭାରତକୁ ପରାସ୍ତ କରିଛି ଏହିଁ ବିଜୟ ସହିତ ନ୍ୟୁଜିଲାଣ୍ଡ ସିରିଜରେ ୨-୦ ଅଗ୍ରଣୀ ହାସଲ କରିଛି ଟିମ ଇଣ୍ଡିଆର ପରାଜୟ ପରେ ଅନେକ ଲଜ୍ଜାଜନକ ଘଟଣା ଘଟିଛି। କ୍ୟାପଟେନ ରୋହିତ ଶର୍ମା ମଧ୍ୟ ପ୍ରଶ୍ନ ଉଠାଇଥିଲେ। ଦଳର ପରାଜୟ ପରେ ଭାରତରେ କ୍ରିକେଟ ବୋର୍ଡ ଅଫ କଣ୍ଟ୍ରୋଲ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏକ ରିପୋର୍ଟ ଅନୁଯାୟୀ, ଦଳ ପରିଚାଳନା ସମସ୍ତ ଖେଳାଳିଙ୍କୁ ଟ୍ରେନିଂ ସେସନରେ ଭାଗ ନେବାକୁ କହିଛି ବର୍ତ୍ତମାନ ଖେଳାଳିମାନଙ୍କୁ ଦୀପାବଳିରେ ମଧ୍ୟ ଟ୍ରେନିଂ ନେବାକୁ ପଡ଼ିବ।

ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡ ଭାରତକୁ ୮ ଉଇକେଟରେ ଏବଂ ଦ୍ୱିତୀୟ ଟେଷ୍ଟରେ ୧୧୩ ରନ୍‌ରେ ପରାସ୍ତ ହୋଇଥିଲା।।। ଟିମ ଇଣ୍ଡିଆର ଅଧିକାଂଶ ଖେଳାଳି ବିଶେଷ କିଛି କରିପାରି ନ ଥିଲେ। ରୋହିତ ଶର୍ମା ଏବଂ ବିରାଟ କୋହଲି ମଧ୍ୟ ଉଭୟ ଟେଷ୍ଟ ମ୍ୟାଚରେ ଫ୍ଲପ ହୋଇଥିଲେ। ।ବର୍ତ୍ତମାନ ବିସିସିଆଇ ଏ ସମ୍ପର୍କରେ କାର୍ଯ୍ୟ କରୁଛି।

ଦଳ ପରିଚାଳନା ସମସ୍ତ ଖେଳାଳିଙ୍କୁ ଟ୍ରେନିଂ ସେସନ୍‌ରେ ଭାଗ ନେବାକୁ କହିଛି ଏହି ପ୍ରଶିକ୍ଷଣ ଅଧିବେଶନ ୩୦ ଏବଂ ୩୧ ଅକ୍ଟୋବରରେ ଅନୁଷ୍ଠିତ ହେବ ଏବଂ ଏହା ସମସ୍ତ ଖେଳାଳିଙ୍କ ପାଇଁ ବାଧ୍ୟତାମୂଳକ ହେବ ବିରାଟ, ରୋହିତ ଏବଂ ଜସପ୍ରୀତ ବୁମ୍ରାଙ୍କୁ ମଧ୍ୟ ଏଥିରେ ଭାଗ ନେବାକୁ ପଡିବ ସେମାନେ କୌଣସି ପ୍ରକାରର ଛାଡ ପାଇବେ ନାହିଁ ଏହାପୂର୍ବରୁ ଅନେକ ଖେଳାଳିଙ୍କ ପାଇଁ ଟ୍ରେନିଂ ସେସନରେ ଆରାମ ମିଳିଥିଲା କିନ୍ତୁ ଏହା ଏବେ ଘଟିବ ନାହିଁ ତେଣୁ ସମସ୍ତ ଖେଳାଳି ଦୀପାବଳିରେ ମଧ୍ୟ ପ୍ରଶିକ୍ଷଣ ନେବେ। ପୁଣେ ଟେଷ୍ଟରେ ପରାଜୟ ପରେ ବିସିସିଆଇ ଖେଳାଳିଙ୍କୁ ଦୁଇ ଦିନ ବିରତି ଦେଇଛି। ଟେଷ୍ଟ ସିରିଜର ତୃତୀୟ ତଥା ଶେଷ ମ୍ୟାଚ ନଭେମ୍ବର ୧ରୁ ମୁମ୍ବାଇରେ ଖେଳାଯିବ। ତେଣୁ ଅଧିକାଂଶ ଖେଳାଳି ଏବଂ ସପୋର୍ଟ ଷ୍ଟାଫ ରବିବାର ନିଜେ ମୁମ୍ବାଇରେ ପହଞ୍ଚିଛନ୍ତି। ବିରାଟ ଏବଂ ରୋହିତ ବର୍ତ୍ତମାନ ପରିବାର ସହିତ ଅଛନ୍ତି କିନ୍ତୁ ସେ ଶୀଘ୍ର ଦଳରେ ଯୋଗଦେବେ।

# ଅନ୍ତଃ କଲେଜ କବାଡିରେ ନିରଞ୍ଜନ ମହିଳା ମହାବିଦ୍ୟାଳୟ ଚମ୍ପିୟାନ



ଆସିକା,୨୮।୧୦(ମହାଭାରତ): ପାଟପୁର ଠାରେ ଚାଲିଥିବା ଅନ୍ତଃ କଲେଜ କବାଡି ପ୍ରତିଯୋଗିତା ରେ ଆସିକା ନିରଞ୍ଜନ ମହିଳା କଲେଜ ଚମ୍ପିୟାନ ହୋଇ ଫେରିଛନ୍ତି ବିଜେତା ଦଳ ର ସମସ୍ତ ସଦସ୍ୟା ଆସିକା ର ବିଧାୟକ ସରୋଜ କୁମାର ପାଢ଼ୀ କୃତଜ୍ଞତା ଜ୍ଞାପନ କରିଛନ୍ତି ।ଗତକାଲିର ଫାଇନାଲ ମ୍ୟାଚ ରେ କଳିଙ୍ଗା କଲେଜ ଜି. ଉଦୟଗିରି ସହ ଆସିକା ନିରଞ୍ଜନ ମହିଳା ମହାବିଦ୍ୟାଳୟ ସହ ମୁକାବିଲା ହୋଇଥିଲା ଏହି ମ୍ୟାଚ ରେ ଆସିକା ଦଳ ୫୨-୨୦ ରେ ଜି. ଉଦୟଗିରିକୁ ହରାଇ ବିଜେତା ହୋଇଛନ୍ତି । ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଗୋପୀନାଥ ଏବଂ ଅଧ୍ୟାପିକା ଚନ୍ଦିନୀ ଅନିଲ କୁମାର ସ୍ୱାଇଁ ଓ କାର୍ତ୍ତିକ ପଟ୍ଟନାୟକ, ବି ରାମ ବାବୁ ରେଡ୍ଡୀ ସହଯୋଗ କରିଥିଲେ। ବିଧାୟକ ଆଗାମୀ ଦିନରେ ଜଣେ ଜଣେ ଶ୍ରେଷ୍ଠ ଖେଳାଳି ରୂପେ ନିଜ ନାମକୁ ରାଜ୍ୟରେ ଖ୍ୟାତି ଲାଭ କରିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମ ରେ କବାଡି ଟିମ ର ବି. ମନୀଷା ରେଡି ଙ୍କ ନେତୃତ୍ୱରେ ମୌସିମି ପାତ୍ର, ଜୀନୁ ଗୌଡ଼, ରାଧା ରାଣୀ ସ୍ୱାଇଁ, ପୂଜା ବାଡ଼ତ୍ୟା,କିରଣ ପୃଷ୍ଟି, ଆଶା ମହାରାଣା, ସାବିତ୍ରୀ ଗୌଡ଼ ସମେତ ଦୁଇ ଜଣ ଅତିରିକ୍ତ ଖେଳାଳି ସାଥିରେ ରହିଥିଲେ।

## ଓଡ଼ିଶା ଏଫ୍‌ସି-ମୁମ୍ବାଇ ସିଟି ଏଫ୍‌ସି ଆଜି

ଭୁବନେଶ୍ୱର,୨୮।୧୦: ଘରୋଇ ପରିବେଶରେ ଇଷ୍ଟବେଙ୍ଗଲ୍ ଏଫ୍‌ସିକୁ ରୋମାଞ୍ଚକର ଢଙ୍ଗରେ ୨-୧ ଗୋଲ୍‌ରେ ହରାଇବା ପରେ ଓଡ଼ିଶା ଏଫ୍‌ସି ମୁମ୍ବାଇରେ ମୁମ୍ବାଇ ସିଟି ଏଫ୍‌ସିକୁ ଭେଟିବ। ଆଇଏସ୍‌ଏଲ୍‌ର ଏହି ମହତ୍ତ୍ୱପୂର୍ଣ୍ଣ ମୁକାବିଲା ମୁମ୍ବାଇ ଫୁଟ୍‌ବଲ୍ ଏରିନାରେ ଖେଳାଯିବ। ପ୍ରଥମ ଦୁଇଟି ମ୍ୟାଚ୍‌ରେ ଲଗାତାର ପରାଜୟ ବରଣ କରିବା ପରେ ପରବର୍ତ୍ତୀ ତିନିଟି ମ୍ୟାଚ୍‌ରୁ ୭ ପଏଣ୍ଟ୍ ଅର୍ଜନ କରି ଓଡ଼ିଶା ଏଫ୍‌ସି ଏବେ ପୂରା ଫର୍ମରେ ରହିଛି। ମୁମ୍ବାଇ ସିଟି ଏଫ୍‌ସି ବିପକ୍ଷରେ ମଧ୍ୟ ଦଳ ଏହି ଧାରା ବଜାୟ ରଖିବାକୁ ଲକ୍ଷ୍ୟ ରଖିଛି ରକ୍ଷଣଭାଗ ତାରକା କାର୍ଲୋସ୍ ଡେଲଗଡୋଙ୍କ ପ୍ରତ୍ୟାବର୍ତ୍ତନ ମଧ୍ୟ ଦଳର ଆତ୍ମବିଶ୍ୱାସକୁ ଉଚ୍ଚରେ ରଖିଛି ଅନ୍ୟପକ୍ଷରେ ଏକାଧିକ ପ୍ରାରମ୍ଭିକ ଝଟ୍‌କା ପରେ ଗୋଆ ଏଫ୍‌ସିକୁ ୨-୧ରେ ପରାସ୍ତ କରି ବିଜୟ ଧାରାକୁ ଫେରିଛି। ତଥାପି ଓଡ଼ିଶା ଏଫ୍‌ସି ପାଞ୍ଚଟି ମ୍ୟାଚ୍‌ରୁ ଦୁଇଟି ବିଜୟ, ଗୋଟିଏ ଡ୍ର ଓ ଦୁଇଟି ପରାଜୟ ସହ ପଏଣ୍ଟ୍ ତାଲିକାର ସପ୍ତମ ସ୍ଥାନରେ ଥିଲାବେଳେ ମୁମ୍ବାଇ ସିଟି ଏଫ୍‌ସି ଚାରିଟି ମ୍ୟାଚ୍‌ରୁ ମାତ୍ର ଗୋଟିଏ ବିଜୟ, ଦୁଇଟି ଡ୍ର ଓ ଗୋଟିଏ ପରାଜୟ ସହ ନବମ ସ୍ଥାନରେ ରହିଛି।

# ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ସମୀକରଣରେ ଫସିଲା ଭାରତ




ମୁମ୍ବାଇ,୨୮।୧୦: ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ସମୀକରଣ ପଏଣ୍ଟ ଟେବୁଲରେ ବଡ଼ ପରିବର୍ତ୍ତନ। ଭାରତ-ଅଷ୍ଟ୍ରେଲିଆକୁ ଛାଡ଼ି ଫାଇନାଲ୍ ରେସ୍‌ରେ ୪ ଦଳ ଟିମ୍ ଇଣ୍ଡିଆର ବାଟ ହୁଡ଼ିବ ପାକିସ୍ତାନ ୩୬ ବର୍ଷ ପରେ ଭାରତ ମାଟିରେ ଭାରତ ଉପରେ ବିଜୟ ହାସଲ ଏବଂ ୧୨ ବର୍ଷରେ ନ୍ୟୁଜିଲାଣ୍ଡର ଟେଷ୍ଟ ଶୃଙ୍ଖଳା କବଜା, ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ସିନେରିଓରେ ବଡ଼ ପରିବର୍ତ୍ତନ ଆଣିଛି ଭାରତ ଲଗାତାର ଦୁଇଟି ମ୍ୟାଚ୍ ହାରିବା ପରେ ଡବ୍ଲୁଟିସି ସମୀକରଣ ବଦଳିଯାଇଛି। ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନରେ ରହିଥିବା ମଧ୍ୟ ଟିମ୍ ଇଣ୍ଡିଆର ଫାଇନାଲ୍ ଖେଳିବା ଆଶା ମୁସ୍କିଲ୍ ହୋଇଛି। କାରଣ ସେପଟେ ଘରୋଇ ମାଟିରେ ଇଂଲଣ୍ଡକୁ ମାତ ଦେଇ ପାକିସ୍ତାନ ଧୀରେ ଧୀରେ ଡବ୍ଲୁଟିସି ଫାଇନାଲ୍ ରାସ୍ତା ସଫା କରୁଛି।

ଟିମ୍ ଇଣ୍ଡିଆ। ପୁଣେ ଟେଷ୍ଟରେ ନ୍ୟୁଜିଲାଣ୍ଡ ଠାରୁ ୧୧୩ ରନରେ ପରାସ୍ତ ହୋଇଛି । ଏହି ମ୍ୟାଚ୍ ହାରିବା ପରେ ୩ଟି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ୨-୦ରେ ରୋହିତ ବାହିନୀ ହାତରୁ ଖସିଛି । ଏହା ସହିତ ବିଶ୍ୱ ଟେଷ୍ଟ୍ ଚାମ୍ପିଅନସିପ୍ ପଏଣ୍ଟ ଟେବୁଲରେ ଟିମ୍ ଇଣ୍ଡିଆକୁ ଝଟକା ଲାଗିଛି । ପୁଣେ ଟେଷ୍ଟ ପୂର୍ବରୁ ଭାରତୀୟ ଦଳ ୬୮.୦୬ ପ୍ରତିଶତ ଅଙ୍କ ସହିତ ଟପରେ ଥିଲା । ମାତ୍ର ମ୍ୟାଚରେ ନ୍ୟୁଜିଲାଣ୍ଡ ଠାରୁ ମ୍ରା ଖାଇବା ପରେ ପଏଣ୍ଟ ହାର ହ୍ରାସ ପାଇ ୬୨.୮୨ ପ୍ରତିଶତକୁ ଖସି ଆସିଛି। ରୋହତ ସେନା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ୨୦୨୩-୨୫ରେ ବର୍ତ୍ତମାନ ସୁଦ୍ଧା ୧୩ଟି ମ୍ୟାଚ୍ ଖେଳିଛି । ଏଥିରୁ ୮ଟି ମ୍ୟାଚରେ ବିଜୟ, ୩ ମ୍ୟାଚରେ ପରାଜୟ ଏବଂ ଗୋଟିଏ ଡ୍ର ସହିତ ୯୮ ଅଙ୍କରେ ହାସଲ କରିଛି। ଡବ୍ଲୁଟିସି ଅଙ୍କ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛି ଅଷ୍ଟ୍ରେଲିଆ। କଙ୍ଗାରୁ ଦଳ ବର୍ତ୍ତମାନ ସୁଦ୍ଧା ୧୨ଟି ମ୍ୟାଚ୍ ଖେଳିଥିବା ବେଳେ ଏଥିରୁ ୮ଟିରେ ବିଜୟ ହାସଲ କରିଛି ୩ଟିରେ ପରାସ୍ତ ଏବଂ ଗୋଟିଏ ମ୍ୟାଚ୍ ଡ୍ର କରି ୯୦ ଅଙ୍କ ସହିତ ପାଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି ଅଷ୍ଟ୍ରେଲିଆ। ପଛକୁ ରହିଛି ।ଶ୍ରୀଲଙ୍କା ଦଳ ପୂର୍ବତନ ଭେଟେରାନ୍ ଅଲରାଉଣ୍ଡର ସନଥ୍ ଜୟସୁରିଆ। କୋଚ୍ ମଙ୍ଗ ସମ୍ଭାଳିବା ପରେ ଦଳ ଦଳ ମଧ୍ୟରେ ନୂଆ। ଉର୍ଜା ସୃଷ୍ଟି ହୋଇଛି । ନ୍ୟୁଜିଲାଣ୍ଡ ଟିମକୁ ୨-୦ରେ ଟେଷ୍ଟ ଶୃଙ୍ଖଳା ହରାଇ ଡବ୍ଲୁଟିସିର ତୃତୀୟ ସ୍ଥାନରେ ରହିଛି । ଶ୍ରୀଲଙ୍କା ପରେ ଚତୁର୍ଥ ସ୍ଥାନରେ ରହିଛି ନ୍ୟୁଜିଲାଣ୍ଡ ଟିମ୍ ଭାରତକୁ ହରାଇ କ୍ୱିୱି ଦଳ ମଧ୍ୟ ଡବ୍ଲୁଟିସି ଫାଇନାଲ୍ ଖେଳିବା ଆଶା ରଖିଛି ।

ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ତାଲିକାରେ ବଡ଼ ଗଡ଼ବଡ଼ କରିବା ଲକ୍ଷ୍ୟରେ ରହିଛି ପାକିସ୍ତାନ। ଘରୋଇ ମାଟିରେ ବାଂଲାଦେଶ ଠାରୁ ଟେଷ୍ଟ ସିରିଜ୍ ହାରିଥିବା ପାକ୍ ଦଳ ଇଂଲଣ୍ଡକୁ ୨-୧ରେ ହରାଇ ଡବ୍ଲୁଟିସି ଅଙ୍କ ତାଲିକାର ସମୀକରଣକୁ ବିଗାଡ଼ି ଦେଇଛି । ପଏଣ୍ଟ ଟେବୁଲରେ ସପ୍ତମ ସ୍ଥାନରେ ରହିଥିଲେ ମଧ୍ୟ ଭାରତ ରାସ୍ତାରେ କଣ୍ଟା ହୋଇ ଉଭା ହୋଇଛି । ପାକିସ୍ତାନ ଟିମ୍ ବାକି ଥିବା ମ୍ୟାଚକୁ ଜିତି ଫାଇନାଲରେ ଏଣ୍ଟ୍ରି କରିବା ଆଶା ରଖିଛି। ଚଳିତ ଡବ୍ଲୁଟିସି ୨୦୨୩-୨୫ ଚକ୍ରରେ ୨୦ଟି ମ୍ୟାଚ୍ ବାକି ରହିଛି ଏହି ୨୦ଟି ମ୍ୟାଚ୍ ଫାଇନାଲ ପାଇଁ ନିର୍ଣ୍ଣାୟକ ହେବା ବୋଲି କୁହାଯାଉଛି । ରୋହିତ ବାହିନୀକୁ ଫାଇନାଲରେ ପ୍ରବେଶ କରିବାକୁ ହେଲେ ବାକି ଥିବା ୬ଟି ମ୍ୟାଚରୁ ସର୍ବନିମ୍ନ ୪ଟି ମ୍ୟାଚ୍ ଜିତିବାକୁ ପଡ଼ିବ ଏଥିରେ ଭାରତୀୟ ଦଳ ଫେଲ୍ ମାରିଲେ ଅନ୍ୟ ଟିମର ହାରିବା ଜିତିବା ଉପରେ ନିର୍ଭର କରିବ ଦଳ।

# ପାକିସ୍ତାନ ଦଳର କୋଚ୍ ପଦ ଛାଡ଼ିଲେ ଗ୍ୟାରୀ କିର୍ଷ୍ଟନ୍



ଲାହୋର : ପାକିସ୍ତାନ କ୍ରିକେଟରେ ପ୍ରତିଦିନ କିଛି ନା କିଛି ନୂଆ। ଡ୍ରାମା ଦେଖିବାକୁ ମିଳୁଛି। ବୋର୍ଡ ଗତକାଲି ସୀମିତ ଓଭର କ୍ରିକେଟରେ ମହମ୍ମଦ ରିଜାନଙ୍କୁ ନୂଆ। ଅଧିନାୟକ ଭାବେ ଘୋଷଣା କରୁ କରୁ ଆଜି ଦଳର ମୁଖ୍ୟ ପ୍ରଶିକ୍ଷକ ପଦ ଛାଡ଼ିଛନ୍ତି। ଗ୍ୟାରୀ କିର୍ଷ୍ଟନ୍ ପାକିସ୍ତାନର ସୀମିତ ଓଭର କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ତାଙ୍କର ଚୁକ୍ତି ୨ ବର୍ଷର ଥିଲା, ହେଲେ ମାତ୍ର ୬ ମାସରେ ପିସିବି ସହ ସବୁ ସମ୍ପର୍କ ଶେଷ କରିଛନ୍ତି।ଏହି ଦକ୍ଷିଣ ଆଫ୍ରିକୀୟ କ୍ରିକେଟ କିମ୍ବଦନ୍ତୀ।

ରିପୋର୍ଟ ଅନୁଯାୟୀ, ଗ୍ୟାରୀ କିର୍ଷ୍ଟନ୍ ଓ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ମଧ୍ୟରେ ବିଭିନ୍ନ ନିଷ୍ପତ୍ତିରେ ବାରମ୍ବାର ଅସହମତି ପ୍ରକାଶ ପାଇଥିଲା। ଏପରିକି ଅଷ୍ଟ୍ରେଲିଆ ଓ ଜିମ୍ବାୱେ ବିପକ୍ଷ ସିରିଜ ପାଇଁ ସୋମବାର ଘୋଷଣା କରାଯାଇଥିବା ଦଳରେ ମଧ୍ୟ ତାଙ୍କର ପରାମର୍ଶ ଗ୍ରହଣ କରାଯାଇନାହିଁ। ଏତିକି ନୁହେଁ, ଯେତେବେଳେ ମହମ୍ମଦ ରିଜାନଙ୍କୁ ସୀମିତ ଓଭର କ୍ରିକେଟ ଦଳର ଅଧିନାୟକ ଭାବେ ନିଯୁକ୍ତ କରାଗଲା, ସେତେବେଳେ ମଧ୍ୟ କିର୍ଷ୍ଟନ ପାକିସ୍ତାନରେ ନଥିଲେ ଏହିସବୁ କାରଣରୁ କିର୍ଷ୍ଟନ୍ ମୁଖ୍ୟ ପ୍ରଶିକ୍ଷକ ପଦରୁ ଇସ୍ତଫା ଦେଇଥିବା କୁହାଯାଉଛି ତେବେ ଏପର୍ଯ୍ୟନ୍ତ ଏହି ଦକ୍ଷିଣ ଆଫ୍ରିକୀୟ କ୍ରିକେଟ ପ୍ରଶିକ୍ଷକ ନିଜେ ଏହି ପ୍ରସଙ୍ଗରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଏହାର ଅଫିସିଆଲ୍ ସୋଶାଲ୍ ମିଡିଆ। ଆକାଉଣ୍ଟ 'ଏକ୍ସ'ରେ ଲେଖିଛି ଯେ ଗ୍ୟାରୀ କିର୍ଷ୍ଟନ୍ ତାଙ୍କ ଇସ୍ତଫା ପତ୍ର ଦାଖଲ କରିଛନ୍ତି, ଯାହା ଗ୍ରହଣ କରାଯାଇଛି। ଏହା ବ୍ୟତୀତ ଅଷ୍ଟ୍ରେଲିଆ। ଗସ୍ତ ପାଇଁ ନୂଆ। କୋଚ୍ ମଧ୍ୟ ଘୋଷଣା କରିଛି ବୋର୍ଡ ପିସିବି ଲେଖିଛି, 'ଜାସନ୍ ଗିଲ୍ସପି ଆସନ୍ତା ମାସରେ ଅଷ୍ଟ୍ରେଲିଆ। ବିପକ୍ଷ ସୀମିତ ଓଭର ସିରିଜ ପାଇଁ ପାକିସ୍ତାନ ପୁରୁଷ କ୍ରିକେଟ୍ ଦଳର କୋଚ୍ ହେବେ'।

ଆଇପିଏଲ୍ ଫ୍ରାଞ୍ଚାଇଜ୍ ଗୁଜରାଟ ଟାଇଟାନ୍ସଠାରୁ ପୃଥକ ହେବା ପରେ ଗ୍ୟାରୀ କିର୍ଷ୍ଟନଙ୍କୁ ଏପ୍ରିଲ ୨୮, ୨୦୨୪ରେ ଦୁଇ ବର୍ଷ ପାଇଁ ପାକିସ୍ତାନ କ୍ରିକେଟ୍ ଦଳର ସୀମିତ ଓଭର ପ୍ରଶିକ୍ଷକ ଭାବରେ ନିଯୁକ୍ତ କରିଥିଲା ପିସିବି କିର୍ଷ୍ଟନ୍ କୋଚ୍ ହେବା ପରେ ପରେ ଆୟର୍ଲ୍ୟାଣ୍ଡ ବିପକ୍ଷରେ ୨-୧ରେ ଟି୨୦ ସିରିଜ୍ ଜିତିଥିଲା ପାକିସ୍ତାନ ଏହାପରେ ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜକୁ ୦-୨ରେ ହାରିବା ସହ ଜୁନ୍ ମାସରେ ୱେଷ୍ଟଇଣ୍ଡିଜ୍ ଏବଂ ଆମେରିକାରେ ଆୟୋଜିତ ଟି୨୦ ବିଶ୍ୱକପରେ ସୁପର-୮କୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା ଦଳ ପାକିସ୍ତାନର ଏଭଳି ପ୍ରଦର୍ଶନ ପାଇଁ ଦଳର ମୁଖ୍ୟ ପ୍ରଶିକ୍ଷକ ଥିବା କିର୍ଷ୍ଟନଙ୍କୁ ମଧ୍ୟ ଖୁବ୍ ସମାଲୋଚନାର ସାମ୍ନା କରିବାକୁ ପଡ଼ିଥିଲା।

## 'ରୋହିତଙ୍କୁ ଟି ୨୦ ମାନସିକତା ଛାଡିବାକୁ ପଡିବ'

ମୁମ୍ବାଇ,୨୮।୧୦: ପରାଜୟ ନେଇ ପୂର୍ବତନ ଭାରତୀୟ କ୍ରିକେଟର ସଞ୍ଜୟ ମଞ୍ଜରେକର ପ୍ରତିକ୍ରିୟା ରଖିଛନ୍ତି। ସେ ରୋହିତ ଶର୍ମାଙ୍କ ଅଧିନାୟକତ୍ୱ ଉପରେ ମଧ୍ୟ ମନ୍ତବ୍ୟ ଦେଇଛନ୍ତି। ମଞ୍ଜରେକର କହିଛନ୍ତି ଯେ ରୋହିତ ଟେଷ୍ଟରେ ଟି -୨୦ ନୀତି କାର୍ଯ୍ୟକାରୀ କରିବା ଉଚିତ ନୁହେଁ। ଖବର ଅନୁଯାୟୀ ସଞ୍ଜୟ ମଞ୍ଜରେକର କହିଛନ୍ତି ଯେ ସରଫରାଜ ଖାନଙ୍କୁ ବ୍ୟାଟିଂ କରିବାକୁ ତଳଆଡ଼କୁ ପଠାଇବା ଏବଂ ତାଙ୍କ ଆଗରୁ ୱାଶିଂଟନ୍ ସୁନ୍ଦରଙ୍କୁ ପଠାଇବା, ଏହି ପ୍ରକାରର କାମ ହୁଏ ନାହିଁ। ରୋହିତ ଶର୍ମା ଗୋଟିଏ ଜିନିଷରୁ ଦୂରେଇ ରହିବା ଆବଶ୍ୟକ। ସେ ଟି୨୦ ମାନସିକତାକୁ ମନେ ରଖିବା ଉଚିତତ ବାମ ଏବଂ ଡାହାଣ ହାତର ମିଶ୍ରଣ ସହିତ ମେଳ କରିବାର କୌଣସି ଆବଶ୍ୟକତା ନାହିଁ ।ସେମାନେ କେବଳ ନିଜ ଖେଳାଳିଙ୍କ ଦକ୍ଷତା ସହିତ ଆଗକୁ ବଢିବା ଉଚିତ୍ ପୁଣେ ଟେଷ୍ଟର ପ୍ରଥମ ଇନିଂସରେ ନ୍ୟୁଜିଲ୍ୟାଣ୍ଡ ୨୫୯ ରନ୍ ସଂଗ୍ରହ କରିଥିଲା। ଦ୍ୱିତୀୟ ଇନିଂସରେ ୨୫୫ ରନ୍ ସ୍କୋର କରିଥିଲେ। ଏହାର ଜବାବରେ ଭାରତୀୟ ଦଳ ପ୍ରଥମ ଇନିଂସରେ ୧୫୬ ରନ୍ ସ୍କୋର ହିଁ କରିଥିଲା ଏହି ସମୟରେ ଯଶସ୍ୱୀ ଜୟସ୍ୱାଲ ଏବଂ ଶୁବମନ ଗିଲ ୩୦-୩୦ ରନ୍ ସ୍କୋରରେ ଆଉଟ୍ ହୋଇଥିଲେ। ରବିନ୍ଦ୍ର ଜାଡେଜା ୩୮ ରନ୍ କରିଥିଲେ। ଦ୍ୱିତୀୟ ଇନିଂସରେ ୨୪୫ ରନ୍ ସ୍କୋରରେ ଟିମ୍ ଇଣ୍ଡିଆ। ଭାଙ୍ଗିପଡିଥିଲା। ଏହି ସମୟ ମଧ୍ୟରେ ଯଶସ୍ୱୀ ୭୭ ରନ ଖେଳିଥିଲେ। ୬୫ ବଲର ସମ୍ମୁଖୀନ ହୋଇ ସେ ୯ ଚୌକା ଓ ୩ ଛକା ମାରିଥିଲେ ଜାଡେଜା ୪୨ ରନ୍ ସଂଗ୍ରହ କରିଥିଲେ।

# ସିରିଜ୍ କଲା ବରାବର କଲା ମହିଳା ନ୍ୟୁଜିଲାଣ୍ଡ ଟିମ୍




ଅହମ୍ମଦାବାଦ,୨୮।୧୦: ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ୍ ଦଳ ରବିବାର ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳା ଯାଇଥିବା ଦ୍ୱିତୀୟ ଦିନିକିଆରେ ଭାରତକୁ ୭୬ ରନରେ ହରାଇଛି ନ୍ୟୁଜିଲାଣ୍ଡ ପ୍ରଥମେ ପୁରୁଷ ଦଳକୁ ହରାଇବା ପରେ ଏବେ ମହିଳା ଦଳକୁ ମଧ୍ୟ ଧୂଳି ଚଟାଇଛି ।ବିଜୟ ସହ ମହିଳା ଦଳ ଦିନିକିଆ। ସିରିଜକୁ ୧-୧ରେ ବରାବର କରିଛି । ଭାରତ ପକ୍ଷରୁ ରାଧା ଯାଦବ ୪୮ ରନର ପ୍ରଶଂସନୀୟ ଇନିଂସ ଖେଳିଥିଲେ ହେଁ ଦଳକୁ ଜିତାଇ ପାରି ନାହାନ୍ତି ।ମୁକାବିଲାରେ ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୨୫୯ରନ କରିଥିଲା ଜବାବରେ ଭାରତୀୟ ଦଳ ୧୮୩ ରନରେ ଅଲଅାଉଟ୍ ହୋଇଥିଲା।

ନ୍ୟୁଜିଲାଣ୍ଡ ଦ୍ୱାରା ଧାର୍ଯ୍ୟ ୨୬୦ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଭାରତ ଦଳର ପ୍ରଥମ ୱିକେଟ୍ ସ୍ମୃତି ମନ୍ଧାନାଙ୍କ ରୂପେ ହରାଇଥିଲା ମନ୍ଧାନା ନିଜର ଖରାପ ଫର୍ମ ବଜାୟ ରଖି ଖାତା ବି ଖୋଲି ପାରି ନ ଥିଲେ। ଶେଫାଳି ବର୍ମା(୧୧ ରନ) ମଧ୍ୟ ନିରାଶ କରିଥିଲେ। ଯାଷ୍ଟିକା ଭାଟିଆ। ୧୨ ରନ କରି ପାଭିଲିୟନ ଫେରିଥିଲେ। ଅଧିନାୟକ ହରମନପ୍ରୀତ କୌର ୩୫ ବଲରୁ ୨୪ ରନ କରିଥିଲେ ହେଁ ଇନିଂସକୁ ଆଗକୁ ବଢାଇ ପାରି ନ ଥିଲେ। ଜେମିମା ରୋଡ୍ରିଗଜ ୧୭ ରନ ଓ ତେଜଲ ହସବନୀସ ୧୫ ରନ କରି ଆଉଟ୍ ହୋଇଥିଲେ। ଏହି ପରି ଭାରତ ୪୭.୧ ଓଭରରେ ୧୮୩ ରନରେ ଅଲଅାଉଟ୍ ହୋଇଛି।

ଏକଦା ଭାରତ ୮ ୱିକେଟ୍ ହରାଇ ୧୦୮ ରନ କରିଥିଲା ତେବେ ସାଇମା ଠାକୋର ଓ ରାଧା ଯାଦବ ଚମତ୍କାର ବ୍ୟାଟିଂ କରି ଦଳ ପାଇଁ ବିଜୟ ଆଶା ସଞ୍ଚାର କରିଥିଲେ ରାଧା ଓ ସାଇମା ନବମ ୱିକେଟ୍ ପାଇଁ ୭୦ ରନର ଭାଗିଦାରୀ ଯୋଡ଼ିଥିଲେ। ସାଇମା ୨୯ ରନ ଓ ରାଧା ୪୮ ରନ କରି ଆଉଟ୍ ହେବା ସହ ଭାରତ ୧୮୩ ରନରେ ଅଲଅାଉଟ୍ ହୋଇଥିଲା। ।ଏହା ପୂର୍ବରୁ ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୯ ୱିକେଟ୍ ହରାଇ ୨୫୯ ରନ କରିଥିଲା। ଏହି ସମୟରେ ସୋଫିଆ। ଡିଭାଇନ ୮୬ ବଲରୁ ୭୯ ରନର ଅଧିନାୟକତ୍ୱ ଇନିଂସ ଖେଳିଥିଲେ। ଏଥିରେ ୭ ଚୌକା ଓ ୧ ଛକା ସାମିଲ ସୁଜି ବେଟ୍ସ ୭୦ ବଲରୁ ୮ ଚୌକା ସହ ୫୮ ରନର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ ।ଜର୍ଜିଆ। ମଧ୍ୟ ୪୧ ରନ ଓ ମ୍ୟାଡି ଗ୍ରୀନ ୪୨ ରନ କରିଥିଲେ ।

# ଆଉ ଏକ ଶତକ ମାରିଲେ ଅଗ୍ନି



ନୂଆଦିଲ୍ଲୀ,୨୮।୧୦: ସୁପର ହିଟ୍ ବଲିଉଡ ଫିଲ୍ମ ୩ ଇଡିୟଟର ପ୍ରଯୋଜକ ବିଧୁ ବିନୋଦ ଚୋପ୍ରାଙ୍କ ପୁଅ ଅଗ୍ନି ରଣଜୀ ଟ୍ରଫିରେ ନିଜ ଜଲୱା ଜାରି ରଖିଛନ୍ତି। ସେ ମିଜୋରାମ ପାଇଁ ରଣଜୀ ମୁକାବିଲାରେ ପୁଣି ଗୋଟିଏ ଡବଲ ଟନ ହାସଲ କରିଛନ୍ତି। ଏହା ତାଙ୍କ କ୍ରିକେଟର କ୍ୟାରିୟରର କ୍ରମାଗତ ଦ୍ୱିତୀୟ ଡବଲ ସେଞ୍ଚୁରୀ।ସେ ମଣିପୁର ବିପକ୍ଷରେ ୨୬୯ ବଲରେ ୨୧୮ ରନର ଇନିଂସ ଖେଳିଛନ୍ତି। ତାଙ୍କ ଡବଲ ଟନ ବଳରେ ମିଜୋରାମ ତାର ପ୍ରଥମ ଇନିଂସରେ ବିଶାଳ ୫୩୬ ରନ କରିଛି। ଅରୁଣାଚଳ ପ୍ରଦେଶ ବିପକ୍ଷରେ ଅଗ୍ନି ପ୍ରଥମ ଇନିଂସରେ ୧୧୦ ଓ ଦ୍ୱିତୀୟ ଇନିଂସରେ ଅପରାଜିତ ୨୩୮ ରନର ଇନିଂସ ଖେଳିଥିଲେ। ମିଜୋରାମ ଏହି ମ୍ୟାଚ୍‌କୁ ୨୬୭ ରନରେ ବିଜୟୀ ହୋଇଥିଲା। ଅଗ୍ନି ପୂର୍ବରୁ ମୁମ୍ବାଇ ପାଇଁ ଅଣ୍ଡର ୧୯ ଓ ଅଣ୍ଡର ୨୩ କ୍ରିକେଟ ଖେଳିଥିଲେ ହେଲେ ୨୫ ବର୍ଷୀୟ ଅଗ୍ନିଙ୍କୁ ତାଙ୍କ କୋଚ କୁଶପ୍ରୀତ ସିଂହ ଆଉ ଏକ ରାଜ୍ୟରୁ ଖେଳିବାକୁ ପରାମର୍ଶ ଦେଇଥିଲେ। ଏହାପରେ ସେ ମିଜୋରାମ ପାଇଁ ରଣଜୀ ଖେଳି ଚାଲିଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ